Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 192
Thursday, 17 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୭ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସମ୍ବଲପୁରରେ ଡପଲର ରାଡାର ଲୋକାର୍ପିତ

ଭୁବନେଶ୍ୱର/ସମ୍ବଲପୁର, ୧୬/୯ (ଆ.ପ୍ର) : ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍ଲର ପାଣିପାଗ ରାଡାର୍‌ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳାନ୍ୟାସ କରିଛନ୍ତି । ଏଥିସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ । 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର । ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଅଂଚଳିକ ପରିଚୟର ଗୌରବ । ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି । ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସର ଶୁଭାରମ୍ଭ କରିଥିଲେ । ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି

ଟଙ୍କା ବ୍ୟୟବରାଦ କରାଯାଇଛି । ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଇଗଜଟଞ୍ଚ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ । ଏତଦବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପଲର ପାଣିପାଗ ରାଡାର୍‌ର ସ୍ୱତନ୍ତ୍ର ଆଂଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଂଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି । ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର । ୨୪ ଘଂଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ । ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଂଚଳ ଉପକୃତ ହେବେ । ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ । ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲ୍ୟୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ । ଏହା ସହିତ ବିଦ୍ୟୁତ, ଶିଳ୍ପ, ପରିବହନ ଓ ଗ୍ରୀଡ୍ ଅପରେସନ୍ କ୍ଷେତ୍ରରେ ମଧ୍ୟ ଏହା ସତର୍କତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ । ସରକାର 'ଟେକ୍ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଂଟ ସିଷ୍ଟମ' ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍ଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ସମାରୋହ ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ସମ୍ବଲପୁରଠାରେ ଉଦ୍ଘାଟିତ ଡପଲର ରାଡାର ଆମ ପୂର୍ବାନୁମାନ ପ୍ରଣାଳୀ କ୍ଷେତ୍ରରେ ଏକ ବିରାଟ ସଫଳତା ଓ ମାଇଲଖୁଂଟ ବୋଲି କହିଥିଲେ । ଆଗାମୀ ଦିନରେ ଦେଶରେ ଆହୁରି ୪୦ଟି ଡପ୍ଲର ରାଡାର ଯୋଡ଼ାଯିବ, ଯାହାଦ୍ୱାରା ସମଗ୍ର ଓଡ଼ିଶା ରାଜ୍ୟର କୋଣ-ଅନୁକୋଣ ପାଇଁ ସଠିକ୍ ପାଣିପାଗ ପୂର୍ବାନୁମାନ ମିଳିପାରିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପଲର ପାଣିପାଗ ରାଡାରର ସ୍ଥାପନା ଅଂଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି । ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଅଂଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ସଠିକ୍ ତଥ୍ୟ ପାଇପାରିବେ । ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀଠାରେ ମଧ୍ୟ ନୂତନ ଡପଲର ରାଡାର ସ୍ଥାପନ କରାଯାଇ ସମଗ୍ର ଓଡ଼ିଶାକୁ ଏକ ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଅଧୀନକୁ ଅଣାଯିବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଜୟ ନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ଝଙ୍କର ରାଜେଶ ପ୍ରଭାକର ପାଟିଲ, ଉତ୍ତରାଂଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ଥିଲେ ।

ରାଷ୍ଟ୍ରପତି ଭବନ ଠାରେ ଲାଞ୍ଜିଆ ସଉରାଙ୍କ ନୂଆଖାଇ ଭେଟଘାଟ

ରାୟଗଡା, ୧୬/୯ (ଆ.ପ୍ର) : ନୂଆଖାଇ ଭେଟଘାଟ ଅବସରରେ ରାୟଗଡ଼ା ଜିଲା ଗୁଣୁପୁର ବ୍ଲକ୍ ପୁଟାସିଂ ଅଂଚଳରୁ ବିଶେଷ ଭାବେ ଅନୁନ୍ନତ ଜନଜାତି (ପିଭିଟିଜି) ଲାଞ୍ଜିଆ ସଉରାଙ୍କ ଏକ ୧୫ ଜଣିଆ ସାଂସ୍କୃତିକ ଦଳ ରାଷ୍ଟ୍ରପତି ଭବନରେ ହୋଇଥିବା କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ରାଷ୍ଟ୍ରପତି ଭବନରୁ ଆସିଥିବା ନିମନ୍ତ୍ରଣ ପରେ ରାୟଗଡା ଜିଲ୍ଲାର ଏହି ପିଭିଟିଜି ଦଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁଟାସିଂ ଅଂଚଳର ବୀର ଦଳବେହେରା ଏବଂ ଜୁନେଶ ଶବରଙ୍କ ନେତୃତ୍ୱରେ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ । ଏହି ଅବସରରେ ଲାଞ୍ଜିଆ ସଉରାଙ୍କ ବିଶେଷ ଇଡିତାଲ୍ ପେଂଟିଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲାଞ୍ଜିଆ ସୋରା ଦଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲାଞ୍ଜିଆ ସଉରାଙ୍କ ପାରମ୍ପାରିକ ବାଜା ନୃତ୍ୟ ଏବଂ ଜଣେ ବୃଦ୍ଧାଙ୍କ ଦ୍ୱାରା ହୁଇସିଲ୍ ମାରି ରାଷ୍ଟ୍ରପତିଙ୍କୁ ମନମୁଗ୍ଧ କରିଥିବା ସୂଚନାରୁ ଜଣାପଡିଛି । ଗୁଣପୁର ଭଳି ଆଦିବାସୀ ବହୁଳ ପଛୁଆ ଅଂଚଳରୁ ବିରଳ ଜନଜାତିଙ୍କ ରାଷ୍ଟ୍ରପତି ଭବନରେ ନୂଆଖାଇ ପାଳନ କରିବା ଅଂଚଳ ପାଇଁ ଏକ ଗୌରବ ଆଣିଛନ୍ତି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟଯେ ଲାଞ୍ଜିଆ ସରୋଙ୍କ ଇଡିତାଲ ଜିଆଇ ଟ୍ୟାଗ ପାଇଛି । ରାୟଗଡା ଜିଲ୍ଲାରେ ରହିଥିବା ୨ଟି ପିଭିଟିଜିଙ୍କ ମଧ୍ୟରୁ ଲାଞ୍ଜିଆ ସୌରା ଅନ୍ୟତମ । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ୮ଜଣ ପୁରୁଷ ଓ ୭ ଜଣ ମହିଳା ଲାଞ୍ଜିଆ ସୌରା ଯୋଗଦାନ କରିଥିଲେ ।

ଶିଳ୍ପୀକୁଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ଅନେକ ଅନେକ ଶୁଭେଚ୍ଛା । ପ୍ରଭୁ ବିଶ୍ୱକର୍ମାଙ୍କ କୃପାରୁ ଆମ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଓ ପ୍ରଗତିରେ ଭରିଯାଉ ଏତିକି କାମନା - **ସଂପାଦକ**

ମୂର୍ତ୍ତି ବିସର୍ଜନ ବେଳେ ବୁଡିଯାଇ ୪ ଯୁବକ ମୃତ

ଜଗତସିଂହପୁର, ୧୬/୯ (ଆ.ପ୍ର) : ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବଡ଼ ଅଘଟଣ । ନଦୀର ଗଭୀର ପାଣିରେ ଭାସିଗଲେ ୪ ଯୁବକ । ବୁଡ଼ିଯାଇ ୪ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ଜଗତସିଂହପୁର ଜିଲ୍ଲା ଏରସମା ଥାନା ପଣ୍ଡୁଆ ଗୋପାଳପୁର ନିକଟରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ଯୁବକମାନେ ହେଲେ ଓଡନାଳ ଗ୍ରାମର ସୁଶାନ୍ତ ପଲେଇ, ମନୋଜିତ ସ୍ୱାଇଁ, ସ୍ୱପ୍ନଜିତ ବାରିକ ଏବଂ ରଶ୍ମିରଞ୍ଜନ ନାୟକ । ଓଡନାଳ ଗ୍ରାମର କିଛି ଯୁବକ ବୁଧବାର ଅପରାହ୍ନରେ ଘର ପାଖ ନଦୀକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ ।ବିସର୍ଜନ ସମୟରେ ଅସାବଧାନତା ହେତୁ ୪ ଜଣ ଯୁବକ ନଦୀର ପ୍ରବଳ ସ୍ରୋତରେ ଭାସିଯାଇଥିଲେ । ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତୁରନ୍ତ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ।ତେବେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ପହଂଚି ଉଦ୍ଧାର କାର୍ଯ୍ୟ କରିଥିଲେ । ପରେ ଅନ୍ୟ ୨ ଜଣ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି ।

'ସେମିକନ୍ ଇଣ୍ଡିଆ ୨୦୨୬'ର ଉଦ୍ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬/୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ ସେପ୍ଟେମ୍ବର ୨୦୨୬ ସକାଳ ପ୍ରାୟ ୧୦ଟା ସମୟରେ ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ ୨୦୨୬' ର ଉଦ୍ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟ ସମ୍ବୋଧିତ କରିବେ । ୧୭ ରୁ ୧୯ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନି ଦିନିଆ ସମ୍ମିଳନୀ ଓ ପ୍ରଦର୍ଶନୀ 'ସିଲିକନ୍ ଟୁ ସିଷ୍ଟମ୍ସ: ବିଲ୍ଡିଂ ଦ ଇକୋସିଷ୍ଟମ୍' ବିଷୟବସ୍ତୁ ଉପରେ ଆଧାରିତ ହେବ । ଏହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ମୂଲ୍ୟ ଶୃଙ୍ଖଳା ସହ ଜଡ଼ିତ ବିଶ୍ୱସ୍ତରୀୟ ଓ ଭାରତୀୟ କମ୍ପାନୀ, ନୀତି ନିର୍ଦ୍ଧାରକ, ନିବେଶକ, ଗବେଷକ, ଷ୍ଟାର୍ଟଅପ୍, ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରିବ । ଏହି ସମ୍ମିଳନୀ ଭାରତରେ ସହଯୋଗ, ନିବେଶ, ନବାଚାର ଏବଂ ପ୍ରତିଭା ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିବ । ସମାନ୍ତରାଳ ଅଧିବେଶନଗୁଡ଼ିକ ମଧ୍ୟରେ ଡିଜେଲ୍ଲ ଶିଳ୍ପରେ ଅଗ୍ରଗତି, ସହଯୋଗ ଓ ମିଳିତ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଛଅଟି ଦେଶର 'ରାଉଣ୍ଡଟେବଲ୍ ବୈଠକ ଏବଂ ମହିଳା ନେତୃତ୍ୱ ଉପରେ ଏକ ଫୋରମ୍ ଆଦି ଅନ୍ତର୍ଭୁକ୍ତ ରହିବ ।

୧୯ରେ ଲଘୁଚାପ, ପୁଣି ବର୍ଷାରେ ଭିଜିବ ଓଡ଼ିଶା

ଭୁବନେଶ୍ୱର, ୧୬/୯ (ଆ.ପ୍ର) : ପୁଣି ବର୍ଷାରେ ଭିଜିବ ଓଡ଼ିଶା, ପୁଣି ଏକ ନୂଆ ପାଣିପାଗ ପ୍ରଣାଳୀକୁ ନେଇ ବଢ଼ିଲା ଚିନ୍ତା । ଉତର ଆଇଲାଣ୍ଡ ଉପରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ୧୯ ତାରିଖ ସନ୍ଧ୍ୟା ସୁଦ୍ଧା ଉତର ଆଣ୍ଡାମାନ ସାଗରରେ ଦାନା ବାନ୍ଧିବ ଲଘୁଚାପ କ୍ଷେତ୍ର । ଏହାପରେ ଧୀରେ ଧୀରେ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତି କରିବ । ପରବର୍ତ୍ତୀ ୩ରୁ ୪ ଦିନରେ ଅର୍ଥାତ ୨୨-୨୩ ତାରିଖ ବେଳକୁ ମୁହାଁଇବ ଓଡ଼ିଶା । ଦକ୍ଷିଣ ଓଡ଼ିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବ ଲଘୁଚାପ । ଏହାର ପ୍ରଭାବରେ ଆଗାମୀ କିଛି ଦିନ ଓଡ଼ିଶାରେ ବର୍ଷା ଜାରି ରହିବ । ଆସନ୍ତା ୨୪ ଘଂଟା ପାଇଁ ୨୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ହୋଇଛି । ସେପଟେ ଘୂର୍ଣ୍ଣିବଳୟ, ଲଘୁଚାପ ଓ ବର୍ଷା ଚେତାବନୀ ଭିତରେ ବାତ୍ୟା ଖବରକୁ ନେଇ ବଢିଛି ଚର୍ଚ୍ଚା । ଭାରତୀୟ ପାଣିପାଗ ବିଭାଗ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଆରବ ସାଗର କିମ୍ବା ବଙ୍ଗୋପସାଗରରେ ବାତ୍ୟାର କୌଣସି ପୂର୍ବାନୁମାନ ନାହିଁ ବୋଲି ସ୍ପଷ୍ଟ କରିଛି । ଅନ୍ୟପଟେ କିଛି ମଡେଲ୍ ସାଇକ୍ଲୋନ୍ ପୂର୍ବାନୁମାନ କରୁଛନ୍ତି । ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳଙ୍କ ମତରେ, ଆସନ୍ତା ସେପଟ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ବିଶ୍ୱସ୍ତରୀୟ ପାଣିପାଗ ମଡେଲର ଆକଳନ ଅନୁସାରେ, ସେପ୍ଟେମ୍ବର ୨୩ରୁ ୨୬ ଭିତରେ ବାତ୍ୟା ସମ୍ଭାବନା ରହିଛି । କିନ୍ତୁ ଏବେଠୁ ଆକଳନ କରିବା ମୁସ୍କିଲ । ଅନ୍ୟପଟେ ପାଞ୍ଜିରେ ଗ୍ରହ-ନକ୍ଷତ୍ରର ଚଳନ ଆଧାରରେ ଆଗାମୀ ଦିନରେ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ହେବାନେଇ ଉଲ୍ଲେଖ ରହିଛି । ତେଣୁ ଚଳିତମାସ ଶେଷ ଓ ଅକ୍ଟୋବରରେ ବାତ୍ୟା ସମ୍ଭାବନା ଥିବା ଦାବି କରିଛନ୍ତି ପାଞ୍ଜିକାର ହରିଶଙ୍କର ମିଶ୍ର । ସେପଟ୍ଟେମ୍ବର ଶେଷ ଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ ସମୟ । ଏତିକିବେଳେ ଅନୁକୂଳ ପରିସ୍ଥିତି ଏକାଠି ହେଲେ ବଙ୍ଗୋପସାଗରରେ ଲଘୁଚାପ ପ୍ରଣାଳୀ ଶକ୍ତିଶାଳୀ ହୋଇପାରେ । ଅଧିକ ସାମୁଦ୍ରିକ ଉଷ୍ଣତା ବାତ୍ୟାକୁ ଆବଶ୍ୟକ ବଳ ଦେଇଥାଏ ।

ବୋମା ମାଡ଼ରେ ରକ୍ତରଞ୍ଜିତ ରାଜଧାନୀ

ଭୁବନେଶ୍ୱର, ୧୬/୯ (ଆ.ପ୍ର) : ରକ୍ତରଞ୍ଜିତ ହେଲା ରାଜଧାନୀ ଉପକଣ୍ଠ । କିଛିଦିନର ନିରବତା ପରେ ପୁଣି ବୀଭତ୍ସ ହତ୍ୟା । ହାଣ୍ଡିଆ ନିଶାରେ ଭାଇକୁ ହତ୍ୟା କଲା ଭାଇ । ଦୁଇଟି ବୋମାମାଡ଼ରେ ଥରି ଉଠିଲା ସ୍ଥାନୀୟ ଅଂଚଳ । ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ାରୁ ପରସ୍ପରକୁ ଫିଙ୍ଗିଲେ ବୋମା । ବୋମା ମାଡ଼ରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ସାନଭାଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏଭଳି ଘଟଣା ଗତକାଲି ରାତିରେ ଚନ୍ଦକା ଥାନା ଅଧୀନ ମହୁଲ ଗାଁରେ ଘଟିଛି । ଦୀର୍ଘ ଦିନର ନୀରବତା ପରେ ପୁଣି ରାଜଧାନୀରେ ବୀଭତ୍ସ ହତ୍ୟାକାଣ୍ଡ । ଗତକାଲି ଦୁଇ ଭାଇଙ୍କ ମଧ୍ୟରେ ବଚସା ଓ ବଚସାକୁ ନେଇ ହତ୍ୟାକାଣ୍ଡ ଘଟଣା ସମସ୍ତଙ୍କୁ ଭୟଭୀତ କରିଛି । ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଥାନା ଅଧୀନ ମହୁଲ ଗାଁରେ ବୋମା ବିସ୍ଫୋରଣରେ ଚାଲିଯାଇଛି ମୋହନ ପାଢ଼ୀ ନାମକ ଯୁବକଙ୍କ ଜୀବନ । ବଡ଼ ଭାଇ ମୋହନଙ୍କ ଉପରେ ବୋମା ଫିଙ୍ଗିଥିବା ସାନ ଭାଇ ମଦନ ପାଢ଼ୀ ମଧ୍ୟ ଗୁରୁତର ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଚନ୍ଦକା ଥାନା ପୁଲିସ ଓ ସାଇଂଟିଫିକ୍ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଗତକାଲି ରାତିରେ ଦୁଇ ଭାଇଙ୍କ ଭିତରେ ଫୋନ କଲ୍‌କୁ ନେଇ ବଚସା ହୋଇଥିଲା । ସାନ ଭାଇ ଫୋନ୍‌ରେ ଜୋରରେ କଥା ହେଉଥିବାରୁ ହଠାତ ଉତକ୍ଷିପ୍ତ ହୋଇପଡ଼ିଥିଲେ ବଡ଼ ଭାଇ ମୋହନ ପାଢ଼ୀ । ନିଶାସକ୍ତ ଅବସ୍ଥାରେ ଥିବାରୁ ହଠାତ ରାଗିଯାଇ ସାନ ଭାଇ ମଦନ ଉପରକୁ ବୋମା ଫିଙ୍ଗିଥିଲା ମୋହନ । ବୋମା ଫୁଟିବାରୁ ମଦନଙ୍କ ହାତ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା । ସାନ ଭାଇ ମଦନ ପାଲଟା ବୋମା ଫିଙ୍ଗିଥିବା ବେଳେ ସେହି ବୋମାଟି ମୋହନଙ୍କ ମୁଣ୍ଡରେ ବାଜି ଫାଟିଥିଲା । ଫଳରେ ମୋହନଙ୍କ ମୁଣ୍ଡ ସମ୍ପୂର୍ଣ୍ଣ ଫାଟିଯାଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ପୁଲିସ କହିବା ଅନୁସାରେ ନିଜ କ୍ଷେତକୁ ବାରହା ଓ ଅନ୍ୟାନ୍ୟ ବନ୍ୟ ଜନ୍ତୁଙ୍କ ଠାରୁ ସୁରକ୍ଷା ଦେବା ପାଇଁ ଏହି ବୋମା ଗୁଡିକ ଆଣି ଘରେ ରଖିଥିଲେ, ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୋମା ଏତେ ସହଜରେ ଲୋକଙ୍କ ନିକଟରେ ପହଂଚୁଛି କେମିତି ? କେଉଁଠି ତିଆରି ହେଉଛି ଏହି ମାରାତ୍ମକ ବୋମା ?

କାଚ ଘରୁ ଓପନ ଏନକ୍ଲୋଜରକୁ ଯିବେ ୫ ଓରାଙ୍ଗଉଟାନ

ଭୁବନେଶ୍ୱର, ୧୬/୯ (ଆ.ପ୍ର) : ସୁସ୍ଥ ଅଛନ୍ତି ୫ଟି ଯାକ ଓରାଙ୍ଗଉଟାନ । ଠିକ୍ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି । ଆସନ୍ତୁ ଆସନ୍ତୁ ଓଡ଼ିଶାର ପାଣିପାଗ ସହ ଖାପ ଖୁଆଉଛନ୍ତି । ତେଣୁ ସେମାନଙ୍କୁ କାଚ ଘରୁ ଓପନ ଏନକ୍ଲୋଜରକୁ ଆଣିବାକୁ ଯୋଜନା କରାଯାଉଛି । ପରିବେଶ ସହ ଖାପ ଓରାଙ୍ଗଉଟାନଙ୍କୁ ଖୁଆଇବାକୁ ଏଭଳି ଯୋଜନା କରାଯାଉଛି । ଓରାଙ୍ଗଓଟାନଙ୍କ ପାଇଁ ଗଠିତ ବୈଷୟିକ କମିଟି ଗ୍ରୀନ୍ ସିଗନାଲ ଦେବା ପରେ ପଦକ୍ଷେପ ନିଆଯିବ । ତେବେ ଖୁଆଡ଼ ଭିତରେ ମଧ୍ୟ କ୍ୱାରେଂଟିନରେ ରହିବେ ଓରାଙ୍ଗଓଟାନ । ଖୁଆଡ଼ରେ ପର୍ଯ୍ୟଟକ ମାନଙ୍କ

ପାଇଁ କଟକଣା ରହିବ । ଏବେ ୫ଟି ଯାକ ଓରାଙ୍ଗଓଟାନ ସୁସ୍ଥ ଅଛନ୍ତି । ସେମାନେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରୁଥିବା ବେଳେ ସେମାନଙ୍କ ଉପରେ ତୀକ୍ଷଣ ନଜର ରଖିଛନ୍ତି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ । ସେପଟେ ଜ୍ୱରରେ ପଡ଼ିଥିବା ଗୋଟିଏ ଓରାଙ୍ଗଉଟାନ ସୁସ୍ଥ ହୋଇଛି । ଏବେ ସମସ୍ତ ୫ ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ୪ ଜଣଙ୍କ ମଳ ନମୁନାରୁ କ୍ରିମି ଜମିଥିବା ଜଣାପଡ଼ିଛି । ପୂର୍ବ ତୁଳନାରେ ୫ ଶିଶୁ ଓରାଙ୍ଗଉଟାନଙ୍କ ଚଳପ୍ରଚଳରେ ମଧ୍ୟ ଉନ୍ନତି ଘଟିଛି । ଗ୍ୟାସ୍ ସମସ୍ୟା ପରେ ବଦଳିଛି ଓରାଙ୍ଗଉଟାନ ଶାବକଙ୍କ ଖାଦ୍ୟ ରୁଟିନ୍ । ପୂର୍ବରୁ ପ୍ରତି ୨ ଘଂଟାରେ ଖାଦ୍ୟ ଦିଆଯାଉଥିବାବେଳେ ଏବେ ପ୍ରତି ୩ ଘଂଟାରେ ଦିଆଯାଉଛି । ନନ୍ଦନକାନନ କର୍ତ୍ତୃପକ୍ଷଙ୍କ କହିବା କଥା, ଡାଏଟ୍ ପରିବର୍ତ୍ତନ ଯୋଗୁଁ ଗ୍ୟାସ୍ ସମସ୍ୟା ହୋଇନାହିଁ ।

ଆତଙ୍କବାଦ ବିରୋଧରେ କେନ୍ଦ୍ର ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): କେନ୍ଦ୍ର ସରକାର ପୁଣିଥରେ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପାକିସ୍ତାନ ସ୍ଥିତ ତଥା ଓଝଓ ସମର୍ଥିତ ଶାହଜାଦ ଭାଟି ନେଟୱାର୍କକୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛନ୍ତି । ଗୃହ ମନ୍ତ୍ରଣାଳୟ ଶାହଜାଦ ଭାଟି ନେଟୱାର୍କକୁ ବେଆଇନ କାର୍ଯ୍ୟକଳାପ ଆଇନ ଅନୁଯାୟୀ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହା ଘୋଷଣା କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସୁରକ୍ଷା ଏଜେନ୍ସି ଗୁଡ଼ିକ ଦେଶର ବିଭିନ୍ନ ରାଜ୍ୟରେ ଶାହଜାଦ ଭାଟି ନେଟୱାର୍କ ବିରୁଦ୍ଧରେ ବଡ଼ ଧରଣର ଅପରେସନ୍ କରିସାରିଛନ୍ତି । ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଅଗଷ୍ଟ ୧୨ ତାରିଖରେ ୧୪ଟି ରାଜ୍ୟରେ ଏକକାଳୀନ ଅପରେସନରେ ୨୫୩ ଜଣଙ୍କୁ ଅଟକ ରଖାଯାଇଥିଲା । ଏହି ନେଟୱାର୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ୮୦ ରୁ ଅଧିକ ଏଫଆଇଆର ଏବଂ ୨୦୦ ରୁ ଅଧିକ ଗିରଫ କରାଯାଇଛି ।

ଖଟରେ ଦୁଇ କିଲୋମିଟର ବୁହା ହେଲେ ରୋଗୀ

ବୌଦ୍ଧ, ୧୬/୯ (ଆ.ପ୍ର) : ରାସ୍ତା ନାହିଁ କି ପୋଲ ନାହିଁ । ରୋଗୀଙ୍କ ପାଖରେ ପହଂଚି ପାରିଲାନି ଆମ୍ବୁଲାନ୍ସ । ଶେଷରେ ଖଟରେ ରୋଗୀଙ୍କୁ ବୁହାହେଲା । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ସଦର ବ୍ଲକ ଟିକରପଡ଼ା ପଂଚାୟତ ଦମଡ଼ା ଗାଁରେ । ଦମଡ଼ାରୁ ବରପଦର ଯାଇଥିବା ରାସ୍ତାରେ ନାଳ ଉପରେ ପୋଲ ନାହିଁ । ଆଉ କାଦୁଅ ପଚପଚ ରାସ୍ତାକୁ ନକହିବା ଭଲ । ଗ୍ରାମବାସୀଙ୍କ ଅଭିଯୋଗ ଯେ ଏହି ରାସ୍ତା ସମସ୍ୟା ଯୋଗୁଁ ତିନି ଦିନ ତଳେ ଗାଁ କୁ ଆମ୍ବୁଲାନ୍ସ ଆସି ପାରିଲା ନାହିଁ । ଯାହାଫଳରେ ଜଣେ ରୋଗୀଙ୍କୁ ଖଟରେ ବୋହି ନେଲେ ଗ୍ରାମବାସୀ । ମେଡିକାଲ୍ ନେବାରେ ବିଳମ୍ବ ହେବାରୁ ସୂର୍ଯ୍ୟକାନ୍ତି କହଁରଙ୍କର ମୃତ୍ୟୁ ଘଟିଛି । ରାସ୍ତା ଓ ପୋଲ ନିର୍ମାଣ ପାଇଁ ପୂର୍ବରୁ ପ୍ରଶାସନକୁ ଲିଖିତ ଅଭିଯୋଗ ହୋଇଛି । ହେଲେ ଅଭିଯୋଗ ପରେ ବି ସମସ୍ୟାର ସମାଧାନ ହୋଇନି । ଜୀବନ ବଂଚାଇବାକୁ ଯେଉଁଠି ଆମ୍ବୁଲାନ୍ସ ପହଂଚିବା କଥା, ସେଠି ରୋଗୀଙ୍କୁ ଖଟରେ ବୋହି ନେଉଛନ୍ତି ଦମଡା ଗ୍ରାମବାସୀ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ଏକପାଦୀ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି

ବଣାଇଁ, ୧୬/୦୯ (ଆ.ପ୍ର) : ଛାତ୍ରଛାତ୍ରୀମାନେ ସ୍କୁଲରେ ସୁସ୍ଥ ମାନସିକତାରେ ପାଠ ପଢିବେ । ଏଥିପାଇଁ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି । ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରାଯାଉଛି । ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ବ୍ଲକରେ ଏମିତି ଏକ ସ୍କୁଲ ଅଛି ଯେଉଁଠି ବିନା ବିଦ୍ୟୁତରେ ଚାଲିଛି ପାଠପଢା । କହିବାକୁ ଗଲେ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ମୌଳିକ ସେବା ଯୋଗାଇବାରେ ବିଫଳ ପ୍ରଶାସନ । ଦୀପ ତଳ ଅନ୍ଧାର ପରି ଏକପାଦୀ ଗାଁରେ ଥିବା ସରକାରୀ ବିଦ୍ୟାଳୟର ଅବସ୍ଥା । ବଣାଇ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଦ୍ୱଲେଇସରା ପଂଚାୟତ ଏକପାଦି ପ୍ରାଥମିକ ବିଦ୍ୟାଳୟ ଠାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ୨୦୨୪ ମସିହାରୁ ବିଦ୍ୟାଳୟ ପାଇଁ ନୂତନ ଗୃହ ତିଆରି ହୋଇଥିଲେ ସୁଦ୍ଧା ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ସୂଚନା ଅନୁସାରେ ପ୍ରକାଶ ଠିକାଦାର ସ୍କୁଲ ଗୃହ ତିଆରି କଲାବେଳେ ପ୍ରଧାନ ଶିକ୍ଷକ ତଥା କମିଟିର ଅଜାଣତରେ ଦୂରରେ ଥିବା ବିଦ୍ୟୁତ ଖୁଣ୍ଟରୁ ଲାଇନ ଆଣି ବିଦ୍ୟୁତ ବ୍ୟବହାର କରୁଥିଲେ । କିନ୍ତୁ ବିଦ୍ୟୁତ ବିଭାଗ ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ନନେଇ ସ୍କୁଲକୁ ଜରିମାନା କରିଥିବା ଜଣା ପଡିଛି । ବର୍ତ୍ତମାନ ସ୍କୁଲର କୋମଳମତି ଶିଶୁ ମାନେ ବିନା ପଙ୍ଖାରେ ପାଠ ପଢୁଛନ୍ତି କ୍ଷ ସରକାର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ମାଧ୍ୟମରେ କେମିତି ପିଲା ସ୍କୁଲକୁ ପାଠ ପଢି ଆସିବେ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ବିଦ୍ୟୁତ ସଂଯୋଗ ହେଉନଥିବାରୁ ପାଠ ପଢ଼ାରେ ବ୍ୟାଘାତ ହେଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ଏଥି ସହିତ ଶୌଚାଳୟ ଯିବାକୁ ହେଲେ ପାଣି ପାଇଁ ମେସିନ୍ ଥିଲେ ମଧ୍ୟ ଚାଲିପାରୁ ନାହିଁ ଫଳରେ ବାଧ୍ୟ ହୋଇ ବାଲଟିରେ ପାଣି ନେଇ ନିତ୍ୟକର୍ମ ଇତ୍ୟାଦି କରିବାକୁ ବାଧ୍ୟ ହେଉଛନ୍ତି ଛାତ୍ରଛାତ୍ରୀ । ସ୍ମାର୍ଟ କ୍ଲାସ୍ କରିବା ଦୂରର କଥା ସ୍କୁଲରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଠିକ୍ ଢଂଗରେ ହୋଇପାରୁନଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ନିରାଶାର ବାତାବରଣ ସୃଷ୍ଟି ହୁଏ ବୋଲି ପରିଚାଳନା କମିଟିର ସଭାପତି କହିଛନ୍ତି । ତେଣୁ ତୁରନ୍ତ ଶିକ୍ଷା ବିଭାଗ ଏବଂ ପ୍ରଶାସନ ବିଦ୍ୟାଳୟରେ ଯଥାଶୀଘ୍ର ବିଦ୍ୟୁତ ସଂଯୋଗ କରିବାକୁ ଦାବୀ ହେଉଛି ।

ଗୁଣପୁରରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ, ପରିଚୟ ଏବେ ବି ଅଜଣା

ଗୁଣପୁର, ୧୬/୦୯ (ଆ.ପ୍ର) : ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣେ ଅଜଣା ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏନେଇ ଗୁଣପୁର ଥାନାରେ ୟୁଡି କେସ୍ ନଂ. ୧୦/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୭ ତାରିଖ ରାତି ପ୍ରାୟ ୧୦ଟା ୨୫ମିନିଟ୍ ସମୟରେ ଅସୁସ୍ଥ ଅବସ୍ଥାରେ ପ୍ରାୟ ୪୦ ବର୍ଷ ବୟସର ଜଣେ ଅଜଣା ବ୍ୟକ୍ତିଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଳୟରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସେପ୍ଟେମ୍ବର ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ପୁଲିସ ରେକର୍ଡ ଅନୁଯାୟୀ, ମୃତକଙ୍କ ବୟସ ପ୍ରାୟ ୪୦ ବର୍ଷ, ଉଚ୍ଚତା ପ୍ରାୟ ୫ ଫୁଟ୍ ୩ ଇଂଚ ଏବଂ ଶରୀରର ବର୍ଣ୍ଣ ଶ୍ୟାମଳ । ତାଙ୍କ ପରିଚୟ ଚିହ୍ନଟ କରିବା ପାଇଁ ଗୁଣପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଛି । ଏହି ବୟସର କୌଣସି ବ୍ୟକ୍ତି ନିଖୋଜ ଥିବା ନେଇ କାହାରି ସୂଚନା ଥିଲେ କିମ୍ବା ମୃତକଙ୍କୁ କେହି ଚିହ୍ନିପାରୁଥିଲେ ଗୁଣପୁର ଥାନାକୁ ସୂଚନା ଦେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି । ମୃତକଙ୍କ ପରିଚୟ ଶୀଘ୍ର ଚିହ୍ନଟ କରିବା ପାଇଁ ବିଭିନ୍ନ ଥାନାକୁ ମଧ୍ୟ ତାଙ୍କ ସମ୍ପର୍କିତ ବିବରଣୀ ପଠାଯାଇଥିବା ଜଣାପଡ଼ିଛି ।

ନୂଆଁ ଅନ୍ନରେ ନୂଆ ସଂକଳ୍ପ : ମାଝୀ ସମାଜ ସହ ନୂଆଁଖାଇ ପାଳିଲେ ଜିଲ୍ଲାପାଳ ମଧୁସୂଦନ ଦାଶ

ନୂଆପଡ଼ା, ୧୬/୦୯ (ଆ.ପ୍ର) : ନୂଆଁ ଅନ୍ନର ସୁଗନ୍ଧରେ ମହକି ଉଠିଲା ଦ୍ୱାରସନୀ ମନ୍ଦିର ପରିସର । ପାରମ୍ପରିକ ରୀତିନୀତି ଓ ନୂଆଁଖାଇର ଆନନ୍ଦ ମଧ୍ୟରେ ମାଝୀ ସମାଜର ଲୋକଙ୍କ ସହ ନୂଆଁଖାଇ ପାଳନ କରିଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ । ସାରାବଙ୍ଗସ୍ଥିତ ଦ୍ୱାରସନୀ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ପରେ ମାଝୀ ସମାଜର ଲୋକଙ୍କ ସହ ବସି ନୂଆ ଅନ୍ନ ଗ୍ରହଣ କରିବା ସହ ପର୍ବର ଆନନ୍ଦ ବାଂଟିଥିଲେ । ନୂଆଁଖାଇର ଏହି ଅବସରକୁ ଜିଲ୍ଲାପାଳ ଏକ ସାମାଜିକ ସଂକଳ୍ପର ମଂଚରେ ପରିଣତ କରିଥିଲେ । ନୂଆପଡ଼ାକୁ ପ୍ରବାସ ମୁକ୍ତ, ନିଶା ମୁକ୍ତ ଓ ସିଙ୍ଗଲ-ୟୁଜ୍ ପ୍ଲାଷ୍ଟିକ ମୁକ୍ତ କରିବା ଦିଗରେ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ । ପ୍ରଶାସନର ପଦକ୍ଷେପ ସହ ସମାଜର ପ୍ରତ୍ୟେକ ବର୍ଗ ଯୋଡ଼ିହେଲେ ହିଁ ଏହି ଲକ୍ଷ୍ୟ ପୂରଣ ସମ୍ଭବ ବୋଲି ସେ ମତ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଦାଶ ବିଶେଷ ଭାବେ ଶିଶୁଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଇ 'ପ୍ରତ୍ୟେକ ଶିଶୁ ବିଦ୍ୟାଳୟରେ' ବାର୍ତ୍ତା ଦେଇଥିଲେ । କୌଣସି ଶିଶୁ ଯେପରି ଶିକ୍ଷାରୁ ବଂଚିତ ନହୁଏ, ସେଥିପାଇଁ ଅଭିଭାବକ, ଶିକ୍ଷକ ଓ ସମୁଦାୟ ମିଳିତ ଭାବେ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଥିଲେ । ଶିକ୍ଷା ହେଉଛି ଶିଶୁର ଭବିଷ୍ୟତ ଗଠନ ସହ ଏକ ସଶକ୍ତ ସମାଜ ନିର୍ମାଣର ମୁଖ୍ୟ ଆଧାର ବୋଲି ସେ କହିଥିଲେ । ନୂଆଁଖାଇ ପର୍ବରେ ଜିଲ୍ଲାପାଳଙ୍କ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ ଓ ସାମାଜିକ ବାର୍ତ୍ତା ଅବସରକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା । ପରମ୍ପରା ସହ ବିକାଶର ସଂକଳ୍ପକୁ ଯୋଡ଼ି ଏହି ଅବସରରେ ଏକ ସଚେତନ ଓ ଦାୟିତ୍ୱଶୀଳ ନୂଆପଡ଼ା ଗଠନର ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ନୂଆପଡ଼ା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରାକର, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ଏବଂ କ୍ଷାପ୍ର ଲେଖକ ଅନିଲ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ନୂଆଁଖାଇର ନୂଆ ଅନ୍ନ ସହ ଜିଲ୍ଲାପାଳଙ୍କ ଏହି ନୂଆ ସଂକଳ୍ପ- 'ପ୍ରତ୍ୟେକ ଶିଶୁ ବିଦ୍ୟାଳୟରେ, ପ୍ରତ୍ୟେକ ପରିବାର ସଚେତନ, ନୂଆପଡ଼ା ପ୍ରବାସ, ନିଶା ଓ ପ୍ଲାଷ୍ଟିକରୁ ମୁକ୍ତ'- ପର୍ବର ସାମାଜିକ ବାର୍ତ୍ତାକୁ ଆହୁରି ବ୍ୟାପକ କରିଥିଲା ।

ଓଡ଼ିଶା ୧୫ ବର୍ଷରୁ କମ୍ ମହିଳା କ୍ରିକେଟ୍ ଦଳରେ ରାୟଗଡ଼ାର ଆୟୁଷା

ଗୁଣପୁର, ୧୬/୦୯ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ଗୁଡ଼ାରିର ଉଦୀୟମାନ ମହିଳା କ୍ରିକେଟ୍ ଖେଳାଳି ଆୟୁଷା ମିଶ୍ର ଓଡ଼ିଶା ୧୫ ବର୍ଷରୁ କମ୍ ମହିଳା କ୍ରିକେଟ୍ ଦଳରେ ଖେଳିବାର ସୁଯୋଗ ପାଇଛନ୍ତି । ଏନେଇ ଓଡ଼ିଶା କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୧୯ ତାରିଖରେ ବଲାଙ୍ଗୀରଠାରେ ଦଳର ଅଭ୍ୟାସ ଶିବିର ଅନୁଷ୍ଠିତ ହେବ । ଏଥିପାଇଁ ଆୟୁଷାଙ୍କୁ ୧୮ ତାରିଖ ସୁଦ୍ଧା ପ୍ରଶିକ୍ଷକଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି । ଗତ କିଛିଦିନ ଧରି ଆୟୁଷା କଟକସ୍ଥିତ ବାରବାଟୀ କ୍ରିକେଟ୍ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ୍ ସଂଘ ପକ୍ଷରୁ ଆୟୋଜିତ ଅଭ୍ୟାସ ଶିବିରରେ ଦଳ ସହ ଅଭ୍ୟାସ କରୁଥିଲେ । ଏହା ପୂର୍ବରୁ ସେ ଗଞ୍ଜାମ ଜିଲ୍ଲା ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଆନ୍ତଃଜିଲ୍ଲା ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଥିଲେ । ସେହିପରି ଗଜପତି ଜିଲା ପକ୍ଷରୁ ମଧ୍ୟ ସେ କ୍ରିକେଟ୍ ଖେଳିଛନ୍ତି । ବର୍ତ୍ତମାନ ଆୟୁଷା ବ୍ରହ୍ମପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଜଣେ ଦକ୍ଷ ବାମହାତୀ ବ୍ୟାଟର୍ ଭାବେ ସେ ରାୟଗଡ଼ା ଜିଲାରେ ପରିଚିତ । କ୍ରିକେଟ୍ ସହିତ ଓଡ଼ିଶୀ ନୃତ୍ୟରେ ମଧ୍ୟ ତାଙ୍କର ରୁଚି ରହିଛି । ଭୁବନେଶ୍ୱରରେ ଆୟୋଜିତ ଏକ ନୃତ୍ୟ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ନୃତ୍ୟଶିଳ୍ପୀଙ୍କଠାରୁ ସେ ପୁରସ୍କୃତ ହୋଇଛନ୍ତି । ଆୟୁଷାଙ୍କ ପିତା ମିନତ ମିଶ୍ର ବର୍ତ୍ତମାନ ବ୍ରହ୍ମପୁରରେ ପୁଲିସ ବିଭାଗରେ କାର୍ଯ୍ୟରତ । ସେ ମଧ୍ୟ ଜଣେ କ୍ରିକେଟ୍ ଖେଳାଳି ଭାବେ ଗୁଡ଼ାରି ପାଇଁ ଅନେକଥର ଗୌରବ ଆଣିଛନ୍ତି । ଝିଅର ସଫଳତା ନେଇ ମିନତ କହିଛନ୍ତି ଯେ, ଆୟୁଷା କ୍ରିକେଟ୍ ପାଇଁ ନିୟମିତ ଭାବେ କଠିନ ପରିଶ୍ରମ କରୁଛନ୍ତି । ସମସ୍ତଙ୍କ ଆଶୀର୍ବାଦ ଓ ସହଯୋଗ ରହିଲେ ଭବିଷ୍ୟତରେ ସେ ଜାତୀୟ ଦଳରେ ଖେଳିବାର ସୁଯୋଗ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଆୟୁଷା ଓଡ଼ିଶା ୧୫ ବର୍ଷରୁ କମ୍ ମହିଳା କ୍ରିକେଟ୍ ଦଳରେ ସ୍ଥାନ ପାଇବା ପରେ ଗୁଡ଼ାରି ସମେତ ସମଗ୍ର ରାୟଗଡ଼ା ଜିଲାରେ ଖୁସିର ଲହରୀ ଖେଳିଯାଇଛି । କ୍ରୀଡ଼ାପ୍ରେମୀ, ଶୁଭେଚ୍ଛୁ ଓ ବିଭିନ୍ନ ମହଲରୁ ଆୟୁଷାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି ।

ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ରୁଜୁ ହେଲା ମାମଲା

ବ୍ରହ୍ମପୁର, ୧୬/୦୯ (ଆ.ପ୍ର) : ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ବଢ଼ିଲା ଅଡୁଆ । ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନାରେ ବିକ୍ରମଙ୍କ ବିରୋଧରେ ନୂଆ ମାମଲା ରୁଜୁ ହୋଇଛି । ସାକ୍ଷୀଙ୍କୁ ଧମକ ଚମକ ଦେବା ନାମରେ ବିକ୍ରମଙ୍କ ନାମରେ ରୁଜୁ ହୋଇଛି ମାମଲା । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ସାକ୍ଷୀ ରହିଥିବା ଗୋଷାଣୀନୂଆଗାଁ ଥାନା ଅଂଚଳର ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ମାସ ୨୮ ତାରିଖରେ ବ୍ରହ୍ମପୁର ଜେଲରୁ ଧମକପୂର୍ଣ୍ଣ ଫୋନ କଲ୍ ଆସିଥିଲା । ଫୋନ୍ ଯୋଗେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବିଜେଡ଼ି ନେତା ମଦନ ଦଳେଇ ଲଳିତଙ୍କୁ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଏହାପରେ ଚଳିତ ମାସ ୧ ତାରିଖରେ ଦୁଇ ଜଣ ଅଚିହ୍ନା ଯୁବକ ଲଳିତଙ୍କୁ ଅଟକାଇ କୋର୍ଟରେ ବିକ୍ରମଙ୍କ ବିରୋଧରେ ସାକ୍ଷୀ ନ ଦେବାକୁ ଧମକାଇଥିଲେ । ଏନେଇ ଲଳିତ ଗତ ୧ ତାରିଖରେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜଣାପଡ଼ିଥିଲା ବ୍ରହ୍ମପୁର ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ଫୋନ୍‌କୁ ବିକ୍ରମ ଓ ମଦନ ମାଗି ଲଳିତଙ୍କୁ ଫୋନ ଯୋଗେ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଫୋନ ଯୋଗେ ଧମକ ଦେବାର ସିସିଟିଭି କ୍ୟାମେରା ଭିଜୁଆଲ ମଧ୍ୟ ପୋଲିସ ଜେଲ୍‌ରୁ ପାଇଛି । ସିସିଟିଭି କ୍ୟାମେରା ଭିଜୁଆଲ ଓ ଅଡ଼ିଓ ରେକର୍ଡ଼ିଂ ପାଇବା ପରେ ତାହାକୁ ଯାଂଚ କରି ଆବଶ୍ୟକୀୟ ତଥ୍ୟ ପ୍ରମାଣ ପାଇବା ପରେ ଗତକାଲି ଗୋଷାଣୀନୂଆଗାଁ ଥାନାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଜେଡ଼ି ନେତା ମଦନ ଦଳେଇ ଓ ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ନାମରେ ମାମଲା ରୁଜୁ ହୋଇଛି । ସେପଟେ ଏହି ମାମଲାରେ ସାକ୍ଷୀ ଥିବା ତଥା ବିକ୍ରମଙ୍କ ଧମକର ଶୀକାର ହୋଇଥିବା ଲଳିତ ମୋହନ ମଙ୍ଗରାଜ ନିଜକୁ ଅସୁରକ୍ଷିତ ମନେ କରି ପୁଲିସକୁ ସୁରକ୍ଷା ମାଗିଛନ୍ତି ।

କଇଁଝର ଗ୍ରାମରେ ଗଣେଶ ପୂଜା ଉପଲକ୍ଷେ ଭାରତ ନୀଳା ନାଟକ ମଂଚସ୍ଥ

ଟିକାବାଲି, ୧୬/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝର ଗ୍ରାମରେ ଗଣେଶ ପୂଜା ଉପଲକ୍ଷେ ମା' ବରାଳ ଦେବୀ ପୀଠ ଠାରେ ସୁଦୂର ଗଞ୍ଜାମ ଜିଲ୍ଲାର ଭାରତ ଲୀଳା ନାଟକ ମଂଚସ୍ଥ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଂଚ ରୁନିତା କହଁର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦୀପ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ନାଏବ ସରପଂଚ ବିରୂପାକ୍ଷ ନାୟକ, ସମିତିସଭ୍ୟା ମିନତୀ କହଁର, ବିଜେପି ମଣ୍ଡଳ ସଭାପତି କପିଳାସ କହଁର, ଯୋଗାଣ ସହାୟକ ସୁକାନ୍ତ କୁମାର ଦିଗାଳ, ଗାଁ ମୁଖିଆ ବିଜୟ କୁମାର ବିଷୋୟୀ, ବରାଳ ଦେବୀ ପୂଜକବୀର ବିଷୋୟୀ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସାମଲ, ବିପିନ ବିହାରୀ ପାତ୍ରଙ୍କ ସହ ରଙ୍କ ନିଧି ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବରାଳ ଦେବୀ ଯୁବକ ସଂଘ ଆୟୋଜନ କରିଥିଲେ । ସଙ୍ଘର ସଭ୍ୟ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଏଥିରେ ବହୁତ ଜନ ସମାଗମ ଦେଖିବାକୁ ମିଳିଥିଲା ।

ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେବ କଳାହାଣ୍ଡିର ବୀରବାଦ୍ୟ ଘୁମୁରା

ଭବାନୀପାଟଣା, ୧୬/୦୯ (ଆ.ପ୍ର) : ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉତ୍ସବ ପାଳନ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି ଓ ଲୋକନୃତ୍ୟକୁ ରାଷ୍ଟ୍ରପତି ଭବନରେ ପ୍ରଦର୍ଶନ କରାଯିବ । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ନୂଆଁଖାଇ ପାଳନ କରାଯିବ ବୋଲି ସୂଚନା ମିଳିଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପରିଚାଳିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ପାଂଚଟି ସାଂସ୍କୃତିକ ଦଳ ସାମିଲ ହେବାକୁ ଥିବା ବେଳେ କଳାହାଣ୍ଡି ଜିଲ୍ଲାର ପାରମ୍ପରିକ ଘୁମୁରା ନୃତ୍ୟକୁ ମଧ୍ୟ ସ୍ଥାନ ମିଳିଛି । କଳାହାଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନ'ର ୧୪ ଜଣିଆ ଘୁମୁରା ନୃତ୍ୟଶିଳ୍ପୀ ଦଳ ରାଷ୍ଟ୍ରପତି ଭବନରେ ନୂଆଁଖାଇ ଅବସରରେ ଘୁମୁରା ନୃତ୍ୟ ପରିବେଷଣ କରିବେ । ଏହା ମାଧ୍ୟମରେ କଳାହାଣ୍ଡିର ପାରମ୍ପରିକ ବୀରବାଦ୍ୟ ଘୁମୁରା ଜାତୀୟସ୍ତରରେ ଆଉ ଏକ ନୂଆ ପରିଚୟ ପାଇବାର ସୁଯୋଗ ପାଇବ ବୋଲି ସାଂସ୍କୃତିକ ମହଲରେ ଆଶା ପ୍ରକାଶ ପାଇଛି । ଏନେଇ ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନର ସଂଯୋଜକ ଜିତେନ୍ଦ୍ର କୁମାର ଭୋଇ ସୂଚନା ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି ଭବନ ଭଳି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ମଂଚରେ ମହାମହିମ ରାଷ୍ଟ୍ରପତିଙ୍କ ସମ୍ମୁଖରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପରିବେଷଣ କରିବା ଅନୁଷ୍ଠାନର କଳାକାରମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । କଳାହାଣ୍ଡିର ଲୋକକଳା ଓ ପାରମ୍ପରିକ ସଂସ୍କୃତିର ଏକ ପ୍ରମୁଖ ପରିଚୟ ଭାବେ ଘୁମୁରାର ସ୍ୱତନ୍ତ୍ର ସ୍ଥାନ ରହିଛି । ରାଷ୍ଟ୍ରପତି ଭବନରେ ଏହାର ପରିବେଷଣ କେବଳ କଳାକାରମାନଙ୍କ ପାଇଁ ନୁହେଁ, ସମଗ୍ର କଳାହାଣ୍ଡି ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଇଛି । ନୂଆଁଖାଇ ଭଳି ଏକ ଗଣପର୍ବକୁ ରାଷ୍ଟ୍ରପତି ଭବନରେ ପାଳନ କରାଯିବା ସହ ଓଡ଼ିଶାର ବିଭିନ୍ନ ଲୋକକଳାକୁ ଜାତୀୟ ମଂଚରେ ପ୍ରଦର୍ଶନ କରାଯିବା ଦ୍ୱାରା ଓଡ଼ିଆ ସଂସ୍କୃତିର ବିବିଧତା ଓ ସମୃଦ୍ଧ ପରମ୍ପରା ଆହୁରି ବ୍ୟାପକ ଭାବେ ପରିଚିତ ହେବ ବୋଲି ସାଂସ୍କୃତିକପ୍ରେମୀମାନେ ଆଶା ରଖିଛନ୍ତି ।

ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ସହ ଭିଡିଓ କଲ୍‌ରେ କଥା ହେଲେ ଜିଲ୍ଲାପାଳ ମଧୁସୂଦନ ଦାଶ

ନୂଆପଡ଼ା, ୧୬/୦୯ (ଆ.ପ୍ର) : ମାନବିକତା କେବଳ ଏକ ମୁହୂର୍ତ୍ତର ସହାୟତା ନୁହେଁ, ବରଂ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ସହଯୋଗର ଏକ ନିରନ୍ତର ମନୋଭାବ । ଏହି ବାର୍ତ୍ତାକୁ ଆଗକୁ ବଢ଼ାଇ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ତାଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ତୁକେଶ ବାଗଙ୍କ ସହ ଆଜି ଭିଡିଓ କଲ୍ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି । କିଛି ଦିନ ପୂର୍ବେ ନୂଆପଡ଼ା ସହରରେ ସ୍କୁଟରରେ ଯାଉଥିବା ବେଳେ ପିପଲଚେଣ୍ଡି ଗ୍ରାମର ୨୯ ବର୍ଷୀୟ ତୁକେଶ ବାଗ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିଲେ । କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜିଲ୍ଲାପାଳ ଶ୍ରୀ ଦାଶ ତାଙ୍କୁ ଦେଖି ତତକ୍ଷଣାତ୍ ନିଜ ଗାଡ଼ି ଅଟକାଇଥିଲେ । ଘଟଣାସ୍ଥଳରେ ପହଂଚି ଆହତ ଯୁବକଙ୍କ ଅବସ୍ଥା ବୁଝିବା ସହ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆବଶ୍ୟକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ତୁକେଶ ବର୍ତ୍ତମାନ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି । ଆଜି ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରୁ ତାଙ୍କୁ ଭିଡିଓ କଲ୍ କରି ଚିକିତ୍ସା କିପରି ହୋଇଥିଲା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ବିନା ଖର୍ଚ୍ଚରେ ଉପଯୁକ୍ତ ଚିକିତ୍ସା ସେବା ମିଳିଥିଲା କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ । ଆଲୋଚନା ସମୟରେ ଜିଲ୍ଲାପାଳ ଶ୍ରୀ ଦାଶ ତୁକେଶଙ୍କୁ କହିଥିଲେ ଯେ, "ଆପଣ ମଧ୍ୟ ଆବଶ୍ୟକତାରେ ଥିବା ଅନ୍ୟମାନଙ୍କୁ ସହାୟତା କରନ୍ତୁ ।" ଏହା ମାଧ୍ୟମରେ ସମାଜରେ ପରସ୍ପର ସହଯୋଗ ଓ ମାନବିକତାର ଭାବନାକୁ ଆହୁରି ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ତୁକେଶଙ୍କ ବୃତ୍ତି ସମ୍ପର୍କରେ ମଧ୍ୟ ପଚାରି ବୁଝିବା ସହ ସରକାରଙ୍କ କୌଣସି ଯୋଜନାରେ ସହାୟତାର ଆବଶ୍ୟକତା ରହିଛି କି ନାହିଁ, ସେ ସମ୍ପର୍କରେ ବୁଝିଥିଲେ । ଯଦି କୌଣସି ସରକାରୀ ଯୋଜନାରେ ସହାୟତା ପାଇଁ ଇଚ୍ଛୁକ ତେବେ ତାଙ୍କୁ ସାକ୍ଷାତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ରାସ୍ତାରୁ ଉଦ୍ଧାର କରି ଚିକିତ୍ସା ସୁନିଶ୍ଚିତ କରିବା ସହ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟ ଓ ସୁବିଧା ସମ୍ପର୍କରେ ନିଜେ ପଚାରି ବୁଝିବା ଜିଲ୍ଲାପାଳ ଶ୍ରୀ ଦାଶଙ୍କ ଏହି ଆଭିମୁଖ୍ୟ ପ୍ରଶାସନର ମାନବିକ ଚେହେରାକୁ ପ୍ରତିଫଳିତ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେପ୍ଟେମ୍ବର ୧୦ ତାରିଖରେ ଆହତ ତୁକେଶଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟ ପଠାଇବା ସହ ତୁରନ୍ତ ଆବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେଇଥିଲେ । ଜିଲ୍ଲାପାଳଙ୍କ ଏହି ମାନବିକ ଆଭିମୁଖ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା ।

ଗ୍ରାମରେ ଶାନ୍ତି ଫେରେଇବା ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ

କୁକୁଡାଖଣ୍ଡି, ୧୬/୦୯ (ଆ.ପ୍ର) : ବ୍ରହ୍ମପୁର ସଦର ଥାନା ପୁଲିସ ପକ୍ଷରୁ କୁକୁଡାଖଣ୍ଡିରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ କରାଯାଇଛି । ଗତ ଦୁଇ ଦିନ ତଳେ ଗ୍ରାମର ଦାସ ସାହିରେ ବୋମାମାଡ଼ ଘଟଣାକୁ ନେଇ ସାହିରେ ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାପରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ତଥା ଅପରାଧ ନିୟନ୍ତ୍ରଣ ପାଇଁ ସଦର ପୋଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି । ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବରୁ କୁକୁଡାଖଣ୍ଡି ଗ୍ରାମର ଦାସ ସାହିରେ ବୋମାମାଡ଼ ହୋଇଥିଲା । ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଘଟଣା ପରେ ଗ୍ରାମବାସୀ ଏବଂ ସାହି ବାସିନ୍ଦା ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ପୁଣି ଥରେ ଏଭଳି ଅଘଟଣ ନ ଘଟୁ ଏବଂ ଅଂଚଳରେ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ମଙ୍ଗଳବାର ସନ୍ଧ୍ୟା ସମୟରେ ସଦର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା । ପ୍ରଥମେ କୁକୁଡାଖଣ୍ଡି ଛକରୁ ବାହାରି ଦାସ ସାହି, ମୁଖ୍ୟ ବଜାର ସମେତ ଗ୍ରାମର ବିଭିନ୍ନ ସାହି ଓ ଗଳିକନ୍ଦି ବୁଲି ଏହି ଫ୍ଲାଗମାର୍ଚ୍ଚ କରିଥିଲେ । ଏହି ସମୟରେ ପୋଲିସ ଲୋକମାନଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଏବଂ କୌଣସି ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ନିବେଦନ କରିଥିଲା । ଯଦି କୌଣସି ବ୍ୟକ୍ତି କୁକୁଡ଼ାଖଣ୍ଡି ଗ୍ରାମରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଚେଷ୍ଟା କରେ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଫ୍ଲାଗମାର୍ଚ୍ଚ ପରେ ଅଂଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି । ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀମତୀ ପରିଡ଼ା କହିଛନ୍ତି । ପୋଲିସର ଏଭଳି ତତ୍ପରତା ପରେ ଗ୍ରାମରେ ଶାନ୍ତି ଶୃଙ୍ଖଳା ଫେରିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

ଟେଟ୍ରାହେଡ୍ରନ କଲେଜର ୩ଟି କ୍ୟାମ୍ପସରେ ଗଣେଶ ପୂଜା ପାଳିତ



ଟାଙ୍ଗୀ ଚୌଦ୍ୱାର, ୧୬/୦୯ (ଆ.ପ୍ର) : ପବିତ୍ର ଗଣେଶ ଚତୁର୍ଥୀ ଉପଲକ୍ଷେ ଟାଙ୍ଗୀ ଅଂଚଳ ଗୋଟିଏ ସ୍ଥାନରେ ୧୬ ଗୋଟି ମଣ୍ଡପ ସହ ପ୍ରତିମା ପୂଜା ଆୟୋଜନ କରି ଏବେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କୋଟସାହି ପଂଚାୟତ ଦାଗଠ କହେଇପୁର ପଂଚାୟତର ଉଗଡପୁର ଗ୍ରାମରେ ବହୁ ମଣ୍ଡପରେ ବିଘ୍ନରାଜଙ୍କ ପୂଜାର୍ଚ୍ଚନା ଦେଖିବାକୁ ମିଳିଛି । ବିଭିନ୍ନ ବିଦ୍ୟାପୀଠର ଛାତ୍ରଛାତ୍ରୀ ମାନେ ପୂଜା ଆୟୋଜନ କରୁଥିବାବେଳେ ଟେଟ୍ରାହେଡ୍ରନ କଲେଜର ତିନୋଟି କ୍ୟାମ୍ପସରେ ବଡ଼ ଆକାରରେ ପୂଜାର ଆୟୋଜନ କରାଯାଇଥିଲା । ଟେଟ୍ରାହେଡ୍ରନ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ଶିକ୍ଷାବିତ୍ ତ୍ରିବେଦ ବେହେରା (ତ୍ରିବେଦ ସାର) ଟାଙ୍ଗୀ ସମେତ, ଉଗଡପୁର, ସପା, ଗଡ଼ଗାଁ, ଉଚ୍ଚପଦା, ଉଚିମୁଣ୍ଡା, ହରିଅଣ୍ଡା ଆଦି ବହୁ ପଂଚାୟତରେ ପିଲାମାନଙ୍କର ନିମନ୍ତ୍ରଣ ରକ୍ଷା କରି ପହଂଚିଥିଲେ । ବିଶ୍ୱଜିତ ଅଂଚଳ, ହୃଷିକେଶ ସାମଲ, ଚନ୍ଦ୍ରକାନ୍ତ ସାମଲ, ସମେତ ବହୁ ଭକ୍ତଙ୍କ ପୂଜା ମଣ୍ଡପରେ ଦେଖିବାକୁ ମିଳିଥିଲା ।

ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୂଣ୍ୟ ୧୩୯ତମ ଜନ୍ମ ଦିବସ ପାଳିତ



ଟିଳିକା/ବାଣପୁର, ୧୬/୦୯ (ଆ.ପ୍ର): ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୂଣ୍ୟ ୧୩୯ତମ ଜନ୍ମ ଦିବସ ବାଣପୁର ସତସଙ୍ଗ ବିହାର ଠାରେ ପରମ ପ୍ରେମମୟଙ୍କର ସତସଙ୍ଗ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଭାଦ୍ରବ ସତସଙ୍ଗ ପରିକ୍ରମାର ଭଜପନୀ ଦିବସରେ ବହୁ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଥିଲା । ପ୍ରାୟ ଏକ ମାସ ଧରି ବହୁ ସଂଖ୍ୟାରେ ଉଲ୍ଲସନାରେ ଯୋଗ ଦେଇ ନିଜେ ଧନ୍ୟ ହେବା ସହ ପ୍ରତି ପ୍ରତ୍ୟେକଙ୍କୁ ଧନ୍ୟ କରିଛନ୍ତି ଏହି ସତସଙ୍ଗରେ । ପ୍ରଥମେ ଶୁଭଶଙ୍ଖ ଧ୍ୱନି ଦିନଶର ଦିଆ ଯାଇଥିଲା । ପରେ ପ୍ରାର୍ଥନା ଆରମ୍ଭ କରାଯାଇ ଥିଲା । ଠାକୁରଙ୍କ ସତ୍ୟା ଅନୁସରଣ ସହିତ ନାରୀନିତୀ ଗ୍ରନ୍ଥ ପାଠ ପଠନ କରାଯାଇ ଥିଲା । ମହେଶ୍ୱର ଜେନା ଶ୍ରୀ ଶ୍ରୀ ଠାକୁରଙ୍କ ଭଜନ ପରିବେଷଣ ସହିତ ଠାକୁରଙ୍କ ଯାଜନ କରିଥିଲେ । ଟିକିଲା ନିର୍ବାଚନ ମଣ୍ଡଳୀର ଟିକିଲା ବ୍ଲକ ଓ ବାଣପୁର ବ୍ଲକ ଅଂଚଳର ପ୍ରତ୍ୟେକ ଗୁରୁଭାଇ ଓ ଗୁରୁମା ବହୁ ସଂଖ୍ୟାରେ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବିଜେପି ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ଏନଏସି ବିଜେପିର ଯୁବ ସଙ୍ଗଠକ ଦେବୀ ପ୍ରସାଦ ମିଶ୍ର ଓ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପରିଶେଷରେ ଠାକୁରଙ୍କ ଯାଜନ ଗାନ କରିବା ସହିତ ପ୍ରତ୍ୟେକ ଗୁରୁଭାଇ, ଗୁରୁମା ମାନେ ବନ୍ଦେପୁରୁଷୋତ୍ତମ ଧ୍ୱନିରେ ପ୍ରକମ୍ପିତ ହୋଇ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ତତ୍ସହିତ ଆନନ୍ଦ ବଜାର ପ୍ରସାଦ ସେବନ ସାରି ଗୁରୁଭାଇ ଓ ଗୁରୁମା ମାନେ ନିଜକୁ ଧନ୍ୟ ମନେ କରିଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ସରକାରୀ ନିୟମକୁ ଫୁ କରି ରାସ୍ତା ନିର୍ମାଣ, ଅଭିଯୋଗ ପରେ ଲାଗିଲା ସୂଚନା ଫଳକ

ଲଙ୍କେଶ୍ୱର, ୧୬/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନ ବାଲିକୁଟି ପଂଚାୟତର ଦକ୍ଷିଣ ମହାବନା ଗ୍ରାମରେ ପକ୍କା ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ପରେ ନିର୍ମାଣସ୍ଥଳୀ ନିକଟରେ ସୂଚନା ଫଳକ ଲଗାଯାଇଥିବା ଦେଖାଯାଇଛି । ସୂଚନା ଅନୁସାରେ, ୨୦୨୬-୨୭ ଆର୍ଥିକ ବର୍ଷରେ ଦକ୍ଷିଣ ମହାବନା ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ଘରଠାରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ୩ ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଯାଇନଥିଲା । ଏପରିକି ଚଳିତ ସେପ୍ଟେମ୍ବର ମାସ ୧୨ ତାରିଖରେ ସୂଚନା ଫଳକ ବିନା ରାସ୍ତା ନିର୍ମାଣ କାମ କରାଯାଇଥିବା ନେଇ

ଗ୍ରାମବାସୀ କାର୍ଯ୍ୟସ୍ଥଳୀର ଫଟୋ ସହ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣ କାର୍ଯ୍ୟର ପର୍ଯ୍ୟବେକ୍ଷଣ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିୟମିତ ଭାବେ ନିର୍ମାଣସ୍ଥଳୀକୁ ଆସିନଥିବା ଅଭିଯୋଗ ରହିଛି । ଏହାସହ ଅନୁମୋଦିତ ପ୍ରକଳ୍ପର କାର୍ଯ୍ୟକୁ ଦୁଇଟି ଭାଗରେ କରାଯାଇଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ଏକ ପୋଲ ନିକଟରେ ପ୍ରାୟ ୬୦ ଫୁଟ ନୂଆ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଅନ୍ୟ ଏକ ସ୍ଥାନରେ ପୂର୍ବରୁ ନଷ୍ଟ ହୋଇଥିବା ପକ୍କା ରାସ୍ତା ଉପରେ ପ୍ରାୟ ୧୫୦ ଫୁଟ ମରାମତି କାର୍ଯ୍ୟ କରାଯାଇଛି । ଫଳରେ ମୋଟ ପ୍ରାୟ ୨୧୦ ଫୁଟ ଅଂଚଳରେ କାର୍ଯ୍ୟ ସୀମିତ ରହିଥିବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଏହାସହ ରାସ୍ତା ନିର୍ମାଣ ସମୟରେ ତଳେ ପ୍ରଥମେ ବାଲି ନଦିଆଯିବା, ସିମେଂଟ ଓ ବାଲିର ଅନୁପାତ ଠିକ୍ ନଥିବା ଆଦି ଅଭିଯୋଗ ମଧ୍ୟ ହୋଇଛି । ଏହି ଅଭିଯୋଗ ଗୁଡ଼ିକର ସତ୍ୟତା ନେଇ ବିଭାଗୀୟ ଯାଂଚ ଆବଶ୍ୟକ ବୋଲି ଗ୍ରାମବାସୀମାନେ କହିଛନ୍ତି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜୟନ୍ତ ନନ୍ଦୀଙ୍କୁ ଗ୍ରାମବାସୀ ପଚାରିଥିଲେ ମଧ୍ୟ ସେମାନଙ୍କୁ ସଠିକ୍ ତଥ୍ୟ ମିଳିନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ରାସ୍ତା ନିର୍ମାଣକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ମଧ୍ୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଏହି ଘଟଣା ସମ୍ପର୍କରେ କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତକାଲି ନିର୍ମାଣସ୍ଥଳୀ ନିକଟରେ ସୂଚନା ଫଳକ ତିଆରି କରାଯାଇଥିବା ଦେଖାଯାଇଛି । ତେବେ ସରକାରୀ ଯୋଜନାର ସ୍ୱଚ୍ଛତା ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ସମ୍ପୂର୍ଣ୍ଣ ଯାଂଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ବିଶେଷକରି ଅନୁମୋଦିତ ଅର୍ଥ ଅନୁଯାୟୀ ରାସ୍ତାର ଦୂରତା, ମାପ, ବ୍ୟବହୃତ ସାମଗ୍ରୀ ଓ ନିର୍ମାଣର ମାନ ଯାଂଚ କରାଯିବା ସହ ଆବଶ୍ୟକ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜୟନ୍ତ ବିଶ୍ୱାଳ, ମୃତ୍ୟୁଞ୍ଜୟ ବେହେରା, ସୁଶାନ୍ତ ସାହୁ, ଗବୀନ୍ଦ୍ର ସାହୁ ଓ ଧନଞ୍ଜୟ ମୈକାପ ପ୍ରମୁଖ ଗଣମାଧ୍ୟମ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ।

ପାଣିରେ ଭାସୁଛି ରିଲିଫ ଚୁଡା ଓ ଗୋଖାଦ୍ୟ
ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଛି ବିତର୍କ

ବାଲିଆପାଳ, ୧୬/୦୯ (ଆ.ପ୍ର) : ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ବାଲିଆପାଳ ବ୍ଲକରେ ନାହିଁ ନଥିବା କ୍ଷତି ହୋଇଛି । ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବିଷ୍ଣୁପୁର ପଂଚାୟତ । ସରକାର ଦ୍ୱିତୀୟ ବନ୍ୟାରେ ବିଷ୍ଣୁପୁର ପଂଚାୟତର ବନ୍ୟା ବିପନ୍ନଙ୍କ ପାଇଁ ୪୫ କ୍ୱିଣ୍ଟାଲ ଚୁଡା ଓ ଗୃହପାଳିତଙ୍କ ପାଇଁ ୬୫ କ୍ୱିଣ୍ଟାଲ ଗୋଖାଦ୍ୟର ବ୍ୟବସ୍ଥା କରିଥିଲେ । ତେବେ ଆଜି ମଧ୍ୟାହ୍ନରେ ହଠାତ ବିଷ୍ଣୁପୁର ପଂଚାୟତ କାର୍ଯ୍ୟାଳୟ ପଛପଟେ ଥିବା ଏକ ଖାଳରେ ବହୁ ପରିମାଣର ଚୁଡା ବସ୍ତା ଓ ଗୋଖାଦ୍ୟ ଭାସୁ ଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଯାହାକୁ ନେଇ ପଂଚାୟତର ରାଜନୈତିକ ବାତାବରଣ ଏକ ପ୍ରକାର ସରଗରମ ହୋଇ ଉଠିଛି । ଆରମ୍ଭ ହୋଇଛି ସାମାଜିକ ଗଣମାଧ୍ୟମରେ ବିତର୍କ । ଏନେଇ ଯୁବ କଂଗ୍ରେସର ବ୍ଲକ ସଭାପତି ସୁବାଷ ନାୟକ ସାମାଜିକ ଗଣମାଧ୍ୟମରେ ବିଷ୍ଣୁପୁର ପଂଚାୟତର ପୂର୍ବତନ ସରପଂଚଙ୍କ ସ୍ୱାମୀ ଜୀବନ ଦାସ ଏବଂ ପୂର୍ବତନ ସମିତି ସଦସ୍ୟ ମନ୍ମଥ ଖିଲାରଙ୍କ ମତାମତ ସହିତ ବର୍ତ୍ତମାନର ସରପଂଚଙ୍କ ଉପରେ ବର୍ଷିଛନ୍ତି । ଅନ୍ୟପକ୍ଷରେ ସରପଂଚ ମହେଶ୍ୱର ଜେନାଙ୍କ ପୁଅ ଚନ୍ଦନ ଜେନା ସାମାଜିକ ଗଣମାଧ୍ୟମରେ ଆସି ସଫେଇ ଦେଇଛନ୍ତି କାହିଁକି ରିଲିଫ ସାମଗ୍ରୀ ପାଣିରେ ଫିଙ୍ଗା ଯାଇଛି ତାହାର କାରଣ କହିଛନ୍ତି । ଏ ସମ୍ପର୍କରେ ପଂଚାୟତ

କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଜନ ପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଚଳିତ ବର୍ଷ ଦ୍ୱିତୀୟ ବନ୍ୟାରେ ବିଷ୍ଣୁପୁର ପଂଚାୟତ ପାଇଁ ୪୫ କ୍ୱିଣ୍ଟାଲ ଚୁଡା ଓ ୬୫ କୁଇଂଟାଲ ଗୋଖାଦ୍ୟ ଆସିଥିଲା । ସେଥିମଧ୍ୟରୁ ସୁବର୍ଣ୍ଣରେଖା ନଦୀର ଅପର ପାର୍ଶ୍ୱରେ ଥିବା ତିନୋଟି ୱାର୍ଡ ରସଲପୁର ଓ ରାମନଗର ପାଇଁ ୮ କୁଇଂଟାଲ ଚୁଡା (୪୦ ବସ୍ତା) ଓ ଗୃହପାଳିତଙ୍କ ପାଇଁ ୯ କୁଇଂଟାଲ (୧୮ ବସ୍ତା) ଗୋଖାଦ୍ୟ ଯାଇଥିଲା ମାତ୍ର ତାହା ସେଠାରେ ବଂଟନ ହୋଇ ପାରି ନଥିଲା । ଯେଉଁଥିପାଇଁ ସେହି ସବୁ ଚୁଡା ଓ ଗୋଖାଦ୍ୟକୁ ରାମନଗର ପ୍ରାଥମିକ ବିଦ୍ୟାଳୟରେ ରଖାଯାଇଥିଲା । ମାତ୍ର ରାତିରେ ବନ୍ୟା ପାଣି ବିଦ୍ୟାଳୟ ଭିତରେ ପଶିଯିବା ଯୋଗୁଁ ତାହା ନଷ୍ଟ ହୋଇଯାଇଥିଲା । ବିଦ୍ୟାଳୟରୁ ଆଣି ପଂଚାୟତ କାର୍ଯ୍ୟାଳୟ ଗୋଦାମ ଘରେ ରଖାଯାଇଥିଲା ସେହି ଚୁଡା ଓ ଗୋଖାଦ୍ୟ । ମାତ୍ର ଆଜି ସରପଂଚ ସେହି ଖରାପ ଚୁଡା ଓ ଗୋଖାଦ୍ୟକୁ ପାଣିରେ ଫିଙ୍ଗି ଦେଇଥିବା ନେଇ ମୁଁ ଜାଣିବାକୁ ପାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ରାଜସ୍ୱରେ ଦିଆଯାଉଥିବା ରିଲିଫ ସାମଗ୍ରୀ ବିପନ୍ନଙ୍କ ପାଖରେ ନ ପହଂଚି ପାଣିରେ ପଡିବା କେତେ ଯୁକ୍ତି ସଙ୍ଗତ । ଏଠାରେ ସୂଚନା ଥାଉକି ୨୦୨୫ ମସିହା ବନ୍ୟା ପରେ ସରକାର ୭ ଦିନର ରିଲିଫ ଚାଉଳ ଯୋଗାଇ ଦେଇଥିଲେ । ପଂଚାୟତର ଲୋକ ସଂଖ୍ୟା ଅନୁପାତରେ ଚାଉଳ ବଂଟନ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ପଂଚାୟତ କାର୍ଯ୍ୟାଳୟ ଗୋଦାମ ଘରୁ ୧୭୫ କ୍ୱିଣ୍ଟାଲ ଚାଉଳ ଗଛିତ ଥିବାର ଦେଖିବାକୁ ମିଳିଥିଲା । ଏବଂ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସେହି ଚାଉଳ ବ୍ଲକକୁ ଫେରିଥିଲା । ତେବେ ଆଜିର ଏହି ଘଟଣା ପରେ ପଂଚାୟତ ବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି ଯେ ଏହି ସବୁ ବାଟମାରଣା ପାଇଁ ରଖାଯାଇ ନଥିଲା ତ? ତେବେ ଏ ସମ୍ପର୍କରେ ବିଡିଓ ବାଲିଆପାଳ ରାଧା ରଞ୍ଜନ ଦାଶଙ୍କୁ ସମ୍ପର୍କ କରାଯାଇଥିଲା ବେଳେ ତାହା ସମ୍ଭବ ହୋଇପାରି ନଥିଲା । ତେବେ ଆଜିର ଏହି ଚୁଡା ଓ ଗୋଖାଦ୍ୟ ଘଟଣାକୁ ନେଇ ପଂଚାୟତର ରାଜନୈତିକ ବାତାବରଣ ସରଗରମ ହୋଇଛି । ପୂର୍ବତନ ଓ ବର୍ତ୍ତମାନ ସରପଂଚଙ୍କ ମଧ୍ୟରେ ଆରମ୍ଭ ହୋଇଛି ସାମାଜିକ ଗଣମାଧ୍ୟମ ଲଢେଇ ।

ବାଲିଆପାଳ ଖପରାପଦା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ୫ ଗିରଫ
ଦେଶୀ ବନ୍ଧୁକ ସହିତ ୩ ଟି ଅଫୁଟା ଗୁଳି ଜବତ

ବାଲିଆପାଳ, ୧୬/୦୯ (ଆ.ପ୍ର) : ବାଲିଆପାଳ ଥାନା ଅଧୀନ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଡକାୟତି ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି । ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗିରଫ କରିଛି ପୋଲିସର ସ୍ୱତନ୍ତ୍ର ଟିମ୍ । ୨୦୨୬ ସେପ୍ଟେମ୍ବର ୮ ତାରିଖ ରାତି ପ୍ରାୟ ୧୦ଟା ୧୦ ମିନିଟ୍ ସମୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖପରାପଦା ଶାଖାର ଶାଖା ମ୍ୟାନେଜର ଅଜୟ କୁମାର ସେଠୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୬ ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ । ପରେ କ୍ୟାସ୍ କାଉଂଟରରୁ ୧୩ ଲକ୍ଷ ୮୦ ହଜାର ୪୪୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରରେ ବାଲିଆପାଳ ଥାନାରେ କେସ୍ ନମ୍ବର ୪୩୧, ତାରିଖ ୦୮.୦୯.୨୦୨୬ରେ ମାମଲା ରୁଜୁ ହୋଇଥିଲା । ବିଏନଏସର ଧାରା ୩୧୦(୨) ସହ ଆର୍ମସ୍ ଆକ୍ଟର ଧାରା ୨୫/୨୭ ଲାଗୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଅଭିଯୁକ୍ତଙ୍କୁ ଧରିବା ପାଇଁ ବାଲେଶ୍ୱର ଏସ୍ପି ଏବଂ ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ ବାଲେଶ୍ୱରଙ୍କ ନିର୍ଦ୍ଦେଶରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ବସ୍ତା ଝଉଚଡ ସମର୍ଥ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଟିମ୍‌ଗୁଡ଼ିକ ତଦନ୍ତ ଓ ଚଢ଼ାଉ ଜାରି ରଖିଥିଲେ । ତଦନ୍ତ ସମୟରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରିଥିଲା । ସନ୍ଦେଶଖାଲି ଥାନା ଅଧୀନ ରାମପୁର, ଜୀବନତଳା ଥାନା ଅଧୀନ ଚଣ୍ଡିବାଲି, ସୋନାରପୁର ଏବଂ ମହେନ୍ଦ୍ରପୁର ଥାନା ଅଂଚଳର ଚାଟପୁର ଆଦି ସ୍ଥାନରେ ଚଢ଼ାଉ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଧରାଯାଇଛି । ୬ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଥିବା ବେଳେ ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଲୁଟ୍ ଟଙ୍କା ଓ ଘଟଣାରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ପୋଲିସର ତଦନ୍ତ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ
ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲିଆପାଳ, ୧୬/୦୯ (ଆ.ପ୍ର) : ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ ପ୍ରୀତମ ସାହୁଙ୍କ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ବାଲିକୁଟି ପଂଚାୟତ ଛଡ଼ା ଠାରେ ଥିବା ଶ୍ରଦ୍ଧାବୃଦ୍ଧା ଆଶ୍ରମର ଅନ୍ତେବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଡ଼ ସ୍ରୋତସ୍ୱିନି ମହାନ୍ତି, ମେଡିକାଲ ଅଫିସର ଡ଼ ସରୋଜ କୁମାର କରଣ, ନର୍ସ ଅଫିସର ରଶ୍ମିତା ସାହୁ, ଫାର୍ମାସିଷ୍ଟ ବିପିନ ବିହାରୀ ପାତ୍ର ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଆବଶ୍ୟକୀୟ ଅନୁଯାୟୀ ଔଷଧ ଦେଇଥିଲେ । ଏହି ସମୟରେ ଶ୍ରଦ୍ଧାବୃଦ୍ଧା ଆଶ୍ରମର ମୁଖ୍ୟ ସଂଯୋଜକ ରବିରଞ୍ଜନ ତ୍ରିପାଠୀ, ସମ୍ପାଦିକା ତପସ୍ୱିନୀ କର, ସୂଚନା ଲୋକସମ୍ପର୍କ ଅଧିକାରିଣୀ ରାଜଶ୍ରୀ ପାଣିଗ୍ରାହୀ, ସହାୟକ ମଞ୍ଜୁଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ନୀଳଗିରି ମହିଳା କଲେଜରେ
ନିଶାମୁକ୍ତ ଭାରତ କର୍ମଶାଳା ଅନୁଷ୍ଠିତ

ନୀଳଗିରି, ୧୬/୦୯ (ଆ.ପ୍ର) : ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦ୍ୱାରା ଏକ ନିଶାମୁକ୍ତ ଭାରତ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପିକା ମଣିମାଳା ବିଶ୍ୱାଳ ମୁଖ୍ୟ ଆଲୋଚିକା ଭାବରେ ଯୋଗଦେଇ ସମାଜକୁ ନିଶାମୁକ୍ତ କରିବାର ଦିଗ ଗୁଡ଼ିକ ବର୍ଣ୍ଣନା କରିଥିଲେ । ଅନ୍ୟ ଆଲୋଚିକା ଭାବରେ ଶିକ୍ଷା ବିଭାଗର ଅଧ୍ୟାପିକା ସୁଷମା ସିଂହ ଯୋଗଦେଇ ଉକ୍ତ କର୍ମଶାଳାର ଉପକାରିତା ବଖାଣିଥିଲେ । ଶେଷରେ ଛାତ୍ରୀ ମଧୁସ୍ମିତା ରଜ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ ।

ଭୋଗରାଇରେ ଓରାଙ୍ଗଉଟାନ ଉଦ୍ଧାର ଘଟଣା
ସିବିଆଇ ଓ ଏନଆଇଏ ତଦନ୍ତ ହେବା ଆବଶ୍ୟକ

ଭୋଗରାଇ, ୧୬/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ବଡ଼ପାଳି ଝାଉଁ ଜଙ୍ଗଲ ଅଂଚଳରୁ ଉଦ୍ଧାର ହୋଇଥିବା ୫ ଟି ଓରାଙ୍ଗଉଟାନ ମାମଲାରେ ଅନ୍ତର୍ଜାତୀୟ ତସ୍କରୀ ଗ୍ୟାଙ୍ଗର ହାତ ରହିଛି ବୋଲି ସନ୍ଦେହ ପ୍ରକାଶ ପାଉଛି । ଏହି ଘଟଣାର ତଦନ୍ତ ଭାର ଏସଟିଏଫ୍ କରୁଥିବା ବେଳେ ୯ ଦିନ ବିତିଯାଇଥିଲେ ମଧ୍ୟ ଦୋଷୀ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି । ଏନେଇ ଉକ୍ତ ମାମଲାର ତଦନ୍ତ ଭାର ସିବିଆଇ ବା ଏନଆଇଏ ଦ୍ୱାରା କରାଯିବାକୁ ଅଂଚଳବାସୀ ଦାବି କରିଛନ୍ତି । ଭୋଗରାଇର ବଡ଼ପାଳି ଝାଉଁ ଜଙ୍ଗଲରୁ ୫ଟି ବିଦେଶୀ ବଣ ମଣିଷ ଓରାଙ୍ଗଉଟାନ ଉଦ୍ଧାର ହେବାକୁ ନେଇ ଜନସାଧାରଣଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । ଓରାଙ୍ଗଉଟାନ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆ ଭଳି ଦେଶ ମାନଙ୍କରେ ଦେଖିବାକୁ ମିଳନ୍ତି । ଏହା ଏକ ବିରଳ ପ୍ରଜାତିର ପ୍ରାଣୀ ହୋଇଥିବା ବେଳେ କିଭଳି ଭାବେ ସୁଦୂର ଇଣ୍ଡୋନେସିଆ ବା ମାଲେସିଆରୁ ଭୋଗରାଇ ପର୍ଯ୍ୟନ୍ତ ଆସିପାରିଲା ? ଏହି ପ୍ରାଣୀ ମାନଙ୍କ ଚାଲାଣ ଆନ୍ତର୍ଜାତୀୟ ବନ୍ୟଜନ୍ତୁ ତସ୍କରୀ ଗ୍ରୁପ ଦ୍ୱାରା କରାଯାଇଛି ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଏହି ତସ୍କର ଗ୍ୟାଙ୍ଗ ବିରଳ ପ୍ରାଣୀଙ୍କୁ ଏତେ ଦୂର ଆଣିପାରିଲା, ତାହେଲେ ଏହି ପଥ ଦେଇ ଦେଶର ଶତ୍ରୁ ମାନେ ମଧ୍ୟ ମାରଣାସ୍ତ୍ର, ଗୋଳା ବାରୁଦ ଆଦି ନେଇ ପ୍ରବେଶ କରିପାରନ୍ତି । ପାଂଚ ପାଂଚଟି ଓରାଙ୍ଗଉଟାନ ଏଠାରେ ପହଂଚିବାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଲୋକଙ୍କ ମନରେ ଘୁରି ବୁଲୁଛି । କୌଣସି ସୁରକ୍ଷା ଅଧିକାରୀଙ୍କ ନଜରରେ ଏମାନେ ଆସି ନଥିଲେ । ବିଶେଷ କରି ଭୋଗରାଇ ବାସୀଙ୍କ ଚିନ୍ତାର ବିଷୟ ହେଉଛି, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ଗୋଳାବାରୁଦ ପରୀକ୍ଷା କେନ୍ଦ୍ର ରହିଛି ଓ ଏପିଜେ ଅବଦୁଲ କଲାମ ଦ୍ୱୀପରେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ରହିଛି । ଅପରାଧୀ ମାନେ ସଫଳତାର ସହିତ ଯଦି ଭୋଗରାଇ ପର୍ଯ୍ୟନ୍ତ ପହଂଚି ପାରୁଛନ୍ତି ତାହେଲେ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରରେ ପହଂଚିବାକୁ କଷ୍ଟକର ହେବ ନାହିଁ । ଯେହେତୁ ଏହି ଘଟଣା ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ତଦନ୍ତ ସିବିଆଇ କିମ୍ବା ଏନଆଇଏ ଦ୍ୱାରା କରାଯିବାକୁ ସାଧାରଣରେ ଦାବି ହେଉଛି ।

ଗ୍ରାମବାସୀଙ୍କ ଦ୍ୱାରା ଆହତ ଷଣ୍ଢର ଚିକିତ୍ସା

ବାଲିଆପାଳ, ୧୬/୦୯ (ଆ.ପ୍ର) : ବାଲିଆପାଳ ବ୍ଲକରେ ବୁଲା ଗାଇ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭିନ୍ନ ସମୟରେ ପଥଚାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅମାଳିଆ ଗାଡି ଚାଳକ ପାଇଁ ଗୋରୁଗାଈ ଦୁର୍ଘଟଣାରେ ଶିକାର ହେଉଛନ୍ତି । ସୋମବାର ଗଣେଶ ପୂଜା ଥିବାରୁ ରାସ୍ତା ଘାଟ ପରିଲକ୍ଷିତ ହୋଇଥିଲା । ଏହି ସମୟରେ ଅଚିହ୍ନା ଅମାଳିଆ ଗାଡ଼ିଚାଳକ ସନ୍ଧ୍ୟାରେ ସିମୁଳିଆ ବଜାରରେ ଗୋଟିଏ ବାଛୁରୀ ଏବଂ ଜଗନ୍ନାଥ ମନ୍ଦିର ପାଖରେ ଗୋଟିଏ ଷଣ୍ଢକୁ ଧକ୍କା ଦେଇଥିଲେ । ଫଳରେ ବାଛୁରୀଟି ଆହତ ହେବା ସହିତ ଷଣ୍ଢର ଗୋଡ଼ ଭାଙ୍ଗିଯାଇଥିଲା । ଖଗଡାପାଳ ଗ୍ରାମର କିଛି ଗ୍ରାମବାସୀ ଷଣ୍ଢଟିକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ପଶୁ ଡାକ୍ତରଙ୍କୁ ଡାକି ଚିକିତ୍ସା କରିଥିଲେ । ବାଲିଆପାଳରେ ବୁଲା ଗୋରୁ ଗାଈଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବାଲିଆପାଳ ବ୍ଲକରେ ଏକ ଗୋଶାଳା ପ୍ରତିଷ୍ଠା ପାଇଁ ମଳୟ ମହାନ୍ତି, ଶରତ କୁମାର ପାଣିଗ୍ରାହୀ , ଅକ୍ଷୟ ମହାନ୍ତି, ଅଜିନ ମହାନ୍ତି, ଅଳୁ ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ରାଉଳ, ଜ୍ୟୋତିଆର୍ଦ୍ଦିତ ମହାନ୍ତି, କାହ୍ନୁ ଚରଣ ଦେହୁରୀ,ବାପୁନା ମୁଖି ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

ଯାତନା - ଜ୍ୱାଳା ଓ ସଂଘାତରୁ କବିତାର ଜନ୍ମ:କବି ଉମାକାନ୍ତ ରାଉତ

ନୀଳଗିରି, ୧୬/୦୯ (ଆ.ପ୍ର) : ମୌସୁମୀ ଅସ୍ଥିର, ଆଉ ଯିଏ ଅସ୍ଥିର ସେ ସୁନ୍ଦର । ମୌସୁମୀର ହସରେ ମେଘ ଲୁଚିଥାଏ । ବିଜୁଳିର ଚମକକୁ ବୁଝିବାକୁ ହେବ । ମୌସୁମୀ ସବୁକିଛି ବଦଳାଇ ଦିଏ । ମୌସୁମୀରେ ଅନ୍ଧକାର ଧୋଇଯାଏ । ମୌସୁମୀ ଏକ ନୈସର୍ଗିକ ନିଆରା ନିମନ୍ତ୍ରଣ । ସର୍ବୋପରି ଯାତନା - ଜ୍ୱାଳା ଓ ସଂଘାତରୁ କବିତାର ଜନ୍ମ ହୁଏବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାରର ସପ୍ତମ ଆଭାସୀ କବିତା ଆସରରେ ଯୋଗଦେଇ କବି ଉମାକାନ୍ତ ରାଉତ ନିଜର ମତ ପ୍ରକାଶ କରିଛନ୍ତି । ସାହିତ୍ୟିକ କବିବନ୍ଧୁ ପରିବାରର ରାଜ୍ୟ ସମ୍ପାଦିକା କବୀ ପ୍ରଣତି ମହାପାତ୍ରଙ୍କ ପୌରୋହିତ୍ୟରେ



ଆୟୋଜିତ ଆସରରେ କଣ୍ଠଶିଳ୍ପୀ ସୋନାଲି ଦାସ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ସମସ୍ତ କବିତା ସଂଯୋଜନା କରିଥିଲେ । ଉକ୍ତ ଆସରରେ କବୀ କନକପ୍ରଭା ଷଡ଼ଙ୍ଗୀ (ନୀଳଗିରି), କବୀ ରୀତା ଅପରାଜିତା ମହାନ୍ତି (ଭୁବନେଶ୍ୱର), କବି ପ୍ରବୀର କମିଳା (ବାଲେଶ୍ୱର), କବି ପ୍ରଫୁଲ୍ଲ ଦାଶ (ନୟାଗଡ), କବି ବିଜୟ କୁମାର ମହାନ୍ତି (ବାଲେଶ୍ୱର), କବୀ ଅନୁପମା ନାଥଶର୍ମା (ବରଗଡ଼), ମଲ୍ଲିକା ପ୍ରଧାନ (ଜଳେଶ୍ୱର), ପ୍ରଣତି ମହାପାତ୍ର (ବାଲେଶ୍ୱର), କବି ନୀଳକଣ୍ଠ ତ୍ରିପାଠୀ (ଚିଲିକା)କବି ଅରୁଣ କୁମାର ଦାସ (ଭୁବନେଶ୍ୱର), କବୀ ପଦ୍ମିନୀ ମିଶ୍ର (ଗଞ୍ଜାମ), କବୀ ମାମାଲି ସାହୁ (ଭୁବନେଶ୍ୱର) ଇତ୍ୟାଦି ନିଜନିଜର ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ପରିବାରର ସଦସ୍ୟା କବୀ ମାମାଲି ସାହୁ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

ବାଲେଶ୍ୱର ସହରକୁ ପ୍ରବେଶ ପଥ ତାମୁଲିଆ ବ୍ରିଜ୍ ବନ୍ଦ କାରଣରୁ ଯାନବାହାନ ଯାତାୟାତରେ ଅସୁବିଧା

ବାଲେଶ୍ୱର, ୧୬/୦୯ (ଆ.ପ୍ର) : ବାଲେଶ୍ୱର ସହରର ପ୍ରମୁଖ ପ୍ରବେଶପଥ ତାମୁଲିଆ ଉଡ଼ନ୍ତା ପୋଲର ମରାମତି କାର୍ଯ୍ୟ ପାଇଁ ଯାତାୟାତ ବନ୍ଦ ହେବାର ଆଠ ଦିନ ପରେ ସହର ଓ ଏହାର ଆଖପାଖ ଅଂଚଳରେ ଯାତାୟାତ ସମସ୍ୟା ଗୁରୁତର ହୋଇପଡ଼ିଛି । ବିକଳ୍ପ ରାସ୍ତାରେ ଅତ୍ୟଧିକ ଯାନବାହନ ଚାପ ଯୋଗୁଁ ଅସମ୍ଭାଳ ଭିଡ଼ ସୃଷ୍ଟି ହେଉଥିବା ବେଳେ ଦୀର୍ଘ ରାସ୍ତା ଅତିକ୍ରମ କରିବାରୁ ସହରବାସୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳ ଓ ସୀମାବର୍ତ୍ତୀ ଅଂଚଳର ଲୋକେ ମଧ୍ୟ ହଇରାଣ ହେଉଛନ୍ତି । ତାମୁଲିଆ ବ୍ରିଜ୍ ବନ୍ଦ ପରେ ପ୍ରଶାସନ ପକ୍ଷରୁ ଶୋଭାରାମପୁର ବ୍ରିଜ୍ ଦେଇ ରେମୁଣା ଗୋଲେଇ ରାସ୍ତାରେ ଯାତାୟାତ କରିବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ତେବେ ଏହି ରାସ୍ତାରେ ଯାନବାହନର ଚାପ ବଢ଼ିଯିବାରୁ ଅନେକ ସମୟରେ ଦୀର୍ଘ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି । ଫଳରେ ଶୀଘ୍ର ଗନ୍ତବ୍ୟରେ ପହଂଚିବା ପାଇଁ କିଛି ଲୋକ ବିପଦପୂର୍ଣ୍ଣ ବିକଳ୍ପ ପଥ ବାଛୁଥିବା ଦେଖାଯାଉଛି । ବିଶେଷକରି ଆଳୁପୁର ଅଂଚଳରେ ରେଳଧାରଣା ଉପରେ ଦୁଇଚକିଆ ଯାନ ନେଇ ଲୋକେ ଯାତାୟାତ କରୁଥିବା ଦୃଶ୍ୟ ଏବେ ଚିନ୍ତାର କାରଣ ହୋଇଛି । ଲକ୍ଷ୍ମୀନାରାୟଣ ମନ୍ଦିର ପଛପଟ ଦେଇ ଆଳୁପୁର ରେଳଧାରଣା ପାର ହୋଇ ବାଇକ୍‌ରେ ଯାତାୟାତ କରୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି । ଏଠାରେ ରେଳ ଫାଟକ ନଥିବା ସହ ସୁରକ୍ଷିତ ରେଳପଥ ପାରେଇବାର ମଧ୍ୟ କୌଣସି ବ୍ୟବସ୍ଥା ନାହିଁ । ଏଭଳି ସ୍ଥିତିରେ ଟ୍ରେନ୍ ଆସିବା ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ,

ଆଳୁପୁର ରେଳଧାରଣା ଦେଇ ଏଭଳି ବିପଦପୂର୍ଣ୍ଣ ଯାତାୟାତ କେବଳ ତାମୁଲିଆ ବ୍ରିଜ୍ ବନ୍ଦ ପରଠାରୁ ଆରମ୍ଭ ହୋଇନାହିଁ । ବର୍ଷ ତମାମ ଏହି ଅଂଚଳର କିଛି ଲୋକ ରେଳ ଫାଟକ ନଥିବା ସତ୍ତ୍ୱେ ରେଳଧାରଣା ପାର ହୋଇ ଯାତାୟାତ କରୁଥିବା ଅଭିଯୋଗ ରହିଛି । ତେବେ ତାମୁଲିଆ ଓଭରବ୍ରିଜ୍ ବନ୍ଦ ହେବା ପରେ ଏହି ବିପଦପୂର୍ଣ୍ଣ ପଥ ଉପରେ ଲୋକଙ୍କ ନିର୍ଭରଶୀଳତା ଆହୁରି ବଢ଼ିଛି । ଚିନ୍ତାର ବିଷୟ ହେଉଛି, ଲୋକଙ୍କୁ ରେଳଧାରଣା ପାର ହେବାରୁ ରୋକିବା ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆରପିଏଫ୍ କର୍ମଚାରୀ ଜଗି ରହୁଥିଲେ ମଧ୍ୟ କିଛି ଲୋକ ସେମାନଙ୍କ ସମ୍ମୁଖରେ ରେଳଧାରଣା ପାର ହେଉଥିବା ଦେଖାଯାଉଛି । ଦୀର୍ଘ ରାସ୍ତା ଓ ଟ୍ରାଫିକ୍ ଜାମ୍‌ର ଯନ୍ତ୍ରଣା ଲୋକଙ୍କୁ ଏଭଳି ନିୟମବହିର୍ଭୂତ ଓ ବିପଦପୂର୍ଣ୍ଣ ଯାତାୟାତ ଆଡ଼କୁ ଠେଲି ଦେଉଥିବା ସ୍ଥାନୀୟବାସିନ୍ଦାମାନେ କହିଛନ୍ତି । ଅନ୍ୟପକ୍ଷରେ, ଅଙ୍ଗାରଗଡ଼ିଆ ରେଳ ଓଭରବ୍ରିଜ୍ ଅଧାପନ୍ତରିଆ ଅବସ୍ଥା ମଧ୍ୟ ଲୋକଙ୍କ ଯାତାୟାତ ଯନ୍ତ୍ରଣାକୁ ବଢ଼ାଇଛି । ୨୦୧୮ରୁ ଏହି ଓଭରବ୍ରିଜ୍‌ର ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଠ ବର୍ଷ ପରେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ନିର୍ମାଣାଧୀନ ବ୍ରିଜ୍ ତଳେ ଖାଲଖମା ରାସ୍ତା ଦେଇ ଲୋକେ ବିପଦକୁ ବରଣ କରି ଯାତାୟାତ କରୁଛନ୍ତି । ଏଭଳି ସ୍ଥିତିରେ ତାମୁଲିଆ ବ୍ରିଜ୍‌ର ମରାମତି କାମ ଯଥାଶୀଘ୍ର ଶେଷ କରି ଯାତାୟାତ ସ୍ୱାଭାବିକ କରିବା ସହ ଆଳୁପୁର ରେଳଧାରଣାରେ ବିପଦପୂର୍ଣ୍ଣ ଯାତାୟାତ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି । ଅଂଚଳର ଆବଶ୍ୟକତା ଅନୁଯାୟୀ ସୁରକ୍ଷିତ ରେଳପଥ ପାରେଇବା ବ୍ୟବସ୍ଥା କିମ୍ବା ଅଣ୍ଡରପାସ୍ ଭଳି ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ସ୍ଥାନୀୟମାନେ ଦାବି କରିଛନ୍ତି । ତାମୁଲିଆ ବ୍ରିଜ୍ ବନ୍ଦ ଯୋଗୁଁ ସୃଷ୍ଟି ହୋଇଥିବା ଯାତାୟାତ ସମସ୍ୟା ଏବେ ଜନସୁରକ୍ଷା ପ୍ରସଙ୍ଗରେ ପରିଣତ ହୋଇଛି । ତେଣୁ ଆଳୁପୁର ରେଳଧାରଣାରେ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଓ ରେଳ ବିଭାଗ ପକ୍ଷରୁ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟମାନେ ମତ ଦେଉଛନ୍ତି ।

କାଠଗଣ୍ଡି ସହ ପିକଅପ୍ ଜବତ, ଡ୍ରାଇଭର ଫେରାର

ନୀଳଗିରି, ୧୬/୦୯ (ଆ.ପ୍ର) : ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧୀନସ୍ଥ ସଜନାଗଡ ସେକ୍ସନ ମାଟିଆଳୀ ବିଟ୍ ଅନ୍ତର୍ଗତ ଆରଦନ୍ଧ ନିକଟ ନଟାସାହି ଠାରେ ମଙ୍ଗଳବାର ସକାଳ ୬.୩୦ମିନିଟ ସମୟରେ ଓଡି -୦୧ ଏ ସି- ୩୧୪୯ ନଂ ଏକ ଧଳାରଙ୍ଗର ମାକ୍ସ ପିକଅପ୍ ଗାଡିକୁ ନୀଳଗିରି ବନବିଭାଗ ଅଟକ ରଖିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି । ଉକ୍ତ କାଠଭର୍ତ୍ତି ପିକଅପ୍ ଗାଡିକୁ

ଜାମୁଡିହା ସ୍ଥିତ ବନବିଭାଗ ମାଲଖାନାକୁ ଅଣାଯାଇଥିବା ବେଳେ ବାଲେଶ୍ୱର ବନଖଣ୍ଡ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ଅଧିକାରୀ ମନଓ୍ୱର୍ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୨ଏନ୍ ୨୦୨୬/୨୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି । ଏହି ଚଢ଼ାଉରେ ସଜନାଗଡ ଫରେଷ୍ଟର ସସ୍ମିତା ଶିଅଳ , ନୀଳଗିରି ଫରେଷ୍ଟର ରାମେଶ୍ୱର ମୁର୍ମୁ, ମାଟିଆଳି ଫରେଷ୍ଟଗାର୍ଡ ସୁଜାତା ଓଝା, ସଜନାଗଡ ଫରେଷ୍ଟଗାର୍ଡ ବୁଦ୍ଧିରାମ ହାଂସଦା ସାମିଲ ଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୭ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମ ପରମ୍ପରା

ଭାବ ଓ ବିଶ୍ୱାସର ପାଖୁଡା ମେଲି ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ ରଖିବାର ଅମୋଘ ପଦ୍ଧତିଟିଏ ଭାଗବତ । ବର୍ତ୍ତିବାର ସମସ୍ତ ସକାରାତ୍ମକ ଉପାଦାନର ସମାହାର ଭାଗବତ । ଜୀବନର ଛନ୍ଦାଛନ୍ଦିରେ ମଧ୍ୟରେ ପକୃତ ଜୀବନକୁ ପାଇବାରା ମାଧ୍ୟମ ହେଉଛି ଭାଗବତ । ଏବୁଡି ଶାଳାରୁ ମୁମୂର୍ଷ ଶେଯ ପାଖରେ ପଢାଯାଏ ଏହି ଭାଗବତ । ପ୍ରତି ହୃଦୟର ପ୍ରାଣକେନ୍ଦ୍ର ହେଉଛି ଭାଗବତ । ପ୍ରତି ହୃଦୟରେ ଭାଗବତ ପାଇଁ ଅଛି ଆଦର ଓ ସମ୍ମାନ । ଏହାର ମହତ୍ୱ ଶ୍ରେଷ୍ଠତ୍ୱ । ଚତୁର୍ଦ୍ଦଶ ଶତାବ୍ଦୀରେ ତାଳପତ୍ର ପୋଥିରେ ଅତିବଡୀ ଜଗନ୍ନାଥ ଦାଶଙ୍କ ଦ୍ୱାରା ଓଡିଆ ଭାଷାରେ ପ୍ରଥମ ଥର ପାଇଁ ଭାଗବତ ଲିଖିତ ହୋଇଥିଲା । ଆଧ୍ୟାତ୍ମିକ ଜାଗରଣର ପ୍ରାଣକେନ୍ଦ୍ର ଭାଗବତ । ଓଡିଆ ଭାଗବତର ରଚୟିତା ଅତିବଡୀ ଜଗନ୍ନାଥ ଦାସ ସଂସ୍କୃତର ଅଗାଧ୍ୟ ଜ୍ଞାନ ଅର୍ଜନ କରିଥିଲେ । ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଗବତକୁ ସେ ଓଡିଆରେ ଅତି ସରଳତାର ସହ ବୁଝାଇ ପାରୁଥିଲେ । ତେବେ ସଂସ୍କୃତରେ ରଚିତ ହେତୁ ଓଡିଆ ଭାଷା ଭାଷୀଙ୍କ ମଧ୍ୟରେ ଆଦୃତ ହୋଇ ପାରୁ ନଥିଲା । ଦିନେ ଜଗନ୍ନାଥ ଦାସଙ୍କ ମା ଓଡିଆ ଭାଷାରେ ଭାଗବତ ଶୁଣିବା ପାଇଁ ପୁଅକୁ କହିଲେ, ତେବେ ବାର୍ଦ୍ଧକ୍ୟ ମା, ର ଆଶା ପୂରଣ ହେତୁ ସେ ପଦ୍ୟାନୁବାଦ ଶୁଣାଇବାକୁ ଲାଗିଲେ, ତହିଁରୁ ସୃଷ୍ଟି ଏହି ମହାନ ଗ୍ରନ୍ଥ । ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ନବାକ୍ଷର ବୃତିରେ ସଂସ୍କୃତ ଭାଗବତକୁ ସେ ଓଡିଆ ଭାଷାରେ ରଚନା କରିଥିଲା । ପରେ ଏହା ସମସ୍ତ ଓଡିଆଙ୍କ ପ୍ରାଣକେନ୍ଦ୍ର ହୋଇପାରିଥିଲା । ଓଡିଆ ଭାଷାରେ ରଚିତ ହୋଇଥିବାରୁ ଏହା ସବୁଠାରେ ଆଦୃତ ଲାଭ କରିଥିଲା । ଭାଦ୍ରବ ପୂର୍ଣ୍ଣିମା ଠାରୁ ଜଗନ୍ନାଥ ଦାଶ ଏହି ମହାନ ଗ୍ରନ୍ଥ ଲେଖିବା ଆରମ୍ଭ କରିଥିଲେ, ସେବେଠୁ ଏହି ଦିନ ଭାଗବତ ଜନ୍ମ ରୂପେ ପାଳନ କରାଯାଉଛି । ମାନବ ସମାଜ ପ୍ରତି ଏହାର ଅବଦାନ ଯଥେଷ୍ଟ । ଆମ କର୍ମମୟ ଜୀବନରେ ଏହାର ମହନୀୟତା ଅଧିକ । ସେଥିପାଇଁ ଭାଗବତକୁ ସମାଜିକ ଜୀବନଧାରାର ଅନ୍ତର୍ଭୁକ୍ତ କରିବା ଉଦ୍ଦେଶ୍ୟରେ ଆବହମାନ କାଳରୁ ପ୍ରତି ସ୍ଥାନରେ ଭାଗବତ ଟୁଙ୍ଗୀ ଥିଲା । ପଲ୍ଲୀ ଜୀବନର ପ୍ରାଣକେନ୍ଦ୍ର ଥିଲା ଓଡିଆ ଭାଗବତ ।

ବିଶ୍ୱକର୍ମା : ପୂଜା ବିଧି

॥ ପଣ୍ଡିତ ସୋମନାଥ ଦାଶ ॥

ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତା । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମରୂପେ କଳ୍ପନା କରି ପୂଜା କରାଯାଏ । ଆଶ୍ୱିନ ମାସରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ । ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ । ଅତୀତରେ ଏ ମୂର୍ତ୍ତି ପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା । ଏହି ଦିନଟି ଠିକ୍ ସରସ୍ୱତୀ ଓ ଗଣେଶପୂଜା ପରି କରାଯାଏ । ପ୍ରତ୍ୟେକ ନିଜ ନିଜର ଅଧୁଧମାନ ପୂଜାରେ ବସାଇ ଏହି ଦିନଟି ଉପବାସ ରହିବେ ।

ନୂତନ ବସ୍ତ୍ର ପରିଧାନ ମଧ୍ୟ କରିପାରିବେ । ମୂର୍ତ୍ତି ପୂଜା କଳକାରଖାନା ଶିଳ୍ପାୟତନଗୁଡ଼ିକରେ କରିବେ । ଅନେକ ସ୍ଥାନରେ ଏହିଦିନ ଯାତ୍ରା, ପାଲା, ଦାଶକାଠିଆ ଆଦି କରାଯାଇଥାଏ । ଭଗବାନଙ୍କର ଚତୁର୍ଭୁଜ ମୂର୍ତ୍ତି ପୂଜା ପାଇଥାଏ । ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ କେଉଁ କେଉଁ ସ୍ଥାନରେ ମାର୍ତ୍ତୁଲ ବା ନିକିତି । ଦକ୍ଷିଣ ଉପରହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ପାଣି ଦୃଷ୍ଟିଗୋଚର ହୁଏ । ବିଶ୍ୱକର୍ମାଙ୍କ ବର୍ଣ୍ଣ ଗୌରବର୍ଣ୍ଣ । ଭଗବାନ ବିଶ୍ୱକର୍ମାଙ୍କ ବାହନ କେତେକ ସ୍ଥଳରେ ହାତୀ ପୁଣି ପୁଣି କେତେକ ସ୍ଥାନରେ ହଂସ । ଦୁଇ ଚକ୍ଷୁ, ପରିଧାନ ସାଧାରଣ ଲୁଗା, ଚଦର ଓ ବକ୍ଷରେ ପଇତା ଓ ମାଳା । ଏ ପୂଜା ପଦ୍ଧତି ଠିକ୍ ଅନ୍ୟ ପୂଜାପଦ୍ଧତି ପରି । ପୂଜା କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ କରିବା ଉଚିତ । ବ୍ରାହ୍ମଣଙ୍କ ପବିତ୍ର ମନ୍ତ୍ର ଭିତରେ ସମସ୍ତେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ନିରନ୍ତର ପ୍ରାର୍ଥନା କଲେ ସେ ସମସ୍ତଙ୍କର ନିବେଦନ ଶୁଣନ୍ତି ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଂଟ' ସେକ୍ଟର-୭, ସିଡିଏ, କଟକ,
ଦୂରଭାଷ : ୭୦୦୮୦୦୦୮୯୮

ଦେବଶିଳ୍ପୀ ବିଶ୍ୱକର୍ମା

॥ ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ ॥

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମବଙ୍ଗ ଓ ବିହାରରେ ବିଶ୍ୱକର୍ମାଙ୍କୁ ଶ୍ରୀ ଶ୍ରୀ ନାରାୟଣ ଦେବ ଭାବେ ପୂଜା କରାଯାଏ ।

ବିଶ୍ୱର ଅନ୍ୟତମ ସୃଷ୍ଟିକର୍ତା ହେଉଛନ୍ତି ବିଶ୍ୱକର୍ମା । କେତେକ ଶାସ୍ତ୍ରରେ ବିଶ୍ୱକର୍ମାଙ୍କୁ ବ୍ରହ୍ମା ରୂପେ କଳ୍ପନା କରାଯାଇ ପୂଜାକରାଯାଇଛି ତ କେତେକ ସ୍ଥାନରେ ସ୍ୱୟଂ ବିଶ୍ୱକର୍ମାଙ୍କୁ ବିଷ୍ଣୁ ରୂପରେ ପୂଜା କରାଯାଇଥାଏ । ବିଶ୍ୱକର୍ମାଙ୍କ ଧ୍ୟାନର ସଂପର୍କରେ ଉଲ୍ଲେଖ ହୋଇଛି - 'ଧ୍ୟାୟେତ୍ ସତ୍ୟଂ ଗୁଣାତୀତଂ ଗୁଣତ୍ରୟ ସମନ୍ୱିତଂ, ଲୋକନାଥ ତ୍ରିଲୋକେଶଂ କୌସ୍ତୁଭାଭରଣଂ ହରିମ୍ । ଶୁକ୍ଳବର୍ଣ୍ଣଂ ପୀତବସ୍ତ୍ରଂ ଶ୍ରୀ ବତ୍ସପଦ ଭୂଷିତମ୍, ଗୋବିନ୍ଦଂ ଗୋକୁଳା ନନ୍ଦଂ ବ୍ରହ୍ମାଦି ଦେବ ପୂଜିତମ୍ । ଓଁ ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସଭୂମିଂ ସର୍ବତ ସ୍ପୃଷ୍ଟାତ୍ୱା ତିଷ୍ଠଦଶାଙ୍ଗୁଳମ୍ ।'

ମୁଖ୍ୟ କଥାଟି ହେଲା ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତା ରୂପ ହେଉଛି ବିଷ୍ଣୁ: ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର: ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି ହିଁ କୁହାଯାଇପାରେ । ଆଶ୍ୱିନ ସଂକ୍ରାନ୍ତି ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନ ଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ ଏହି ପବିତ୍ର ଦିନରେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସଂଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଦେଶରେ ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହେଉଥିଲା । ବିଶ୍ୱକର୍ମା ହେଉଛନ୍ତି ସ୍ୱୟଂ ବିଶ୍ୱନିୟନ୍ତା ନାରାୟଣ ତାଙ୍କୁ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ରୂପେ ପୂଜିତ କରାଯାଏ । ଓଡ଼ିଆଙ୍କ ଚଳଣୀ ଓ ଲୋକସଂସ୍କୃତିରେ ବିଶ୍ୱକର୍ମା ପୂଜାର ସ୍ୱତନ୍ତ୍ରତା ରହିଛି ।

ଲିଙ୍ଗୀପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯

କର୍କଟ ସହିତ ଯୁଝୁଛି ଶୈଶବାବସ୍ଥା

॥ ଡା. ରାଜକିଶୋର ପଣ୍ଡା ॥

ଶିଶୁ, ଦେଶର ଭବିଷ୍ୟତ । ସମାଜର ନିର୍ମାଣ ନିମନ୍ତେ ଆବଶ୍ୟକ ରହିଛି ଏକ ସୁସ୍ଥ ଓ ପ୍ରତିଭାବାନ୍ ଶୈଶବର । ବାଲ୍ୟକାଳ ହେଉଛି ଜୀବନର ସେହି ସ୍ୱର୍ଣ୍ଣିମ ସମୟ, ଯେଉଁଥିରେ ସ୍ୱପ୍ନର ମୂଳଦୁଆ ପଡ଼ିଥାଏ, ସମ୍ଭାବନାର ଡେଣା ବିକଶିତ ହୋଇଥାଏ ଓ ଭବିଷ୍ୟତର ଦିଗ ନିର୍ଣ୍ଣିତ ହୁଏ । କିନ୍ତୁ ଆଜି ଏହି ଶୈଶବାବସ୍ଥା କର୍କଟ ଭଳି ଜଟିଳ ବ୍ୟାଧିର ଶିକାର ହୋଇଛି, ଯାହାକି ପିଲାମାନଙ୍କ ଜୀବନର ବହୁ ମୂଲ୍ୟବାନ ସମୟକୁ ଛଡ଼ାଇ ନେବା ସହିତ ସେମାନଙ୍କ ମୃତ୍ୟୁର ମଧ୍ୟ ଏକ ପ୍ରମୁଖ କାରଣ ପାଲଟିଛି । ଏହା କେବଳ ଜୀବନଶୈଳୀ ଓ ପ୍ରାକୃତିକ ପରିବର୍ତ୍ତନର ପରିଣାମ ନୁହେଁ, ବରଂ ବ୍ୟବସ୍ଥା ସହିତ ଜଡ଼ିତ ପ୍ରସଙ୍ଗ ମଧ୍ୟ ଅଟେ । ଚିନ୍ତାଜନକ ବିଷୟ ହେଉଛି କି, ବାଲ୍ୟାବସ୍ଥାରେ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁର ଚଉରାନବେ ପ୍ରତିଶତ ଓ ପଂଅଶୀ ପ୍ରତିଶତ ନୂଆ ମାମଲା ମଧ୍ୟମ ଏବଂ ସ୍ୱଳ୍ପ ଆୟ ବିଶିଷ୍ଟ ଦେଶମାନଙ୍କରେ ଦେଖିବା ପାଇଁ ମିଳୁଛି । ଏହାର ଅର୍ଥ ଯେଉଁ ଦେଶରେ ସମ୍ବଳ କମ୍ ସେଠାରେ କର୍କଟର ପ୍ରାଦୁର୍ଭାବ ସବୁଠାରୁ ଅଧିକ । ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ମଧ୍ୟ ଅନ୍ୟତମ ଯେଉଁଠାରେ ପ୍ରତିବର୍ଷ ପାଖାପାଖି ସତର ହଜାର ଶିଶୁ କର୍କଟ କାରଣରୁ ମୃତ୍ୟୁବରଣ କରୁଛନ୍ତି । କ୍ୟାନ୍ସର ସହ ସଂଗ୍ରାମ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଆର୍ଥିକ, ସାମାଜିକ ଓ ବୈଚାରିକ ସ୍ତରରେ ମଧ୍ୟ ଦେଖିବା ପାଇଁ ମିଳୁଛି ।

ସ୍ୱନାମଧନ୍ୟ ଚିକିତ୍ସା ବିଜ୍ଞାନ ପତ୍ରିକା "ଦି-ଲାନ୍ସେଟ୍" ରେ ପ୍ରକାଶିତ ରିପୋର୍ଟ "ଗ୍ଲୋବାଲ୍ ବର୍ଡ଼ନ୍ ଅଫ୍ ଡିଜିଜ - ୨୦୨୩" ଶୈଶବାବସ୍ଥାରେ କ୍ୟାନ୍ସର ସଙ୍କଟର ଭୟାବହତାକୁ ଉଜାଗର କରୁଛି । ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ପ୍ରଣାଳୀର ବିଫଳତା ଓ ସ୍ୱାସ୍ଥ୍ୟ ସେବାର ଅସମାନତାର ଚିତ୍ରକୁ ସମ୍ମୁଖକୁ ଆଣୁଛି, ଯେଉଁଥିରେ ସେହି ଦେଶଗୁଡ଼ିକ ବେଶୀ କଷ୍ଟ ପାଉଛନ୍ତି, ଯେଉଁମାନଙ୍କର ସଂସାଧନ ସୀମିତ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ । ରିପୋର୍ଟ ଅନୁଯାୟୀ ୨୦୨୩ ରେ ସମଗ୍ର ବିଶ୍ୱରେ ବାଲ୍ୟାବସ୍ଥା କର୍କଟରେ ପ୍ରାୟ ୩.୭୭ ଲକ୍ଷ ନୂଆ ମାମଲା ସାମନାକୁ ଆସିଥିଲା ଓ ପାଖାପାଖି ୧.୪୪ ଲକ୍ଷ ଶିଶୁଙ୍କର ଏହି କାରଣରୁ ମୃତ୍ୟୁ ହୋଇଥିଲା । ତେଣୁ ଏହା ସ୍ପଷ୍ଟ ଯେ ବାଲ୍ୟାବସ୍ଥାରେ କର୍କଟ କେବଳ ଏକ ଚିକିତ୍ସାଜନିତ ସମସ୍ୟା ନୁହେଁ ବରଂ ବର୍ତ୍ତମାନ ସମୟରେ ଏହା ସଂରଚନାତ୍ମକ ଦୁର୍ବଳତା ଓ ସାମାଜିକ ଆର୍ଥିକ ଅସମାନତାର ଏକ ପ୍ରତୀକରେ ପରିଣତ ହୋଇଯାଇଛି । ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଶୈଶବାବସ୍ଥା କର୍କଟ କ'ଣ ସେ ବିଷୟରେ ଆଲୋଚନା କରିବା । କର୍କଟ ଯାହାକି ଶିଶୁ ଓ କୈଶୋର ଅବସ୍ଥାରେ ଦେଖାଯାଇଥାଏ, ଜନ୍ମ ସମୟରୁ ଉଣେଇଶ ବର୍ଷ ବୟସ ପର୍ଯ୍ୟନ୍ତ ତାହାକୁ ବାଲ୍ୟାବସ୍ଥା କର୍କଟ ବୋଲି କୁହାଯାଏ । ପ୍ରାପ୍ତ ବୟସ୍କ ମାନଙ୍କଠାରେ ଦେଖାଯାଉଥିବା କର୍କଟ ଅପେକ୍ଷା ଶିଶୁ କର୍କଟ ଏହି ପ୍ରକାରେ ଭିନ୍ନ କି, ଏହା ଜୀବନଶୈଳୀ ଓ ପରିବେଶ ଜନିତ କାରଣ ଯୋଗୁଁ ହୋଇନଥାଏ । ଶିଶୁମାନଙ୍କଠାରେ ମୁଖ୍ୟତଃ ଲିଉକେମିଆ, ବ୍ରେନ୍ ଟ୍ୟୁମର, ଲିମ୍ଫୋମା ଆଦି କର୍କଟ ଅଧିକ ମାତ୍ରାରେ ଦେଖାଯାଇଥାଏ । ଭାରତରେ ମଧ୍ୟ ଏହି ସମସ୍ୟା ବର୍ତ୍ତମାନ ଜଟିଳ ଆକାର ଧାରଣ କରିଛି । ଗୋଟିଏ ପଟେ ଚିକିତ୍ସା ବିଜ୍ଞାନରେ କ୍ୟାନ୍ସରର ଉପଚାରକୁ ନେଇ ଉଲ୍ଲେଖନୀୟ ପ୍ରଗତି ହୋଇଛି ସତ, ଏହି ଆଧୁନିକ ସୁବିଧା ପାଖରେ ପହଂଚ କିନ୍ତୁ ସୀମିତାବସ୍ଥାରେ ରହିଛି । ଦେଶର ବଡ଼ ବଡ଼ ସହରାଂଚଳରେ ଉନ୍ନତ କର୍କଟ ଚିକିତ୍ସା କେନ୍ଦ୍ର ଉପଲବ୍ଧ ଅଛି ମାତ୍ର ଗ୍ରାମୀଣ କ୍ଷେତ୍ରରେ ଏହି ସୁବିଧା ନାହିଁ କହିଲେ ଚଳେ । ଫଳସ୍ୱରୂପ ଅଧିକାଂଶ ଶିଶୁ ସେହି ସମୟରେ ଡାକ୍ତରଖାନାରେ ପହଂଚନ୍ତି ଯେତେବେଳେ ରୋଗଟି ଶେଷ ପର୍ଯ୍ୟାୟରେ ଥାଏ । ଏହି ହେତୁ ଭାରତରେ ଶିଶୁ କର୍କଟ କ୍ଷେତ୍ରରେ ଜୀବିତ ରହିବାର ହାର ବିକଶିତ ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ । ଲାନ୍ସେଟ୍ର ରିପୋର୍ଟରୁ ଜଣାପଡ଼ିଛି କି, ୨୦୨୩ ରେ ଶିଶୁମାନଙ୍କର ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ହେଉଛି କର୍କଟ । କେବଳ ଏତିକି ନୁହେଁ "ଡିଜାବିଲିଟି ଆଡ୍ଜଷ୍ଟେଡ୍ ଲାଇଫ୍ ଇୟର୍ସ (ଡି.ଏ.ଏଲ.ୱାଇ) କ୍ଷେତ୍ରରେ ମଧ୍ୟ କ୍ୟାନସର୍ ହେଉଛି ଦଶମ ପ୍ରମୁଖ କାରଣ" । "ଡି.ଏ.ଏଲ.ୱାଇ" ର ଅର୍ଥ ହେଉଛି ସମଗ୍ର ସୁସ୍ଥ ଜୀବନର ସମୟ ସୀମାରୁ ଏକବର୍ଷ କୌଣସି ବ୍ୟାଧି ଯୋଗୁଁ ନଷ୍ଟ ହେବା । ତେଣୁ କର୍କଟ କେବଳ ଜୀବନ ହାନି କରୁନାହିଁ ବରଂ ପିଲାମାନଙ୍କର ସୁସ୍ଥ, ସକ୍ରିୟ ଓ ମୂଲ୍ୟବାନ ସମୟକୁ ମଧ୍ୟ ନଷ୍ଟ କରୁଛି । ଏହା ଏପରି ଏକ କ୍ଷତି ଯାହାର ସାମାଜିକ ଓ ଆର୍ଥିକ ପ୍ରଭାବ ଦୀର୍ଘକାଳୀନ ଏବଂ ଗଭୀର । ପୂର୍ବରୁ ମୁଁ ଉଲ୍ଲେଖ କରିଥିବା ଗୋଟିଏ ତଥ୍ୟ ଯାହାକି ହେଉଛି, ବୟସ୍କମାନଙ୍କ ଭଳି ଶିଶୁକର୍କଟର ଜୀବନଶୈଳୀ ସହିତ କୌଣସି ସମ୍ପର୍କ ନଥାଏ, ବରଂ ଏହା ହୋଇଥାଏ ଆନୁବଂଶିକ ପରିବର୍ତ୍ତନ ବା କୋଷୀୟ ଅସମାନତା ହେତୁ । ଉପରୋକ୍ତ ଦୁଇଟି କାରଣବଶତଃ ବାଲ୍ୟାବସ୍ଥା କର୍କଟ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି । ଜୀବନଶୈଳୀକୁ ଆମେ ପରିବର୍ତ୍ତନ କରିପାରିବା ମାତ୍ର ଆନୁବଂଶିକ ଓ କୋଷୀୟ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅତ୍ୟନ୍ତ କଷ୍ଟସାଧ୍ୟ । ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ପିଲାମାନଙ୍କଠାରେ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା କର୍କଟ, ଯାହାଦ୍ୱାରା ୨୦୨୩ ରେ ପ୍ରାୟ ୪୫୦୦୦ ଶିଶୁଙ୍କର ମୃତ୍ୟୁ ହୋଇଛି । ଦ୍ୱିତୀୟରେ ଅଛି ମସ୍ତିଷ୍କ ଓ ମେରୁଦଣ୍ଡ କର୍କଟ ଯେଉଁଥିରେ ଆକ୍ରାନ୍ତ ହୋଇ ୨୩୦୦୦ ପିଲାଙ୍କର ମୃତ୍ୟୁ ଘଟିଛି ।

ଏଠାରେ ଗୋଟିଏ ବିରୋଧାଭାସ ମଧ୍ୟ ଦେଖିବା ପାଇଁ ମିଳେ । ୧୯୯୦ ତୁଳନାରେ ୨୦୨୩ ରେ ବାଲ୍ୟାବସ୍ଥା କର୍କଟ ହେତୁ ମୃତ୍ୟୁରେ ପାଖାପାଖି ସତେଇଶି ପ୍ରତିଶତ ହ୍ରାସ ଆସିଛି ଯାହାକି ଚିକିତ୍ସା ବିଜ୍ଞାନରେ ଉନ୍ନତିର ଏକ ସ୍ପଷ୍ଟ ସଙ୍କେତ । କିନ୍ତୁ ଏହି ଉନ୍ନତି ସବୁ ସ୍ଥାନରେ ସମାନ ଭାବରେ ଆବଂଟିତ ହୋଇନାହିଁ । ବିକଶିତ ଦେଶମାନଙ୍କରେ ଚିକିତ୍ସାର ବ୍ୟାପକ ସୁବିଧା ହେତୁ ମୃତ୍ୟୁର ହାର କମିଥିବାବେଳେ, ଆଫ୍ରିକା ଭଳି ଅନଗ୍ରସର କ୍ଷେତ୍ରରେ ଏହି ହାର ୫୫ ପ୍ରତିଶତରୁ ଅଧିକ ଅଛି । ଏହି ଅସମାନତା ପରିଷ୍କାର ଭାବରେ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତାକୁ ହିଁ ଦର୍ଶାଉଛି । ଭାରତ ବିଷୟରେ ଚର୍ଚ୍ଚା କଲେ ଏଠାରେ ଶିଶୁ କର୍କଟର ସମସ୍ୟା କେବଳ ଚିକିତ୍ସା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସାମାଜିକ ଓ ଆର୍ଥିକ ଦିଗ ସହିତ ମଧ୍ୟ ଜଡ଼ିତ ଅଛି । ପ୍ରଥମରେ ବ୍ୟୟ ବହୁଳ ଚିକିତ୍ସା ଓ ଦ୍ୱିତୀୟରେ ଅଧିକାଂଶ ପରିବାର ପାଖରେ ସ୍ୱାସ୍ଥ୍ୟ ବୀମା ବା କୌଣସି ଆର୍ଥିକ ସୁରକ୍ଷାର ଉପଲବ୍ଧତା ନାହିଁ । ତେଣୁ କେତୋଟି ମାମଲାରେ ଚିକିତ୍ସା ଅଧା ରହିଯାଏ । ସଚେତନାର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା । କର୍କଟର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଧିକାଂଶ ସମୟରେ ସାମାନ୍ୟ ରୋଗ ବୋଲି ଭାବି ଅବହେଳା କରାଯାଇଥାଏ, ଯାହାଦ୍ୱାରା ଚିହ୍ନଟରେ ବିଳମ୍ବ ହେବା ସହିତ ଚିକିତ୍ସା ସମ୍ଭାବନା କମିଯାଏ । ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂରଚନାତ୍ମକ ଦୁର୍ବଳତା ମଧ୍ୟ କ୍ୟାନସରର ସଙ୍କଟକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର, ଆବଶ୍ୟକୀୟ ଯାଂଚ ସୁବିଧା ଓ ବିଶେଷଜ୍ଞମାନଙ୍କର ଅଭାବ, ବଡ଼ ଡାକ୍ତରଖାନାକୁ ରୋଗୀକୁ ପଠାଇବା ପ୍ରକ୍ରିୟାରେ ଜଟିଳତା, ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ବାଧା ସୃଷ୍ଟି କରେ ।

ତେବେ ଏହି ନିରାଶାଜନକ ପରିଦୃଶ୍ୟ ମଧ୍ୟରେ ଆଶାର କିରଣ ମଧ୍ୟ ଦେଖାଦେଉଛି । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆରମ୍ଭ କରାଯାଇଥିବା "ଗ୍ଲୋବାଲ୍ ଚାଇଲ୍ଡ ହୁଡ୍ କ୍ୟାନ୍ସର୍ ଇନିସିଏଟିଭ୍" ଏହି ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ୨୦୩୦ ସୁଦ୍ଧା କର୍କଟରେ ପୀଡ଼ିତ ଶିଶୁଙ୍କର ବଂଚିବାର ହାରକୁ ଅତିକମ୍ରେ ଷାଠିଏ ପ୍ରତିଶତକୁ ବଢ଼ାଇବା । ଏହି କାର୍ଯ୍ୟକ୍ରମ ଜରିଆରେ ଠିକ୍ ସମୟରେ ରୋଗ ଚିହ୍ନଟ, ଶସ୍ତା ଓ ସୁଲଭ ଔଷଧର ଉପଲବ୍ଧତା, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଂଖ୍ୟା ବୃଦ୍ଧି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି । ଭାରତରେ ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ସଂସ୍ଥା ଏହି ଦିଗରେ ପ୍ରୟାସରତ ଅଛନ୍ତି ।

ଆୟୁଷ୍ମାନ ଭାରତ ଭଳି ଯୋଜନା ଆର୍ଥିକ ଦିଗରୁ ଦୁର୍ବଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରୁଛି । ଟେଲି ମେଡିସିନ୍ (ଇ-ସଞ୍ଜିବନୀ) ବ୍ୟବସ୍ଥା ଦ୍ୱାରା ଦୂରଦୂରାନ୍ତର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ଓ ସୂଚନା ପହଂଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି । ତେବେ ଏହି ସବୁ ପ୍ରୟାସକୁ ଆହୁରି ଅଧିକ ବ୍ୟାପକ, ସମନ୍ୱିତ ଓ ପ୍ରଭାବୀ କରାଯିବାର ଆବଶ୍ୟକତା ରହିଛି ।

କର୍କଟ ସମସ୍ୟାର ସମାଧାନ କେବଳ ଚିକିତ୍ସାରେ ଉନ୍ନତି ହେତୁ ସମ୍ଭବ ନୁହେଁ ବରଂ ଏଥିପାଇଁ ଏକ ବହୁମୁଖୀ ଦୃଷ୍ଟିକୋଣକୁ ଆପଣାଇବାର ଆବଶ୍ୟକତା ରହିଛି । ସର୍ବପ୍ରଥମେ ସଚେତନା ବଢ଼ାଇବାକୁ ପଡ଼ିବ, ଯାହାଦ୍ୱାରା ପିତା, ମାତା, ଶିକ୍ଷକ ଶିଶୁର ପ୍ରାରମ୍ଭିକ ଲକ୍ଷଣ ସବୁକୁ ସୁବିଧାରେ ଚିହ୍ନଟ କରିପାରିବେ । ଏହା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଆହୁରି ମଜବୁତ କରିବାକୁ ହେବ, ଯାହାଦ୍ୱାରା କର୍କଟର ଚିହ୍ନଟ ଓ ଚିକିତ୍ସା ଆଦି ଶୀଘ୍ର କରାଯାଇପାରିବ । ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ ବଢ଼ାଇ ବିଶେଷଜ୍ଞମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାକୁ ହେବ । ସ୍ୱାସ୍ଥ୍ୟ ସେବାରେ ସମାନତାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଯେଉଁ ପର୍ଯ୍ୟନ୍ତ ଗ୍ରାମୀଣ ଓ ସହରୀ କ୍ଷେତ୍ର ଏବଂ ଧନୀ ଓ ଗରିବ ଦେଶ ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧାର ଅନ୍ତର ବା ଫରକ୍ କମ୍ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ଅପୂର୍ଣ୍ଣ ରହିବ । ଶୈଶବକୁ କର୍କଟରୁ ବଂଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ । ଏହା ସେହି ସମାଜର ଏକ ପରିଚୟ ଯିଏ ନିଜର ସବୁଠାରୁ ଦୁର୍ବଳ ତଥା ମୂଲ୍ୟବାନ ବର୍ଗକୁ ରକ୍ଷା କରିବାକୁ ସକ୍ଷମ । ଯଦି ଆମେ ବାସ୍ତବରେ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟର କଳ୍ପନା କରୁଛେ, ତେବେ ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ କି, କୌଣସି ଶିଶୁ କେବଳ ଏଥିପାଇଁ ନିଜର ବହୁମୂଲ୍ୟ ଜୀବନ ନ ହରାଉ କାହିଁକି ନା ତାକୁ ଠିକ୍ ସମୟରେ ଚିକିତ୍ସା ମିଳିପାରିଲା ନାହିଁ । କର୍କଟ ସହ ଯୁଝୁଥିବା ଶୈଶବ ଆମକୁ ଶିକ୍ଷା ଦିଏ ଯେ, ଉନ୍ନତି କେବଳ ଆର୍ଥିକ ପ୍ରଗତି ଦ୍ୱାରା ମପାଯାଇ ପାରିବ ନାହିଁ, ବରଂ ଏହା ଏକାନ୍ତ ଭାବରେ ନିର୍ଣ୍ଣିତ ହେବ କିପରି ଆମେ ଆମ ପିଲାମାନଙ୍କୁ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ଜୀବନ ଦେଇ ପାରୁଛେ ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଲିଭିଆସୁଛି ସଞ୍ଜବତୀ, ହଜିଯାଉଛି ତୁଳସୀ ଚଉରା

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

ଦିନ ଥିଲା, ସଞ୍ଜ ନଇଁ ଆସିଲେ ଗାଁଟିଏ ଯେମିତି ହଠାତ୍ ନିଜ ଭିତରକୁ ଫେରିଯାଉଥିଲା । ପଶ୍ଚିମ ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ତା'ର ଶେଷ ସୁନେଲି ରଙ୍ଗଟିକୁ ଧାନକ୍ଷେତର ମୁଣ୍ଡରେ ବୋଳି ଧୀରେ ଧୀରେ ଅଦୃଶ୍ୟ ହୋଇଯାଉଥିଲେ । ଦୂର ଆମ୍ବତୋଟାରୁ ପକ୍ଷୀମାନେ ନୀଡ଼କୁ ଫେରୁଥିଲେ । ପାଖ ପଡିଆରୁ ଗୋରୁପଲ ଫେରୁଥିଲେ ଗୋଠବାଲୁଡ଼ାର ଧୂଳି ଉଡ଼ାଇ । କାହାରି ଅଗଣାରୁ ଚୁଲି ଧୂଆଁର ମିଠା ଗନ୍ଧ ଭାସି ଆସୁଥିଲା । ବାଟରେ ଖେଳୁଥିବା ପିଲାମାନଙ୍କୁ ମା'ର ଡାକ ଶୁଭୁଥିଲା—"ଆ ରେ, ସଞ୍ଜ ହେଲାଣି !" ଆଉ ଠିକ୍ ସେହି ସମୟରେ ଦୂର ମନ୍ଦିରରୁ ଭାସି ଆସୁଥିଲା ଘଂଟିର ଗମ୍ଭୀର ଶବ୍ଦ । ସେହି ଘଂଟି ଶବ୍ଦ ଶୁଣିଲେ ଗାଁର ପ୍ରତ୍ୟେକ ଘର ଯେମିତି ନିଜର ଦିନଯାକର କୋଳାହଳକୁ ଧୀରେ ଧୀରେ ସଂକୋଚିତ କରି ନିରବତାର ଚାଦର ଘୋଡ଼ାଇ ନେଉଥିଲା । କେଉଁ ଘରେ ଶଙ୍ଖ ବାଜୁଥିଲା । କେଉଁ ଘରେ ଦୀପ ଜଳୁଥିଲା । କେଉଁଠି ଚଉରାମୂଳେ ସଞ୍ଜ ଦେବା ପାଇଁ ମା' ସିନ୍ଦୂର ଟୋପାଟିଏ ଲଗାଉଥିଲେ । ଆଉ କେଉଁଠି ଗୃହିଣୀ ଗଳବସ୍ତ୍ର ହୋଇ, ହାତରେ ଦୀପଟିଏ ଧରି, ଶଙ୍ଖ ଫୁଙ୍କି ଚଉରା ଚାରିପଟେ ପ୍ରଦକ୍ଷିଣ କରୁଥିଲେ । ସେ ଦୃଶ୍ୟ ଥିଲା ଓଡ଼ିଆ ଜୀବନର ଏକ ଅନୁଚ୍ଚାରିତ କବିତା । ସଞ୍ଜବତୀର କ୍ଷୀଣ ଆଲୋକରେ ତୁଳସୀ ଗଛଟିଏ ଯେମିତି ହସୁଥିଲା । ଦୀପଶିଖାଟିଏ ପବନରେ ଥରୁଥିଲା, କିନ୍ତୁ ଲିଭୁନଥିଲା । ତା' ଆଲୋକରେ ଘରର ଅଗଣାଟିଏ ଉଜ୍ଜ୍ୱଳ ହେଉଥିଲା, ଆଉ ତା'ଠାରୁ ଅଧିକ ଉଜ୍ଜ୍ୱଳ ହେଉଥିଲା ଘରର ମନ । ଆଜି ସେହି ଦୃଶ୍ୟ କେଉଁଠି ? ସଞ୍ଜ ଆଜି ବି ଆସୁଛି । ସୂର୍ଯ୍ୟ ଆଜି ବି ଅସ୍ତ ଯାଉଛନ୍ତି । ଗୋଠବାଲୁଡ଼ା ଆଜି ବି ହେଉଛି । ମନ୍ଦିରର ଘଂଟି ଆଜି ବି ବାଜୁଛି । କେବଳ ଲିଭିଆସୁଛି ସଞ୍ଜବତୀ । ହଜିଯାଉଛି ତୁଳସୀ ଚଉରା ଏବଂ ତା' ସହିତ ହଜିଯାଉଛି ଓଡ଼ିଆ ଘରର ଏକ ଅମୂଲ୍ୟ ସଂସ୍କାର । ସେତେବେଳେ ତୁଳସୀ ଚଉରା କେବଳ ମାଟି, ଇଟା ଓ ଚୂନରେ ତିଆରି ଏକ ଛୋଟ ମଂଚ ନଥିଲା । ଏହା ଥିଲା ପ୍ରତି ଘରର ଆତ୍ମାର ଏକ ପ୍ରତୀକ । ଘର ଯେତେ ଛୋଟ ହେଉ, ଅଗଣା ଯେତେ ସରୁ ହେଉ, ତୁଳସୀ ଚଉରା ପାଇଁ ଏକ ଜାଗା ନିଶ୍ଚୟ ଥିଲା । ଚଉରା ଉପରେ ତୁଳସୀ ଗଛଟିଏ ଠିଆ ହୋଇଥିଲା ନୁହେଁ; ତା' ଚାରିପଟେ ଗଢ଼ି ଉଠୁଥିଲା ଏକ ପରିବାରର ଆସ୍ଥା, ଶ୍ରଦ୍ଧା ଓ ସଂସ୍କାର । ବାହାଘର ହେଉ କି କୌଣସି ଶୁଭ କାର୍ଯ୍ୟ ହେଉ ବା ପଣା ସଂକ୍ରାନ୍ତି ହେଉ କି କାର୍ତ୍ତିକ ପୁନେଇଁ, କୁଆଁର ପୁନେଇଁ ହେଉ କି ଖଦିଅଁଳା ଓଷା—ଓଡ଼ିଆ ଘରର ଅନେକ ପର୍ବପର୍ବାଣୀ ଓ ଆଚାରରେ ତୁଳସୀ ଚଉରା ଥିଲା ଏକ ଅବିଚ୍ଛେଦ୍ୟ ଅଂଶ । ସେଠାରେ ଜଳୁଥିଲା ଦୀପ । ସେଠାରେ ଶୁଭୁଥିଲା ଶଙ୍ଖ । ସେଠାରେ ନଇଁ ଯାଉଥିଲା ମଥା । ସେହି ଛୋଟ ଚଉରାଟିଏ ଥିଲା ଘର ଓ ଇଶ୍ୱରଙ୍କ ମଧ୍ୟରେ ଏକ ନିରବ ସେତୁ । ସମୟ ବଦଳିଛି । ମଣିଷର ଜୀବନ ବଦଳିଛି । ଘର ବଦଳିଛି । ରହଣୀ ବଦଳିଛି । ମାଟିଘରର ସ୍ଥାନ ନେଇଛି କଂକ୍ରିଟ୍ ? ଘର । ମାଟି ଅଗଣାର ସ୍ଥାନ ନେଇଛି ଟାଇଲ୍ ? । ଝାଟିମାଟିର କାନ୍ଥ ବଦଳରେ ଠିଆ ହୋଇଛି ନରଣ୍ଣା ଅଟ୍ଟାଳିକା । ଘରେ ଏବେ ସବୁ ସୁବିଧା ଅଛି । ଏସି ଅଛି, ଫ୍ରିଜ୍ ? ଅଛି, ଟିଭି ଅଛି, ମୋବାଇଲ୍ ? ଅଛି, ଇଂଟରନେଟ୍ ? ଅଛି । ଘର ସଜାଇବା ପାଇଁ ଦାମୀ ଫୁଲକୁଣ୍ଡ ଅଛି । କେବଳ ନାହିଁ ତୁଳସୀ ଚଉରା ପାଇଁ ଟିକେ ଜାଗା । ଯେଉଁ ଅଗଣାରେ ଦିନେ ତୁଳସୀ ଚଉରା ଘରର ଶୋଭା ବଢ଼ାଉଥିଲା, ଆଜି ସେହି ଅଗଣା ହିଁ ଅନେକ ଘରେ ନାହିଁ । ଆଉ ଯେଉଁଠି ଅଛି, ସେଠି ବି ତୁଳସୀ ଚଉରା ଅନେକ ସମୟରେ ଘରର ଅଗଣାରେ ନୁହେଁ, ବାଡ଼ିପଟର କୌଣସି ଏକ କୋଣରେ ନିରବରେ ଠିଆ ହୋଇ ରହିଛି । ପୂର୍ବେ ସଞ୍ଜ ଥିଲା ଘରକୁ ଫେରିବାର ସମୟ । ଆଜି ସଞ୍ଜ ଅନେକଙ୍କ ପାଇଁ ଆହୁରି ଗୋଟିଏ ବ୍ୟସ୍ତ ସମୟ । ପୂର୍ବେ ଗୃହିଣୀ ଦିନସାରା କାମ ସାରି ସଞ୍ଜ ହେଲେ ତୁଳସୀ ଚଉରା ପାଖରେ ଦୀପଟିଏ ଜଳାଉଥିଲେ । ଭାଗବତ ପଢେ । ଆଜି ସେହି ସମୟରେ କେହି ସପିଂ ମଲ୍ରେ, କେହି ଟିଭି ସାମ୍ନାରେ, କେହି ମୋବାଇଲର ସ୍କ୍ରିନ୍ରେ ବ୍ୟସ୍ତ । ପୂର୍ବେ ଶଙ୍ଖର ଶବ୍ଦ ଘରକୁ ଡାକୁଥିଲା । ଆଜି ମୋବାଇଲର ରିଙ୍ଗଟୋନ୍ ଡାକୁଛି । ପୂର୍ବେ ସଞ୍ଜବତୀର ଦୀପଶିଖା ମନକୁ ଶାନ୍ତ କରୁଥିଲା । ଆଜି ହଜାର ହଜାର ଡିଜିଟାଲ୍ ? ଆଲୋକ ମଧ୍ୟରେ ମଣିଷର ମନ ଆହୁରି ଅଶାନ୍ତ । ଆମେ ସତରେ ଆଧୁନିକ ହୋଇଛୁ ତ ? ନା ଆଧୁନିକତାର ନାଁରେ ନିଜ ଭିତରର ଶାନ୍ତିକୁ ହରାଇ ବସିଛୁ ? ସବୁ କିଛି ବଦଳିଗଲେ ମଧ୍ୟ ଦୂର ମନ୍ଦିରର ଘଂଟି ଆଜି ବି ବାଜୁଛି । ସେହି ଶବ୍ଦ ଶୁଣିଲେ ଆଜି ବି କାହାରି ମନରେ ଜାଗିଉଠେ ଏକ ପୁରୁଣା ଘରର ସ୍ମୃତି । ମନେ ପଡ଼ିଯାଏ ମା'ର ମୁହଁ । ମନେ ପଡ଼ିଯାଏ ଜେଜେମା'ଙ୍କ ଶଙ୍ଖଧ୍ୱନି । ମନେ ପଡ଼ିଯାଏ ଅଗଣାରେ ଠିଆ ହୋଇଥିବା ତୁଳସୀ ଚଉରା । କିନ୍ତୁ ସ୍ମୃତିରେ ଥିବା ଜିନିଷ ଯଦି ବାସ୍ତବ ଜୀବନରୁ ହଜିଯାଏ, ତେବେ ତାକୁ କେତେଦିନ ସ୍ମୃତିରେ ବଂଚାଇ ରଖିହେବ ? ପରମ୍ପରା କେବଳ ଫଟୋରେ ରହେ ନାହିଁ । ପରମ୍ପରା ବଂଚିଥାଏ ଅଭ୍ୟାସରେ, ଆଚରଣରେ ଓ ପରିବାରର ଦୈନନ୍ଦିନ ଜୀବନରେ । ତୁଳସୀ ଚଉରା ହଜିଗଲେ କେବଳ ଗୋଟିଏ ଚଉରା ହଜିବ ନାହିଁ । ହଜିଯିବ ଏକ ସଂସ୍କାର । ହଜିଯିବ ସଞ୍ଜର ଏକ ପବିତ୍ର ଅନୁଭବ । ହଜିଯିବ ମା'ର ପ୍ରାର୍ଥନାର ଏକ ନିରବ ଭାଷା । ହଜିଯିବ ଆଈ ବା ଜେଜେମା'ଙ୍କ ଗପର ଏକ ପରିବେଶ । ହଜିଯିବ ପିଲାଦିନର ସେହି ଅନୁଭୂତି । ସଞ୍ଜ ହେଲେ ମା' ଡାକିବେ, ଶଙ୍ଖ ବାଜିବ, ଦୀପ ଜଳିବ ଏବଂ ଘରଟିଏ ଯେମିତି ହଠାତ୍ ନିଜର ହୋଇଯିବ । ଆମେ ଯେତେବେଳେ ତୁଳସୀ ଚଉରାକୁ ହରାଇବୁ, ସେତେବେଳେ ହୁଏତ ଆମେ ନିଜ ମାଟି ସହିତ ଥିବା ଏକ ଅଦୃଶ୍ୟ ସମ୍ପର୍କକୁ ମଧ୍ୟ ହରାଇବୁ ।

ଆଧୁନିକତା ଖରାପ ନୁହେଁ । ସମୟ ବଦଳିବା ମଧ୍ୟ ଖରାପ ନୁହେଁ । ବଦଳିବା ହେଉଛି ଜୀବନର ନିୟମ । କିନ୍ତୁ ମୂଳରୁ ବିଚ୍ଛିନ୍ନ ହେବା କେବେ ବି ବିକାଶ ନୁହେଁ । ଆମେ ନୂଆ ଘର ତିଆରି କରିବା । କଂକ୍ରିଟ୍ର ଘର ତିଆରି କରିବା । ଆଧୁନିକ ଜୀବନ ବଂଚିବା । ପିଲାମାନଙ୍କୁ ଆଧୁନିକ ଶିକ୍ଷା ଦେବା । କିନ୍ତୁ ଘରର ଏକ କୋଣରେ ତୁଳସୀ ଗଛଟିଏ ପାଇଁ ଜାଗା ରଖିବାରେ ଅସୁବିଧା କ'ଣ ? ସଞ୍ଜ ହେଲେ ଦୁଇ ମିନିଟ୍ ? ପାଇଁ ମୋବାଇଲ୍ ?କୁ ପାଖରେ ରଖି ଏକ ଦୀପ ଜଳାଇବାରେ କ'ଣ ଅସୁବିଧା ? ପିଲାଟିକୁ ତୁଳସୀ ଚଉରା ଦେଖାଇ କହିବାରେ କ'ଣ ଅସୁବିଧା—"ଏଇଟା ଆମ ଘରର ପରମ୍ପରା, ଏଇଟା ଆମ ମାଟିର ଚିହ୍ନ" ବାସ୍ତବରେ ଆମକୁ ବଡ଼ କିଛି କରିବାର ନାହିଁ । କେବଳ ଯାହା ହଜିଯାଉଛି, ତାକୁ ଧରି ରଖିବାର ଟିକିଏ ଚେଷ୍ଟା କରିବାକୁ ହେବ ।

ଦିନେ ଆମ ପିଲାମାନେ ବଡ଼ ହେବେ । ସେମାନେ ବଡ଼ ବଡ଼ ସହରରେ ରହିବେ । ଆଧୁନିକ ଫ୍ଲାଟ୍ରେ ଜୀବନ କାଟିବେ । ସେମାନଙ୍କ ଜୀବନରେ ଥିବ ଅନେକ ସୁବିଧା, ଅନେକ ସଫଳତା, ଅନେକ ଆଲୋକ । ହୁଏତ ଦିନେ କୌଣସି ପୁରୁଣା ଗାଁ ଦେଇ ଯାଉଥିବା ବେଳେ ଦୂରରୁ ମନ୍ଦିରର ଘଂଟି ଶୁଣିବ । ହଠାତ୍ ତାଙ୍କ ମନେ ପଡ଼ିଯିବ - ଏକ ମାଟିଘର । ଏକ ଛୋଟ ଅଗଣା । ଅଗଣାର ମଝିରେ ତୁଳସୀ ଚଉରା । ଚଉରା ମୂଳେ ଜଳୁଥିବା ସଞ୍ଜବତୀ । ଆଉ ସେହି ଦୀପ ଆଲୋକରେ ମା'ର ମଥାନତ ମୁହଁ । ସେତେବେଳେ ହୁଏତ ସେମାନେ ବୁଝିବେ—ଘର ବଡ଼ ହୋଇଥିଲା, କିନ୍ତୁ ସେହି ଛୋଟ ଅଗଣାଟିଏ ହିଁ ଥିଲା ସବୁଠାରୁ ବଡ଼ । ତା'ପରେ ସେମାନେ ନିଜକୁ ପଚାରିବେ, ଆମେ ଏତେ ଉଚ୍ଚ ଅଟ୍ଟାଳିକା ତିଆରି କଲୁ, କିନ୍ତୁ ତୁଳସୀ ପାଇଁ ଏକ ଚଉରା କାହିଁକି ତିଆରି କରିପାରିଲୁ ନାହିଁ ? ଆମ ଘରେ ଏତେ ଆଲୋକ ଜଳିଲା, ହେଲେ ସଞ୍ଜବତୀର ସେହି ଛୋଟ ଦୀପଶିଖାଟିଏ କାହିଁକି ଲିଭିଗଲା ?

ଆମେ ପିଲାମାନଙ୍କୁ ସଫଳ ହେବା ଶିଖାଇଲୁ, କିନ୍ତୁ ନିଜ ମାଟି, ନିଜ ପରମ୍ପରା ଓ ନିଜ ଘରକୁ ଭଲ ପାଇବା ଶିଖାଇଲୁ କି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହୁଏତ ସହଜ ନୁହେଁ । କାରଣ ଆମେ ଯେତେବେଳେ ଅତୀତକୁ ହରାଇଥାଉ, ସେତେବେଳେ ତା'ର ମୂଲ୍ୟ ବୁଝିଥାଉ । ସଞ୍ଜ ଆଜି ବି ଆସୁଛି । ସୂର୍ଯ୍ୟ ଆଜି ବି ଅସ୍ତ ଯାଉଛନ୍ତି । ପକ୍ଷୀ ଆଜି ବି ନୀଡ଼କୁ ଫେରୁଛନ୍ତି । ମନ୍ଦିରର ଘଂଟି ଆଜି ବି ବାଜୁଛି ।

କେବଳ ଅପେକ୍ଷା— କେହି ଜଣେ ପୁଣି ଥରେ ତୁଳସୀ ଚଉରା ମୂଳେ ଦୀପଟିଏ ଜଳାଇବ । ହୁଏତ ସେହି ଦୀପଟିଏ ଛୋଟ ହେବ, କିନ୍ତୁ ତା' ଆଲୋକରେ ଆମେ ପୁଣି ଦେଖିପାରିବା ଆମର ମୂଳକୁ । ଆଉ ସେତେବେଳେ ହୁଏତ ମନ କହିବ, "ସବୁ କିଛି ବଦଳିଯାଇଛି, କିନ୍ତୁ ମୋ ଘରର ସଞ୍ଜ ଏବେ ବି ମରିନାହିଁ ।" କାରଣ ସଂସ୍କୃତି ମରେ ନାହିଁ, ଆମେ ତାକୁ ବଂଚାଇବା ବନ୍ଦ କରିଦେଲେ ହିଁ ସେ ଧୀରେ ଧୀରେ ଲିଭିଯାଏ । ଆସନ୍ତୁ, ଲିଭିଯିବା ପୂର୍ବରୁ— ସଞ୍ଜବତୀଟିଏ ପୁଣି ଜଳାଇବା ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର, ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨, ମୋ: ୭୦୦୮୨୪୧୨୮୭

ଆରମ୍ଭ

SEITHO ARAMBHA

ଗୁରୁବାର, ୧୭ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଶପଥ ଗ୍ରହଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ କଲା ଯୁବ ରେଡ୍ କ୍ରସ୍

ପାରଳାଖେମୁଣ୍ଡି, ୧୬/୦୯ (ଆ.ପ୍ର) : ସେଂଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଂଟ , ପାରଳାଖେମୁଣ୍ଡି କ୍ୟାମ୍ପସରେ ଯୁବ ରେଡ୍ କ୍ରସ୍ ପକ୍ଷରୁ ନୂତନ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆଜି ସେମିନାର ହଲ୍‌ରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ଔପଚାରିକ ଭାବେ ଯୁବ ରେଡ୍ କ୍ରସ୍ ରେ ସାମିଲ କରାଯାଇଥିଲା ଓ ଏଥିସହ ସେବା, ସହାନୁଭୂତି, ଦାୟିତ୍ୱବୋଧ ଓ ସକ୍ରିୟ ନାଗରିକତ୍ୱର ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ରେଡ୍ କ୍ରସ୍‌ର ମାନବିକ ମୂଲ୍ୟବୋଧ, ଅତୀତର ବିଭିନ୍ନ ମାନବିକ ସେବା ଓ ଅଭିଯାନ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ପରେ ଅତିଥିମାନଙ୍କୁ ମଂଚକୁ ସ୍ୱାଗତ କରାଯାଇଥିଲା ଓ ରେଡ୍ କ୍ରସ୍‌ର ପ୍ରତିଷ୍ଠାତା ଶ୍ରୀ ଜାନ୍ ହେନ୍ରୀ ଡୁନାଂଟଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ଏହା ମାନବିକତା ଓ ସେବା ପ୍ରତି ସଂଗଠନର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାର ପ୍ରତୀକ ଭାବେ ପରିଗଣିତ ହୋଇଥିଲା । ଯୁବ ରେଡ୍ କ୍ରସ୍ ର ବରିଷ୍ଠ ପରାମର୍ଶଦାତା ଡ. ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଯୁବ ରେଡ୍କ୍ରସ୍ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ, ମାନବିକତା ଓ ସେବା ମନୋଭାବ ବିକଶିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସି ୟୁଟିଏମ୍‌ର ଡିନ୍ , ଛାତ୍ର ବ୍ୟାପାର, ଡ. ଗିତେଶ କୁମାର ଏବଂ ସିୟୁଟିଏମ୍, ପାରଳାଖେମୁଣ୍ଡିର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଉପସ୍ଥିତ ରହି ନୂତନ ସ୍ୱେଚ୍ଛାସେବୀମାନଙ୍କୁ ସମାଜ କଲ୍ୟାଣ ଓ ମାନବିକ ସେବା କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ପ୍ରେରିତ କରିଥିଲେ । ଏହି ଅବସରରେ ଡ. ଅନିତା ପାତ୍ର ନୂତନ ସ୍ୱେଚ୍ଛାସେବୀମାନଙ୍କୁ ରେଡ୍ କ୍ରସ୍‌ର ଶପଥ ଓ ସ୍ଲୋଗାନ୍ ପାଠ କରାଇଥିଲେ । ସମସ୍ତ ସ୍ୱେଚ୍ଛାସେବୀ ସାମୂହିକ ଭାବେ ଶପଥ ପାଠ କରି ସଂଗଠନର ମୂଳ ନୀତି ଓ ମାନବିକ ସେବା ପ୍ରତି ନିଜର ପ୍ରତିବଦ୍ଧତା ପୁର୍ନବ୍ୟକ୍ତ କରିଥିଲେ । ସି ୟୁ ଟି ଏମ୍‌ର ସ୍କୁଲ୍ ଅଫ୍ ନର୍ସିଂ ର ପ୍ରିନ୍ସିପାଲ ପ୍ରଫେସର ଏସ୍ ଏନ୍ ସନ୍ଧ୍ୟା ଏବଂ ଯୁବ ରେଡକ୍ରସ୍‌ର ଜିଲ୍ଲା କନଭେନର ସେକ୍ରେଟାରୀ ଡ. ବିପ୍ଳବ ରଞ୍ଜନ ପ୍ରଧାନ ମଧ୍ୟ ଉପସ୍ଥିତ ହୋଇ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ସେବା ମନୋଭାବ , ସାମାଜିକ ଦାୟିତ୍ୱ ଓ ମାନବିକ ମୂଲ୍ୟବୋଧକୁ ନିଜ ଜୀବନରେ ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ ଗଜପତି ଜିଲ୍ଲା ସଂଯୋଜକ ତଥା ସମ୍ବଳ ବ୍ୟକ୍ତି ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଏକ ଜ୍ଞାନବର୍ଦ୍ଧକ ଅଭିଭାଷଣ ପ୍ରଦାନ କରି ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଭାବେ ଦାୟିତ୍ୱ , କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ସମାଜ ପ୍ରତି ସେବା ଓ ମାନବିକ କାର୍ଯ୍ୟରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ୍ ପ୍ରତି ମୂଲ୍ୟବାନ ଅବଦାନ ଓ ମାର୍ଗଦର୍ଶନ ପାଇଁ ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଏବଂ ଡ. ବିପ୍ଳବ ରଞ୍ଜନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା ଓ ଯୁବ ରେଡକ୍ରସ୍‌ର ଲେଡି କାଉନସିଲର ସୌମ୍ୟଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରି ଉପସ୍ଥିତ ଅତିଥି, ସମ୍ବଳ ବ୍ୟକ୍ତି, ଅଧ୍ୟାପକ-ଅଧ୍ୟାପିକା ଓ ସମସ୍ତ ସ୍ୱେଚ୍ଛାସେବୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବିଜେତା ଓ ରନର୍ସ-ଅପ୍ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ କରାଯାଇ ସେମାନଙ୍କ ଉତ୍ସାହ ଓ ସଫଳତାକୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଏକ ଅଭିମୁଖୀକରଣ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ନୂତନ ଭାବେ ଯୁବ ରେଡକ୍ରସ ରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କର ଭୂମିକା , ଦାୟିତ୍ୱ ଏବଂ ଯୁବ ରେଡକ୍ରସ୍ ମାଧ୍ୟମରେ ସମାଜ ପାଇଁ ସେବା କରିବାର ବିଭିନ୍ନ ସୁଯୋଗ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଏହି ଶପଥ ଗ୍ରହଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ନୂତନ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଆରମ୍ଭର ସୂଚନା ଦେଇଥିଲା ଓ ଯୁବପିଢ଼ିଙ୍କ ମଧ୍ୟରେ ସେବା ମନୋଭାବ, ମାନବିକତା ଓ ସାମାଜିକ ଦାୟିତ୍ୱବୋଧକୁ ବିକଶିତ କରି ଏକ ଅଧିକ ସହାନୁଭୂତିଶୀଳ, ନିରାପଦ ଓ ମାନବିକ ସମାଜ ଗଠନ ଦିଗରେ ଯୁବ ରେଡକ୍ରସର ଲକ୍ଷ୍ୟକୁ ଏହି କାର୍ଯ୍ୟକ୍ରମ ପୁନର୍ବାର ସୁଦୃଢ଼ କରିଥିଲା ।

ମା' ଭଗବତୀଙ୍କ ମନ୍ଦିରରେ ପ୍ରସିଦ୍ଧ ଷଷ୍ଠୀଓଷାର ଲଗ୍ନ ସ୍ଥିର

ଆଜି ମଧ୍ୟାହ୍ନ ଅମୃତ ବେଳାରେ ମନ୍ଦିରକୁ ବିଜେ କରିବେ ମା'କାଠି ଠାକୁରାଣୀ

ଚିଲିକା/ବାଣପୁର, ୧୬/୦୯ (ଆ.ପ୍ର) : ଶକ୍ତିକ୍ଷେତ୍ର ବାଣପୁରର ମା' ଭଗବତୀ ମନ୍ଦିରରେ ଶାରଦୀୟ ପର୍ବର ପ୍ରଥମ ଉତ୍ସବ ପବିତ୍ର ଷଷ୍ଠୀ ଓଷାର ନୀତିକାନ୍ତି ନିମନ୍ତେ ମନ୍ଦିର ପାଞ୍ଜି ଗଣକ ଖଡ଼ିରତ୍ନ ଶରତଚନ୍ଦ୍ର ନାୟକ ଲଗ୍ନ ସ୍ଥିର କରିଛନ୍ତି । ଏହି ଅନୁସାରେ ତୃଜିତ ଭାଦ୍ରବ ଶୁକ୍ଳ ଷଷ୍ଠି ୧୭-୦୯-୨୬ ରିଖ ଗୁରୁବାର ଦିବା ୧୨ଘଟିକା ୫୮ ମିନିଟରୁ ଅମୃତ ବେଳା ଆରମ୍ଭ । ଏହି ସମୟରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ନିଯୋଗୀ ସେବାୟତଙ୍କ ସହିତ ଥାଟ ପଟୁଆରରେ ଶ୍ରୀ ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ନିଜ ମନ୍ଦିରକୁ ଯାତ୍ରା କରିବେ । ଏହି ସମୟକୁ ସମଗ୍ର ବାଣପୁରବାସୀ ଗୃହୀଣିମାନେ ଘରମାନଙ୍କରେ ଥିବା ଶୀଳ ପଥର ଦେହରେ ହଳଦୀ ଲଗାଇ ମା' ଷଷ୍ଠି ଦେବୀଙ୍କ ପ୍ରତିମା ସଂରଚନା କରି ଦୀପ ଧୂପ ଚନ୍ଦନ ସିନ୍ଦୁର ପୁଷ୍ପମାଳ ଆଦି ଅଳଙ୍କାରରେ ସଜାଇ ପରମ୍ପରାନୁସାରେ କ୍ଷିରି ଖେଚଡ଼ି ପିଠାପଣା ସହିତ ନାନାଦି ବ୍ୟଞ୍ଜନ ପ୍ରସ୍ତୁତ ପୂର୍ବକ ମା'ଙ୍କ ଯାତ୍ରା କାଳକୁ ଅପେକ୍ଷା କରିଥାନ୍ତି । ସ୍ଥାନୀୟ ଅଂଚଳର ପରମ୍ପରା ଅନୁସାରେ ପିତ୍ରାଳୟରୁ ବାଣପୁର ବଡ଼ ଦାଣ୍ଡରେ ମା'କାଠି ଠାକୁରାଣୀଙ୍କ ଯାତ୍ରା କାଳରେ ଘଂଟକାହାଳୀ ବାଜିବା ମାତ୍ରେ ସମସ୍ତଙ୍କ ଘରମାନଙ୍କରେ ଏକ ସମୟରେ ଶଙ୍ଖ ହୁଳହୁଳି ପଡିବା ସହିତ ଗୃହୀଣି ମାନେ ନିଜ ନିଜଘର ମାନଙ୍କରେ ଆୟୁଷର ଦେବୀ ମା' ଷଷ୍ଠିଦେବୀଙ୍କୁ ଆବାହନ କରି ପୂଜା ବିଧି ଆରମ୍ଭ କରିବା ସହିତ ଷଠି ବ୍ରତ ଓ ଘରେ ପ୍ରସ୍ତୁତ କରିଥିବା ଖେଚଡ଼ି କ୍ଷିରୀ, ଛପିଠା, ଛ' ତିଅଣ, ନ ଭଜା, ଅମ୍ବିଳ, ଶାଗ ମୁଗ ଇତ୍ୟାଦି ଆମିଷ ନିରାମିଷ ନୈବେଦ୍ୟ ଷଷ୍ଠୀଦେବୀ ସ୍ୱରୂପିଣୀ ମା'ଭଗବତୀଙ୍କୁ ଅର୍ପଣ କରି ପରିବାରର ମଙ୍ଗଳ କାମନା ସହିତ ପିଲାମାନଙ୍କର କୋଟିଆୟୁଷଭିକ୍ଷା କରନ୍ତି ଏବଂ ଘରର ସମସ୍ତେ ଏକତ୍ର ବସି ପ୍ରସାଦ ସେବନ କରନ୍ତି । ମା'କାଠି ଠାକୁରାଣୀ ମନ୍ଦିରକୁ ଯାତ୍ରା ନକରିଥିବା ସମୟରେ ଘର ମାନଙ୍କରେ କେହିବି ପୂଜା କରନ୍ତି ନାହିଁ । ବାଣପୁର ଅଂଚଳରେ ମା' ଭଗବତୀଙ୍କ ମନ୍ଦିରକୁ ଆଧାର କରି ମନ୍ଦିରର ପର୍ବପର୍ବାଣୀ ଜାନିଯାତ୍ରା ଅନୁସାରେ ସର୍ବତ୍ର ପାଳନ କରାଯାଏ ଓପଶ୍ଚିମ ଓଡ଼ିଶାର ନୂଆଁଖାଇ ତ୍ରୁହାର ପରି ବାଣପୁର ଅଂଚଳରେ ପାଳିତ ଏହି ପ୍ରଧାନପର୍ବରେ ଜେଷ୍ଠମାନେ କନିଷ୍ଠ ମାନଙ୍କୁ ମୁଣ୍ଡିଆ ମାରନ୍ତି ଏବଂପରିବାର ମୁଖିଆ ମାନେ ପୂଜାରେ ବ୍ୟବହୃତ ରକ୍ଷା କବଚ ଷଠି କନା କନିଷ୍ଠ ମାନଙ୍କ ହାତରେ ବାନ୍ଧି ବଜ୍ରମୂଳି ଗଛରେ ଛ ଥର ଝାଡ଼ିଦେଇ ବଜ୍ରପରି ଶକ୍ତ ନିରାମୟ ଜୀବନ ଆଶୀର୍ବାଦ କରନ୍ତି । ଶାରଦୀୟ ପର୍ବ ପ୍ରାରମ୍ଭର ଏହି ଆଦ୍ୟ ଉତ୍ସବ ଷଷ୍ଠିଓଷାରେ ଗୋଟିଏ ଦିନ ମା'କାଠି ଠାକୁରାଣୀ ଦିନ ବେଳା ନିଜ ମନ୍ଦିରକୁ ଯାତ୍ରା କରିବାର ପରମ୍ପରା କାହିଁ ଆଦିମକାଳରୁ ଚଳିଆସୁଥିବା କଥା ମନ୍ଦିର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ବିନାୟକପୁର ବେଲସାଉଁଳିଆରେ ଗଣେଶ ପୂଜା, ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା

ବାସୁଦେବପୁର, ୧୬/୦୯ (ଆ.ପ୍ର) : ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ଆରାଧନାରେ ଉତ୍ସବମୁଖର ବିନାୟକପୁର ବେଲସାଇଁଳିଆ । ଶ୍ରୀ ଗଣେଶ ଯୁବକ ସଂଘ ପକ୍ଷରୁ ତିନିଦିନ ଧରି ଧୁମ୍‌ଧାମରେ ପାଳିତ ହୋଇଛି ଗଣେଶ ପୂଜା । ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ସାଙ୍ଗକୁ ଭକ୍ତିମୟ ପରିବେଶ ଥିଲା ବେଶ୍ ଆକର୍ଷଣୀୟ । ଭକ୍ତିରେ ଭରିଲା ପରିବେଶ. । ଘଂଟ, ଶଙ୍ଖ ଓ ହୁଳହୁଳିରେ ପ୍ରକମ୍ପିତ ହେଲା ପୂଜା ମଣ୍ଡପ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ବେଲସାଉଁଳିଆ ୧୧ ନମ୍ବର ୱାର୍ଡରେ ଶ୍ରୀ ଗଣେଶ ଯୁବକ ସଂଘ ପକ୍ଷରୁ ତିନିଦିନ ଧରି ଅନୁଷ୍ଠିତ ହୋଇଛି ଶ୍ରୀଗଣେଶ ପୂଜା ।ପ୍ରଭୁ ଗଣେଶଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହୋଇଥିଲା । ଆଉ ଏହି ପୂଜାର ସବୁଠାରୁ ବଡ଼ ଆକର୍ଷଣ ଥିଲା ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା । ପୂଜାରୁ ଭସାଣି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସୁଚାରୁ ଭାବେ ପରିଚାଳନା କରିଥିଲେ କମିଟି ସଦସ୍ୟ ଓ ଗ୍ରାମବାସୀ । ଭସାଣି ଉତ୍ସବରେ ମଧ୍ୟ ଭକ୍ତ ଓ ଯୁବକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ବେଶ୍ ଉତ୍ସାହ । ସଭାପତି ହରେକୃଷ୍ଣ ମଲ୍ଲିକ, ସମ୍ପାଦକ ପ୍ରତାପ ବେହେରାଙ୍କ ସମେତ ଲକ୍ଷ୍ମଣ କୁମାର ବେହେରା, ଅନିଲ ବାରିକ, ଭଗବାନ ସାହୁ, ସୁଶାନ୍ତ ମଲ୍ଲିକ, ମନୋଜ ସାହୁ, ରଞ୍ଜନ ବେହେରା, ସତ୍ୟବାନ ବେହେରା, ଲଳିତ ବେଜ, ଭରତ ବେହେରା, ଖଗେନ୍ଦ୍ର ସାହୁ ଓ କମଳାକାନ୍ତ ସାହୁଙ୍କ ସମେତ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ରହି ପୂଜାକୁ ସଫଳ କରିଥିଲେ । ଭକ୍ତି, ଉତ୍ସାହ ଓ ସେବାର ଏହି ସୁନ୍ଦର ସମନ୍ୱୟରେ ବିନାୟକପୁର ବେଲସାଉଁଳିଆର ଗଣେଶ ପୂଜା ପାଲଟିଥିଲା ଏକ ଭକ୍ତିମୟ ଉତ୍ସବ ।

ଗଣେଶ ବିସର୍ଜନ ସମୟରେ ସଫେଇରେ ବୁଡ଼ି ୪ମୃତ

ଏରସମା, ୧୬/୦୯ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ, କୃଷ୍ଣଚନ୍ଦ୍ରପୁର ପଂଚାୟତ ଓରନାଳ ଗ୍ରାମ ର କେତେକ ଯୁବ ଗୋଷ୍ଠି ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ପାଣିରେ ବୁଡି ୪ ଯୁବକ ମୃତ ହୋଇଥିବା ଜଣାପଡ଼ିଛି । ମୃତକ ହେଲେ ସୁଶିଲ ପଲେଇ, ମନଜିତ ସ୍ୱାଇଁ, ରଶ୍ମି ରଂଜନ ନାୟକ, ସ୍ୱୋପ୍ନଜିତ୍ ବାରିକ । ଅଗ୍ନିଶମ ବାହିନୀ, ଏରସମା ଓ ତିର୍ତୋଲ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ଉଦ୍ଧାର କାର୍ଯ୍ୟ ଚାଲିଥିଲା । ବୁଡ଼ି ଥିବା ଯୁବକଙ୍କୁ ଉଦ୍ଧାର କରାଯାଇ ଏରସମା ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିବା ବେଳେ ଡ଼ାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି । ଏହାପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ସ୍ଥିର ହୋଇଛି । ଏହାକୁ ନେଇ ଏରସମା ମୁଖ୍ୟ ଡାକ୍ତର ଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ରାଣୀଗୋଡାରେ ଗ୍ରାମ ଦେବୀ ମା' ଖୁମ୍ଭେଶ୍ୱରୀଙ୍କ କାଦୁଆ ପୂଜା/ବାର୍ଷିକପୂଜା

ଅନୁଗୋଳ, ୧୬/୦୯ (ଆ.ପ୍ର) : ବୁଧବାର ଦିନ ସହର ଉପକଣ୍ଠ ରାଣୀଗୋଡା ଗ୍ରାମର ଆରାଧ୍ୟ ଗ୍ରାମ ଦେବୀ ମା' ଖୁମ୍ଭେଶ୍ୱରୀଙ୍କ କାଦୁଆ ପୂଜା ବାର୍ଷିକ ପୂଜା ବଡ ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଯାଇଛି । ପୂର୍ବାହ୍ନ ୧୧ ଘଟିକା ସମୟରେ ଗାଁ'ର ସାମନ୍ତ ସାହିରେ ଥିବା ମାଁ'ଙ୍କ ଦିଅଁ ଘରୁ ମା'ଙ୍କ ସୁସଜ୍ଜିତ ବିଜେ ପ୍ରତିମା ଆଲମକୁ ଢୋଲ ବାଦ୍ୟ ଦଳ, ଘଂଟୁଆ ଦଳ, ଘଂଟଘଂଟାର ନାଦ ଓ ହରିବୋଲ ହୁଳହୁଳି ଧ୍ୱନୀ ସହ ଏକ ବଡ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରା ଯାଇଥିଲା । ମା'ଙ୍କ ପୀଠର ଆସ୍ଥାନ ଉପରେ ପହଂଚିବା ପରେ ପରମ୍ପରା ଓ ରୀତିନୀତି ଅନୁଯାଇ ପୂଜକ ଭାଗିରଥି ଦେହୁରୀ ଏବଂ ସହଯୋଗୀ ନୀଉ ଦେହୁରୀ, କଇରା ଦେହୁରୀ ଓ ବସନ୍ତ ପ୍ରଧାନଙ୍କ ଦ୍ୱାରା ପ୍ରଥମେ ମାର୍ଜନା କର୍ମ ଏବଂ ପରେ ପରେ ବଡ ପୂଜା ସମ୍ପର୍ଣ୍ଣ କରା ଯାଇଥିଲା । ନିଷ୍ଠାର ସହ ମା'ଙ୍କୁ ଭକ୍ତିରେ ପୂଜା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଗ୍ରାମବାସୀଙ୍କ ଅତୁଟ ବିଶ୍ୱାସ ରହି ଆସିଛି । ସେଇ କାରଣକୁ ପାଥେୟ କରି ପୂଜା ଦିନ ମା'ଙ୍କ ପୀଠରେ ବହୁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଇ ଅବସରରେ ବହୁ ଶ୍ରଦ୍ଧାଳୁ ମା'ଙ୍କ ପାଖରେ ଅଧିଆ ପଡିଥିଲେ । ମା' କାଳେସୀଙ୍କ ଦେହରେ ଆବିର୍ଭାବ ପରେ ସମସ୍ତ ଶ୍ରଦ୍ଧାଳୁ ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥାନ୍ତି । ଆଶିର୍ବାଦ ସିଂଚନ ପରେ ଶ୍ରଦ୍ଧାଳୁ ସ୍ୱଗୃହକୁ ଏକ ମୁହାଁ ହୋଇ ପ୍ରତ୍ୟାବର୍ତ୍ତନ କରିଥାଏ । ଏହି ଅବସରରେ ବହୁ ନବଯାତକ ଶିଶୁମାନଙ୍କ ମାନସିକ ବାର୍ଷିକ ମୁଣ୍ଡନ କର୍ମ ସମ୍ପାଦିତ ହୋଇଥିଲା । ଏହି ବାର୍ଷିକ/କାଦୁଆ ପୂଜାକୁ ଗ୍ରାମବାସୀ ମାନେ ମିଳିମିଶି ଶାନ୍ତିଶୃଙ୍ଖଳାର ସହ ପାଳନ କରିଥିଲେ । ମା'ଙ୍କ ପୂଜା ସମାପନ ପରେ ନିକଟରେ ଥିବା ମା' ପୀତାବତୀଙ୍କ ପୀଠରେ ପୂଜକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ସଞ୍ଜ ହେଲା ବେଳକୁ ମା'ଙ୍କର ବିଜେ ପ୍ରତିମା ଆଲମକୁ ଗ୍ରାମରେ ଥିବା ମାଆଙ୍କ ଦିଅଁ ଘରକୁ ପ୍ରତ୍ୟାବର୍ତ୍ତନ କରି ଅଣା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ କମଳଲୋଚନ ଦାସ, ବିରେନ ଦାସ, ଧିରେନ, ବାପି, ସାଗର, ଛୋଟୁ, ନିତ୍ୟାନନ୍ଦ ସାହୁ, ଚଗଲା, କୁନା, ଟିକୁ, ମିଲୁ, ନିତ୍ୟାନନ୍ଦ, ବେହେରା, ଭାସ୍କର ବେହେରା, ଅକ୍ଷୟ ଦାସ, ଅଙ୍ଗଦ, ସର୍ବେଶ୍ୱର. ଗୋକୁଳ ସାମନ୍ତ, ସିଲୁ. ହାପି, ଚିନ୍ମୟ, ବିକାଶ, ଆଭାସ, ପରେଶ, ଜଟି, ଜ୍ଞାନୀ, କୁଲୁ ପ୍ରଭୃତିଙ୍କ ପରିଚାଳନାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

କ୍ଷତିପୂରଣ ଓ ଥଇଥାନ ଦାବିରେ ଏକାଠି ହେଲେ ଅଂଚଳବାସୀ

ଦଶପଲ୍ଲା, ୧୬/୦୯ (ଆ.ପ୍ର) : ବୃତଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ କୁଲୁରୁକୁମ୍ପା ପଂଚାୟତର ପାମ୍ପେରେଡ଼ାଠାରେ ଶତାଧିକ ବାସହ୍ୟୁତ ଅଧିବାସୀ ଏକାଠି ହୋଇ ନିଜର ହକ୍ ପାଇଁ ଦାବି ଉଠାଇଛନ୍ତି । ବିସ୍ଥାପନ ପୂର୍ବରୁ ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଭୂମିହୀନଙ୍କୁ ଥଇଥାନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏନେଇ ରଙ୍କନିଧି ସାହୁଙ୍କ ସଭାପତିତ୍ୱ ଏବଂ ବସନ୍ତ କୁମାର ସାହୁଙ୍କ ସମ୍ପାଦକତ୍ୱରେ ଏକ କମିଟି ଗଠନ କରାଯାଇଛି । ସୂଚନାଯୋଗ୍ୟ, ପ୍ରକଳ୍ପର ଜଳ ନିଷ୍କାସନ ଗେଟ୍ ପାଇଁ ୧୯୪ କୋଟି ଟଙ୍କାର ଟେଣ୍ଡର ପ୍ରକାଶ ପାଇଥିବା ବେଳେ ୪ଟି ଗ୍ରାମକୁ ବୁଡ଼ି ଅଂଚଳ ଘୋଷଣା କରି ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଚାଲିଛି । ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଆସନ୍ତା ୨୦ ତାରିଖରେ ପରବର୍ତ୍ତୀ ବୈଠକ ବସିବ ବୋଲି ସୂଚନା ମିଳିଛି ।

ପଧାନପଡ଼ା ଠାରେ କଳା ସଂସ୍କୃତି ପରିଷଦ ଯୁବକ ସଂଘ ତରଫରୁ ରାମ ହନୁମାନ ଯୁଦ୍ଧ ପୌରାଣିକ ନାଟକ ଅନୁଷ୍ଠିତ

ଟିକାବାଲି, ୧୬/୦୯ (ଆ.ପ୍ର) : ଟିକାବାଲି ବ୍ଲକ ଅନ୍ତର୍ଗତ କଟିମାହା ଗ୍ରାମପଂଚାୟତ ନିକଟସ୍ଥ ପଧାନପଡ଼ା ଗ୍ରାମରେ ପଧାନପଡ଼ା ରଙ୍ଗୀନ ରଙ୍ଗମଂଚ ଯାତ୍ରା ପଡ଼ିଆ ଠାରେ ଗଣେଶ ପୂଜା ଉପଲକ୍ଷେ କଳା ସଂସ୍କୃତି ପରିଷଦ ଯୁବକ ସଂଘ ପଧାନପଡ଼ା କମିଟି ତରଫରୁ ପାରିବାରିକ ଓ ଭାବଧାରାକୁ ନେଇ ବହୁତ ଚର୍ଚ୍ଚିତ ସୁ ପ୍ରସିଦ୍ଧ ପୌରାଣିକ ନାଟକ 'ରାମ ହନୁମାନଯୁଦ୍ଧ'ର ନାଟକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମଂଚାସିନ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକା ଅଜୟନ୍ତୀ ପ୍ରଧାନ, ମୁଖ୍ୟ ବକ୍ତା ସ୍ଥାନୀୟ ସରପଂଚ କର୍ଣ୍ଣେଲ କହଁର, ସଂମାନିତ ଅତିଥି ପୂର୍ବତନ କଂଗ୍ରେସ ଯୁବ ସଭାପତି ଚନ୍ଦନ ପଣ୍ଡା, ରାଘବ ମଲିକ, ନାଏବ ସରପଂଚ ମହାଶୟା, ଗ୍ରାମ୍ୟ ମୁଖ୍ୟ ଦେବଶ୍ରୀର ପ୍ରଧାନ, ୱାର୍ଡ଼ ମେମ୍ବର ସାମେସ୍ୱର ଦିଗାଲ, ପରିଷଦର ସଭାପତି ଜଣି ଦିଗାଲଙ୍କ ସମେତ ପରିଚାଳନା କମିଟିର ସଦସ୍ୟ, ଜୟନ୍ତ ବେହେରା, ଗଣେଶ ପୂଜା କମିଟିର ସଭାପତି ଲିପନ ଦିଗାଲ, ସମ୍ପାଦକ ପ୍ରଭାକର ପ୍ରଧାନ, ସିଲୁ ମଲିକ, ଉତ୍ସବ ବଗର୍ତ୍ତି, ସିଦ୍ଧାନ୍ତ ଦିଗାଲ, ରମେଶ କହଁର,ନାଟ୍ୟ ସଂଘର ସମସ୍ତ ସଦସ୍ୟ ଓ କଳାକାରମାନେ, ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ଉପସ୍ଥିତ ରହି ପୌରାଣିକ ନାଟକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଶ୍ରୀମତୀ ପ୍ରଧାନ, ସଂମାନିତ ଅତିଥିଙ୍କ ଦ୍ୱାରା ପୂର୍ବବର୍ଷରେ ରହିଥିବା ଦର୍ଶକଙ୍କ ଆଶା ଲୋଟେରୀ ଉଠାଣ କରାଯାଇଥିଲା, ପ୍ରଥମ ପୁରସ୍କାର ବାଇକ, ଦ୍ୱିତୀୟ ପୁରସ୍କାର ଫ୍ରିଜ, ତୃତୀୟ ପୁରସ୍କାର ମୋବାଇଲ ୩ଜଣଙ୍କ ନାମକୁ ସର୍ବ ସମ୍ମୁଖରେ ପ୍ରକାଶ କରାଗଲା । ନାଟକର ସଫଳ ମଂଚାୟନ, କଳାକାରଙ୍କ ଭୂମିକା ଓ ପ୍ରତିବର୍ଷ ସାମାଜିକ ନାଟକ ହେଉଥିଲା କିନ୍ତୁ ଏହି ବର୍ଷ ପୌରାଣିକ ନାଟକ ହେଲା ଏହା ଏକ ଖୁସିର କଥା ଯାହା ଆଗାମୀ ପ୍ରସ୍ତୁତି ସର୍ବଦା ଏହି କଳା ଓ ଭାଇ ଚାରା ରହିବା ପାଇଁ ଅତିଥି ବୃନ୍ଦ ନିଜର ବକ୍ତବ୍ୟ ରଖିଥିଲେ । ଏହି ନାଟକ ମଂଚକୁ ସୁନ୍ଦର ଭାବରେ ରାଜେଶ ଦିଗାଲ ପରିଚାଳନା କରିଥିଲେ । ଶେଷରେ ଯୁବକ ସଂଘ ସଭାପତି ଜଣି ଦିଗାଲ ସଭାଟିକୁ ସାଙ୍ଗ କରି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । 'ରାମ ହନୁମାନ ଯୁଦ୍ଧ' ଏକ ପୌରାଣିକ ନାଟକ ହୋଇଥିବାରୁ ଏହା ଦର୍ଶକଙ୍କୁ ମନୋରଞ୍ଜନ ସହିତ ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଓ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲା । ନାଟକର ଆଗାମୀ ଆଦର୍ଶ କଳା ପରିଷଦ ତରଫରୁ ଏକ ନୂଆଁ ରୂପରେ ଭେଟି ଦେବାକୁ ଯାଉଛି ଯାତ୍ରାମଂଚ ରେ ନାଟକ 'ଗୋଟେ ଶୁଆ ଗୋଟେ ଶାରୀ' ମଂଚାୟନକୁ ନେଇ ଟିକାବାଲି ଅଂଚଳର କଳାପ୍ରେମୀ ଓ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ଓ ଅପେକ୍ଷାର ପରିବେଶ ସୃଷ୍ଟି ହୋଇଛି ।

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକଙ୍କ ପରଲୋକ



ଖଣ୍ଡପଡ଼ା, ୧୬/୦୯ (ଆ.ପ୍ର) : ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ତଥା ଜଣେ ଦକ୍ଷ ସଂଗଠକ ଓ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ ବିଭୁପ୍ରସାଦ ସାହୁ (୫୩) ଙ୍କର ମଙ୍ଗଳବାର ରାତି ୧୦.୪୫ ମିନିଟ ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଫତେଗଡ ଗ୍ରାମସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଶିକ୍ଷକ ସ୍ୱର୍ଗତ ସାହୁଙ୍କ ବିୟୋଗରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଖଣ୍ଡପଡା ଓ ଭାପୁର ବ୍ଲକ ଅଂଚଳରେ କର୍ତ୍ତବ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଗଭିର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ପୁରୀ ସ୍ୱର୍ଗଦ୍ୱାର ଠାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ସ୍ୱର୍ଗତ ସାହୁଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ଦହିବରା ଖାଇ ଶତାଧିକ ଆକ୍ରାନ୍ତ, ଚିକିତ୍ସା ପରେ ଅଧିକାଂଶ ସୁସ୍ଥ

କାକଟପୁର, ୧୬/୦୯ (ଆ.ପ୍ର) : ଦହିବରା ଖାଇ ୬୦ରୁ ଅଧିକ ଶିଶୁ ଓ ଲୋକ ଅସୁସ୍ଥ ହୋଇପଡ଼ିଥିବା ଘଟଣାକୁ ନେଇ କାକଟପୁର ବ୍ଲକ ବାଙ୍ଗୁରିଗାଁ ଅଂଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି । ଗତକାଲି ଜଣେ ବୁଲା ଦହିବରା ବିକାଳି ବିଭିନ୍ନ ଗାଁ ବୁଲି ଦହିବରା ବିକ୍ରି କରିଥିଲେ । ବାଙ୍ଗୁରିଗାଁ ପଂଚାୟତ ଅନ୍ତର୍ଗତ ଅନେକ ଗାଁର ଶିଶୁ ଓ ଲୋକେ ଏହା ଖାଇଥିଲେ । ଦହିବରା ଖାଇବାର କିଛି ଘଂଟା ପରେ ଅନେକଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା । ଝାଡ଼ା, ବାନ୍ତି, ମୁଣ୍ଡ ବୁଲାଇବା ଓ ପେଟ କାଟିବା ଭଳି ସମସ୍ୟା ଦେଖାଦେଇଥିଲା । ପ୍ରାଥମିକ ଭାବେ ଔଷଧ ଖାଇଥିଲେ ମଧ୍ୟ ସୁଧାର ନଆସିବାରୁ ଆଜି ସକାଳୁ ବାଙ୍ଗୁରିଗାଁ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ବଢ଼ିଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଡାକ୍ତରଖାନା ପକ୍ଷରୁ ଜରୁରୀକାଳୀନ ଭିତିରେ ଆକ୍ରାନ୍ତମାନଙ୍କୁ ଚିକିତ୍ସା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା । ଡାକ୍ତର ସମର୍ଜିତ୍ ମଲିକଙ୍କ ସୂଚନା ଅନୁଯାୟୀ, ସମସ୍ତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଦିଆଯାଇଛି ଏବଂ ବର୍ତ୍ତମାନ ଅଧିକାଂଶ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । କୌଣସି ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ବାହାରକୁ ସ୍ଥାନାନ୍ତର କରାଯାଇନଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ଦହିବରା ବିକାଳି ବାପି ଦାସ ମଧ୍ୟ ଏହି ଘଟଣା ନେଇ ନିଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ପ୍ରାୟ ୧୦ରୁ ୧୨ ବର୍ଷ ହେବ ସେ ସାଇକେଲରେ ବିଭିନ୍ନ ଗାଁ ବୁଲି ଦହିବରା ବିକ୍ରି କରୁଛନ୍ତି । ପୂର୍ବରୁ ଏଭଳି କୌଣସି ଅଭିଯୋଗ କିମ୍ବା ଘଟଣା ଘଟିନଥିବା ସେ କହିଛନ୍ତି । ତେବେ ଆଜିର ଘଟଣାରେ ସେ ମର୍ମାହତ ବୋଲି କହିବା ସହ ବିକ୍ରି ପାଇଁ ପ୍ରସ୍ତୁତ କରିଥିବା ଦହିବରାକୁ କେନାଲରେ ଫିଙ୍ଗି ଦେଇଛନ୍ତି । ଏହି ଘଟଣାର ପ୍ରକୃତ କାରଣ କଣ, ଦହିବରାରେ କୌଣସି ଖାଦ୍ୟଜନିତ ସମସ୍ୟା ଥିଲା କି ନାହିଁ, ତାହା ସମ୍ପର୍କିତ ଯାଂଚ ପରେ ହିଁ ସ୍ପଷ୍ଟ ହେବ । ବର୍ତ୍ତମାନ ଚିକିତ୍ସା ପରେ ଅଧିକାଂଶ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରୁଥିବା ସୂଚନା ମିଳିଛି ।

ରାଜ୍ୟସ୍ତରୀୟ ଟୋଙ୍ଗ-ଇଲ୍-ମୂ-ଡୁ ଚାମ୍ପିଅନସିପ

ଭୁବନେଶ୍ୱର, ୧୬/୦୯ (ଆ.ପ୍ର) : ଟୋଙ୍ଗ-ଇଲ୍-ମୂ-ଡୁ ଆସୋସିଏସନ ଓଡିଶା ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଟୋଙ୍ଗ-ଇଲ୍-ମୂ-ଡୁ ଚାମ୍ପିଅନସିପ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାର ୧୬ ଟି ଜିଲ୍ଲାରୁ ପ୍ରାୟ ୨୯୪ ଖେଳାଳି ଅଂଶଗ୍ରହଣ କରିଥିଲେ । ୪ଟି ବର୍ଗ ସବ୍ ଜୁନିଅର, କ୍ୟାଡେଟ, ଜୁନିଅର ଓ ସିନିଅର ଭାଗରେ ଖେଳାଳିମାନେ ଖେଳ ପ୍ରଦର୍ଶନ କରିଥିଲେ । ପ୍ରତ୍ୟେକ ବିଭାଗରୁ ୪ ଜଣ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଭାବେ ବିଜେତା ଘୋଷିତ ହୋଇଥିଲେ । ୧୯ ଜଣ ରେଫରୀ ଖେଳ ପରିଚାଳନା କରିଥିଲେ । ଏଥିରେ ସୁନ୍ଦରଗଡ ଜିଲ୍ଲା ଚାମ୍ପିଅନ ଓ ଅନୁଗୋଳ ଜିଲ୍ଲା ରନର୍ସ ଅପ୍ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆସୋସିଏସନର ସଭାପତି ବୀରକିଶୋର ଦେବ ଯୋଗଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିବା ସହ ଚାମ୍ପିଅନ୍ ଓ ରନର୍ସଅପଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ପାଦକ ଲଳାଟ କୁମାର ପରିଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ପୁରୀ ସମୁଦ୍ରର ଓଟାରୁଣୀ ସ୍ରୋତରୁ ଦୁଇ ନାବାଳକ ପର୍ଯ୍ୟଟକ ଉଦ୍ଧାର

ପୁରୀ: ପୁରୀ ସମୁଦ୍ରରେ ଗାଧୋଇବାକୁ ଯାଇଥିବା ଦୁଇ ନାବାଳକ ପର୍ଯ୍ୟଟକ ବୁଡିଯାଉଥିଲେ । କୂଳରେ ଥିବା ଲାଇଫ୍‌ଗାର୍ଡ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ଉଦ୍ଧାର ପାଇଥିବା ଦୁଇ ନାବାଳକ ହେଉଛନ୍ତି ବଲାଙ୍ଗୀର କାଂଟାବାଞ୍ଜି ଅଂଚଳର ଆୟୁଷ ଗୁପ୍ତା(୧୭) ଓ ଆୟନ ଗୁପ୍ତା(୧୪) । ମିଳିଥିବା ସୂଚନା ଅନୁଯାୟୀ, ଆଜି (ବୁଧବାର) ଅପରାହ୍ନ ସମୟରେ ଦୁଇ ନାବାଳକ ସେକ୍ଟର-୪ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ । ସମୁଦ୍ରର 'ରିପ୍ କରେଂଟ' (ପଛକୁ ଦ୍ରୁତଗତିରେ ଫେରୁଥିବା ଓଟାରୁଣୀ ସ୍ରୋତ)ରେ ଭାସି ଯାଇ ଦୁହେଁ ଗଭୀର ପାଣି ଭିତରକୁ ଚାଲିଯାଇଥିଲେ ଏବଂ ବୁଡିବାକୁ ଲାଗିଥିଲେ । ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ ଟିମ୍ କାଳବିଳମ୍ବ ନକରି ସମୁଦ୍ର ଭିତରକୁ ଡେଇଁ ଦୁଇ ଜଣଙ୍କୁ ସୁରକ୍ଷିତ ଭାବେ କୂଳକୁ ଆଣିଥିଲେ । ଉଦ୍ଧାର ପରେ ବେଳାଭୂମିରେ ହିଁ ଦୁଇ ନାବାଳକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ବର୍ତ୍ତମାନ ଦୁହେଁ ସୁସ୍ଥ ଥିବା ଜଣାପଡିଛି ।

ଅଗ୍ରଣୀ ସିଇଓମାନଙ୍କ ସହ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥଠାରେ ଅଗ୍ରଣୀ ସିଇଓମାନଙ୍କ ସହ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତକୁ ରୂପ ଦେବାରେ ସରକାର ଏବଂ ସେମିକଣ୍ଡକ୍ଟର ଶିଳ୍ପ ମଧ୍ୟରେ ଘନିଷ୍ଠ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଭାରତର ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଭିତିଭୂମିର ଦୃଢ଼ ମୂଳଦୁଆ ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା, ନବସୃଜନ ଏବଂ ଏଆଇ ଏବଂ କ୍ୱାଂଟମ କମ୍ପ୍ୟୁଟିଂ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଶିଳ୍ପମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ । ଆର୍ଟିଫିସିଆଲ ଇଂଟେଲିଜେନ୍ସରେ ଏକ କୋଟି ଲୋକଙ୍କୁ ତାଲିମ ଦେବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଭାରତର ପ୍ରତିଭା ଭଣ୍ଡାର, ବିଶ୍ୱ ଶିଳ୍ପ ନେତୃବର୍ଗଙ୍କ ଅଭିଜ୍ଞତା ଏବଂ ସାମର୍ଥ୍ୟ ସହିତ ମିଶି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିପାରିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭାରତ ପ୍ରାରମ୍ଭିକ ନେତୃତ୍ୱ ନେବାରେ ଆଗ୍ରହୀ ହେବା ଉଚିତ । ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ଦର୍ଶାଇ ସେ କହିଥିଲେ ଯେ ଇକୋସିଷ୍ଟମ୍ ବର୍ତ୍ତମାନ ମୌଳିକ ପ୍ରୟାସରୁ ଅଧିକ ବ୍ୟାପକ ଏବଂ ସୁଯୋଗର ପର୍ଯ୍ୟାୟ ଆଡ଼କୁ ଗତି କରୁଛି । ପ୍ରଧାନମନ୍ତ୍ରୀ ଏକ ପୂର୍ବାନୁମାନଯୋଗ୍ୟ ଏବଂ ଉଦାରବାଦୀ ନୀତି ପରିବେଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ବୈଶ୍ୱିକ ପ୍ରଗତି ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ ନୀତି ବିକଶିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଶିଳ୍ପପତିମାନଙ୍କୁ ନୀତିଗତ ଏବଂ ପ୍ରଶାସନିକ ପଦକ୍ଷେପ ଉପରେ ପରାମର୍ଶ ସେୟାର କରିବା ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି କ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ସେମାନଙ୍କ ମତାମତ ଉପରେ ବିଚାର କରାଯିବ । ଭାରତର ସେମିକଣ୍ଡକ୍ଟର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଲାଗି ସେ ଉଦ୍ୟୋଗ ଜଗତର ନେତୃବର୍ଗଙ୍କୁ ପ୍ରୋତ୍ସାହିତ କରିଥିଲେ । ଉତ୍ପାଦନ, ଡିଜାଇନ, ଭିତିଭୂମି ଏବଂ ପ୍ରତିଭା ବିକାଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରି ଭାରତର ସେମିକଣ୍ଡକ୍ଟର ସାମର୍ଥ୍ୟ ବିକାଶ ପାଇଁ ସରକାରଙ୍କ ନିରନ୍ତର ପ୍ରୟାସକୁ ସିଇଓମାନେ ପ୍ରଶଂସା କରିଥିଲେ । ଆଇଏସଏମ ୨.୦ ଅଧୀନରେ ସୃଷ୍ଟି ହେଉଥିବା ସୁଯୋଗ ଏବଂ ଉତ୍ପାଦନ, ଗବେଷଣା ଓ ବିକାଶ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସହାୟକ ଶିଳ୍ପ ସମେତ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଦକ୍ଷତା ନିର୍ମାଣ କରିବାର ଭାରତର କ୍ଷମତା ଉପରେ ସେମାନେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ସହଯୋଗକୁ ପ୍ରଶଂସା କରି ସେମାନେ କହିଥିଲେ ଯେ ବିଗତ ବର୍ଷଗୁଡ଼ିକରେ ହାସଲ କରାଯାଇଥିବା ପ୍ରଗତି ଶିଳ୍ପ କ୍ଷେତ୍ରରେ ଅଧିକ ଅଂଶଗ୍ରହଣ ପାଇଁ ଏକ ସୁଦୃଢ଼ ମୂଳଦୁଆ ସୃଷ୍ଟି କରିଛି । ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ସେମିକଣ୍ଡକ୍ଟର ଏବଂ ଟେକ୍ନୋଲୋଜି ହବ୍ ଭାବେ ଭାରତର ଉତ୍ଥାନରେ ଯୋଗଦାନ ଦେବା ଲାଗି ସେମାନେ ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏହି ବୈଠକରେ ସେମି, ମାଇକ୍ରନ୍, ଇନଫିନିଅନ୍, ଆପ୍ଲାଏଡ୍ ମ୍ୟାଟେରିଆଲ୍ସ, ଏଏସ୍‌ଏମ୍‌ଏଲ୍, ମର୍କ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ଫୁଜିଫିଲ୍ମ, ଏଏମଡି, ଇଂଟେଲ୍, ଟାଟା ଇଲେକ୍ଟ୍ରୋନିକ୍ସ, ଲାମ୍ ରିସର୍ଚ୍ଚ, ରାପିଡସ୍, ଏନ୍‌ଏକ୍ସପି, ଫକ୍ସକନ୍, ସେମି କଣ୍ଡକ୍ଟର ଡିଭାଇସ୍, ଆଡଭାଂଟେଷ୍ଟ, ସେଲେଷ୍ଟା କ୍ୟାପିଟାଲ୍, ସିଜି ପାୱାର, ଆଇବିଏମ୍ ରିସର୍ଚ୍ଚ ସମେତ ବିଭିନ୍ନ ସଂସ୍ଥାର ସିଇଓ, ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଅମୃତ ସରୋବରରେ ବୁଡ଼ିଗଲେ ୫୬ ବର୍ଷୀୟ ବ୍ୟକ୍ତି

କୋରାପୁଟ, ୧୬/୦୯ (ଆ.ପ୍ର) : କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ଗୀର୍ଲିଗୁମା ପଂଚାୟତର ଟିକ୍ରାପଡ଼ା ଗ୍ରାମ ନିକଟ ଅମୃତ ସରୋବର ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଟିକ୍ରାପଡ଼ା ଗ୍ରାମର ୫୬ ବର୍ଷୀୟ ଲିମ ଦିଶାରୀ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସକାଳ ପ୍ରାୟ ୧୦ଟା ସମୟରେ ଗାଧୋଇବାକୁ ଯାଉଥିବା କହି ଲିମ ଘରୁ ବାହାରିଥିଲେ । ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ଏହାପରେ ପରିବାର ଲୋକେ ଅପରାହ୍ନ ପ୍ରାୟ ୩ଟାରେ ସମ୍ପର୍କୀୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ତେବେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ବୁଧବାର ଗାଁ ନିକଟ ଅମୃତ ସରୋବର ପୋଖରୀ କୂଳରେ ଲିମ ପିନ୍ଧିଥିବା ପୋଷାକ ତାଙ୍କ ସାନ ନଜରକୁ ଆସିଥିଲା । ଏନେଇ ସେ ସାନ ପୁଅ ମନବୋଧ ଦିଶାରୀଙ୍କୁ ଜଣାଇଥିଲେ । ପୋଖରୀରେ ବାପା ବୁଡ଼ି ଯାଇଥିବା ସନ୍ଦେହ କରି ମନବୋଧ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହଯୋଗରେ ପୋଖରୀରେ ଖୋଜାଖୋଜି ଆରମ୍ଭ କରିଥିଲେ । ପରେ ପୁଲିସ ମଧ୍ୟ ସେଠାରେ ପହଂଚିଥିଲା । ପ୍ରାୟ ୪୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ଖୋଜାଖୋଜି ପରେ ନରଗୋଛ ଗ୍ରାମର ହେମନ୍ତ ଜାନୀ ଓ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଲିମଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଦଶମନ୍ତପୁର ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦଶମନ୍ତପୁର ଥାନା ପକ୍ଷରୁ ସୂଚନା ମିଳିଛି ।

ମୋଟର ସାଇକଲ ଧକାରେ ତିନି ମହିଳା ଗୁରୁତର

ଚନ୍ଦାହାଣ୍ଡି, ୧୬/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ର ହଳଦୀ ଗ୍ରାମଠାରେ ତିନି ଜଣ ମହିଳା ବାଇକ ଧକାରେ ଗୁରୁତର । ପ୍ରାପ୍ତ ସୂଚନା ଅନୁଯାଇ ଆଜିର ସନ୍ଧ୍ୟାରେ ହଳଦୀ ଗ୍ରାମର ଛିନେ ପାରି ୪୫ ଓ ତାଙ୍କ ଝିଅ ସୁବାସିନୀ ପାରି ଓ ସେହି ଗ୍ରାମର ତୁଳା ଖରସେଲଙ୍କ ଝିଅ ପ୍ରମିଳା ଖରସେଲ ୧୫ ଏହି ତିନି ଜଣ ଏକାଠି ମିଶି ଶୌଚ ପାଇଁ ଯାଉଥିବା ସମୟରେ ପଛ ପଟୁ ଦ୍ରୁତ ଗତିରେ ବିଲେଇ ଝରଣ ମୁଣ୍ଡରୁ ଯାନୀ ୧୮, ନାମକ ଯୁବକ ବାଇକରେ ପଛ ପଟୁ ପିଟିବାରୁ ରାସ୍ତାରୁ କିଛି ଦୂରରେ ଛିଟକି ପଡି ଯାଇଥିଲେ । ଏହି ଦୁର୍ଘଟଣା ଘଟାଇ ଫରାର ହେବାକୁ ଚେଷ୍ଟା କରୁଥିଲେ କିନ୍ତୁ କିଛି ଯୁବକ ଆସି ସେହି ଉକ୍ତ ଯୁବକଙ୍କୁ କାବୁକରୀ ପୋଲିସ ଜିମା ଦେଇଥିଲେ । ଏହି ଦୁର୍ଘଟଣା ଖବର ଶୁଣି ହଳଦୀ ଗ୍ରାମର ବିଜେପି ନେତା ଭୋଦେବ ବାଘ ଘଟଣା ସ୍ଥଳରେ ପହଂଚି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠେଇ ଥିଲେ । ତିନି ଜଣ ମହିଳାଙ୍କ ଗୋଡ଼ ଭାଙ୍ଗି ଯାଇଛି, ସେମାଙ୍କୁ ପ୍ରାଥମିକ ଚିକିତ୍ସା କରି ତିନି ଜଣଙ୍କୁ ଉନ୍ନତ ମାନର ଚିକିତ୍ସା କରିବା ପାଇଁ ଭବାନୀପାଟଣା ହସ୍ପିଟାଲକୁ ପଠାଇ ଦିଆ ଯାଇଛି ବୋଲି ଡାକ୍ତର ତପସ୍ୱୀର ପ୍ରିୟଦର୍ଶନ ସୂଚନା ଦେଇଛନ୍ତି ।

୫ନମ୍ବର ୱାର୍ଡରେ ପିଇବାକୁ ମିଳୁନି ପାଣି

ଦଣପଲ୍ଲା, ୧୬/୦୯ (ଆ.ପ୍ର) : ତୀବ୍ର ଖରା ଓ ଅସହ୍ୟ ଗରମ ମଧ୍ୟରେ ଏନଏସି ଅନ୍ତର୍ଗତ ୫ନମ୍ବର ୱାର୍ଡରେ ୩ ଦିନ ହେବ ପିଇବା ପାଣି ଯୋଗାଣ ବନ୍ଦ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପାଣି ଅଭାବରେ ସ୍ଥାନୀୟ ୱାର୍ଡ଼ବାସୀ ହଇରାଣ ହରକତ ହେଉଛନ୍ତି । ପାଣି ଯୋଗାଣ ବନ୍ଦ ରହିଥିବାରୁ ଘରୋଇ କାମକାର୍ଯ୍ୟ ସହ ପିଇବା ପାଣି ପାଇଁ ହାହାକାର ସୃଷ୍ଟି ହେଉଛି । ବିଶେଷ କରି ଛୋଟ ଶିଶୁ ଓ ବୃଦ୍ଧମାନେ ଅଧିକ ସମସ୍ୟାରେ ପଡ଼ିଛନ୍ତି ।ସୂଚନା ଅନୁସାରେ ୫ନମ୍ବର ୱାର୍ଡ ଅନନ୍ତ ବିହାର ମଧ୍ୟରେ ଡ୍ରେନ ଖୋଳିବା ସମୟରେ ପାଣି ପାଇପ ଫାଟିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଯେତେବେଳେ ଜେସିପି ଦ୍ୱାରା ଖନନ କାର୍ଯ୍ୟ ଚାଲୁଛି ସେତେବେଳେ ଠିକାଦାର କିମ୍ବା ବିଭାଗୀୟ ଇଞ୍ଜିନିଅର ଜଗୁଥିଲେ କଣ ? ଯଦି ପାଇପ ଫାଟିଲା ତେବେ ପ୍ରଥମେ ପାଣିର ସମସ୍ୟା ଦୂର କରିବାକୁ କେଇ ମହାଶୟ ଭୁଲିଗଲେ କି? ଏଠି ଭୁଲ କାହାର? ଭୁଲ କରିବ କିଏ? କଷ୍ଟ ପାଉଛି କିଏ । ଦେଖାଯାଉ ଏହାର ସମାଧାନ କେବେ ହେଉଛି ।

ସଂସ୍କୃତ ମହାବିଦ୍ୟାଳୟ ଛାତ୍ରବାସରେ 'କୃପାଳୁ ଶିଶୁ ସାହିତ୍ୟ ଆସର'

ପାରଳାଖେମୁଣ୍ଡି, ୧୬/୦୯ (ଆ.ପ୍ର) : ସ୍ଥାନୀୟ ସରକାରୀ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରବାସର ପୂଜା ଗୃହ ପରିସରରେ 'କୃପାଳୁ ଶିଶୁ ସାହିତ୍ୟ ଆସର' ଅନୁଷ୍ଠିତ ହୋଇଯାଇଛି । ବାଳ-ମୁକୁନ୍ଦ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ଆସରରେ 'ଭାଦ୍ରବର ସଂସ୍କାରେ ସାକ୍ଷର, ସ୍ୱଚ୍ଛ ଓ ସବୁଜ ଭାରତ' ଶୀର୍ଷକ ବିଷୟବସ୍ତୁ ଉପରେ ଶିକ୍ଷଣୀୟ ଆଲୋଚନା ଓ ସାହିତ୍ୟ ଚର୍ଚ୍ଚା କରାଯାଇଥିଲା । କାର୍ଯ୍ୟକ୍ରମକୁ ବାଳ-ମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ସଂଯୋଜନା ତଥା ପରିଚାଳନା କରିଥିଲେ । ସେ ଭାଦ୍ରବ ମାସର ପବିତ୍ର ପର୍ବପର୍ବାଣୀ ସହ ରାଷ୍ଟ୍ର ନିର୍ମାଣର ତ୍ରିବିଧ ସଂକଳ୍ପକୁ ଯୋଡ଼ି ବୁଝାଇଥିଲେ ଯେ, ଶ୍ରୀଗଣେଶ ପୂଜାର ଆଦର୍ଶ ଆମକୁ 'ସାକ୍ଷର ଭାରତ', ଜନ୍ମାଷ୍ଟମୀ ପୂର୍ବ ଅଧିବାସ ଓ ଆତ୍ମଶୁଦ୍ଧି ଆମକୁ 'ସ୍ୱଚ୍ଛ ଭାରତ' ଏବଂ କୃଷିଭିତିକ ପର୍ବ ନୂଆଖାଇ ଆମକୁ ପରିବେଶ ସୁରକ୍ଷା ସହ 'ସବୁଜ ଭାରତ' ଗଠନର ବାର୍ତ୍ତା ପ୍ରଦାନ କରେ । ଶିଶୁ ତଥା ଯୁବପିଢ଼ିମାନେ ସଂସ୍କାରବାନ ହୋଇ ନିଜ ଜୀବନରେ ଏହି ମୂଲ୍ୟବୋଧଗୁଡ଼ିକୁ ପ୍ରୟୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ କାହ୍ନୁଚରଣ ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରମାନଙ୍କୁ ତ୍ରିବିଧ ଶପଥ ପାଠ କରାଇଥିଲେ : ସାକ୍ଷରତା ଶପଥ : 'ମୁଁ ନିଷ୍ଠାର ସହ ପାଠ ପଢ଼ିବି ଏବଂ ଅନ୍ୟମାନଙ୍କୁ ଶିକ୍ଷିତ ହେବା ପାଇଁ ଉତ୍ସାହିତ କରି ସାକ୍ଷର ଭାରତ ଗଠନରେ ଭାଗୀଦାର ହେବି' । ସ୍ୱଚ୍ଛତା ଶପଥ : 'ମୁଁ ମୋର ବିଦ୍ୟାଳୟ , ଘର ଓ ପରିବେଶକୁ ସର୍ବଦା ପରିଷ୍କାର ରଖିବି , କେବେ ଏଣେତେଣେ ଅଳିଆ ପକାଇବି ନାହିଁ' । ସବୁଜତା ଶପଥ : 'ମୁଁ ନିଜ ଜନ୍ମଦିନ ତଥା ବିଶେଷ ଦିବସରେ ଅତିକମରେ ଗୋଟିଏ ଗଛ ଲଗାଇବି ଏବଂ ଧରିତ୍ରୀକୁ ସବୁଜ ରଖିବା ପାଇଁ ତା'ର ଯତ୍ନ ନେବି' । ପ୍ରକାଶ ଥାଉ କି, ଛାତ୍ରଛାତ୍ରୀଙ୍କ ଭିତରେ ନୈତିକତା, ସାହିତ୍ୟ ରୁଚି ଏବଂ ଉତ୍ତମ ସଂସ୍କାର ଜାଗ୍ରତ କରିବା ଉଦ୍ଦେଶ୍ୟରେ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସରକାରୀ ଶିକ୍ଷାନୁଷ୍ଠାନର ଛୁଟି ଦିନମାନଙ୍କରେ ନିୟମିତ ଭାବେ ଏହି 'କୃପାଳୁ ଶିଶୁ ସାହିତ୍ୟ ଆସର' ଆୟୋଜନ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରବାସର ଅନ୍ତେବାସୀ ତଥା ଶିକ୍ଷାନୁରାଗୀମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଶାନ୍ତି ପାଠ ପୂର୍ବକ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା ।

ରାଉରକେଲା ଇସ୍ପାତ କାରଖାନାରେ ଠିକା ଶ୍ରମିକଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ସହ ରାଜଭାଷା ପକ୍ଷ ପାଳିତ

ରାଉରକେଲା, ୧୬/୦୯ (ଆ.ପ୍ର) : ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ର ପ୍ରୋଜେକ୍ଟ ସେଫ୍ଟି ଟ୍ରେନିଂ ହଲ୍ ଏବଂ ସିପିଟିଆଇ ଠାରେ ସେପ୍ଟେମ୍ବର ୧୨ ତାରିଖ ରେ ରାଜଭାଷା ପକ୍ଷ ପାଳନ ଅବସରରେ ଦୁଇଟି ରାଜଭାଷା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । କାରଖାନାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୧୪୦ରୁ ଅଧିକ ଠିକା ଶ୍ରମିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପକ୍ଷବ୍ୟାପୀ ଚାଲିବାକୁ ଥିବା ରାଜଭାଷା ପକ୍ଷ ପାଳନର ଏକ ଅଂଶ ସ୍ୱରୂପ ଜନସମ୍ପର୍କ-ରାଜଭାଷା ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହୋଇଥିଲା । ଏହି ଦୁଇଟି ଯାକ ଅବସରରେ ମହାପ୍ରବନ୍ଧକ (ଏଚ୍‌ଆର୍), ଅଣ-କାର୍ଯ୍ୟ ଜି ଆର୍ ଦାସ, ଏବଂ ଉପ ପ୍ରବନ୍ଧକ, ଏଚ୍.ଆର୍-ସିଏଲ୍‌ସି ଇତିଶ୍ରୀ ସାହୁ ଉପସ୍ଥିତ ଥିଲେ । ରାଜଭାଷା ପକ୍ଷର ଏକ ଅଂଶ ରୂପରେ , ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର କାରଖାନାରେ ଏହାର ଗୁରୁତ୍ୱ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ରାଜଭାଷା ୟୁନିଟ୍ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛି । ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ସରକାରୀ ଯୋଗାଯୋଗରେ ହିନ୍ଦୀର ବ୍ୟାପକ ବ୍ୟବହାରକୁ ଉତ୍ସାହିତ କରିବା ଏବଂ ଆରଏସପିରେ ରାଜଭାଷାର ପ୍ରସାର ପାଇଁ ଏକ ସକାରାତ୍ମକ ଓ ସହଭାଗୀ ପରିବେଶ ସୃଷ୍ଟି କରିବା । ଏହି ପ୍ରତିଯୋଗିତାଗୁଡ଼ିକର ପୁରସ୍କାର ଏବଂ ସାର୍ଟିଫିକେଟ୍ ସେପ୍ଟେମ୍ବର ୨୯ ତାରିଖ ରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ସମାରୋହରେ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ଉପ ପ୍ରବନ୍ଧକ (ଜନସମ୍ପର୍କ-ରାଜଭାଷା) ଅନିଲ କୁମାର ଝା ସଂଯୋଜନା କରିଥିଲେ ।

ଅନାବନା ଗଛ ଲତାରେ ଲୁଚି ଗଲାଣି ବିଦ୍ୟୁତ ଟ୍ରାନ୍ସଫର୍ମର, କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ

ଖଣ୍ଡପଡ଼ା, ୧୬/୦୯ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ ପଡିଆ ସମ୍ମୁଖରେ ଅବସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମର ଟି ଗଛ ଲତା ମଧ୍ୟରେ ବିପଦଶଙ୍କୁଳ ଅବସ୍ଥାରେ ଖୋଲାମେଲାରେ କାର୍ଯ୍ୟ କରୁଥିବା ଜଣାପଡିଛି । ଉକ୍ତ ଟ୍ରାନ୍ସଫର୍ମର ଓ ବିଦ୍ୟୁତ ତାର ଉପରେ ଅନାବନା ଗଛଲତା ମାଡି ରହିଥିବାରୁ ସ୍ଥାନୀୟ ଅଂଚଳର ଗାଈ ଗୋରୁଙ୍କ ନିମନ୍ତେ ଏହା ବିପଦର କାରଣ ପାଲଟିଥିବା ଜଣାପଡିଛି । ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପାଖରୁ ଅନାବନା ଗଛଲତା ହଟାଇବା ସହ ଚତୁଃପାର୍ଶ୍ୱରେ ଏକ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ଖଳିସାହି ପଂଚାୟତବାସୀ ବାରମ୍ବାର ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି । ଖଣ୍ଡପଡ଼ା ବିଦ୍ୟୁତ ବିତରଣ କମ୍ପାନି (ଟିପିସିଓଡିଏଲ) କର୍ତ୍ତୃପକ୍ଷ ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ତେବେ ପ୍ରଥମେ ସେଠାରୁ ଲଟାବୁଦା ଓ ଅନାବନା ଗଛଲତା ଆଦି ସଫା କରିବା ଦିଗରେ ଟାଟା ପାୱାର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

ଅନୁଗୋଳ କୋର୍ଟରେ ଗଣେଶ ପୂଜା ପାଳିତ

ଅନୁଗୋଳ, ୧୬/୦୯ (ଆ.ପ୍ର) : ଆଜି ପବିତ୍ର ଗଣେଶ ପୂଜା ଅବସରରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଥିବା ଓକିଲ ସଂଘର କାର୍ଯ୍ୟାଳୟ ଗୃହରେ ଗଣେଶ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, ଉପ ସଭାପତି ପ୍ରଦୀପ୍ତ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର, ଭରତ ପଣ୍ଡା, ଜ୍ୟୋତି ତ୍ରିପାଠୀ, ଗଣେଶ୍ୱର ସାହୁ, ଉଦୟ ଶଙ୍କର ମିଶ୍ର, ବିଭୁତି ଭୂଷଣ ଦାଶ, ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ନାଥ, ରଜତ ରଞ୍ଜନ ଦାଶ, ମାନସ ପ୍ରଧାନ,ବିପିନ ସାହୁ, ଯୋଗେଶ୍ୱର ପ୍ରଧାନ, ପ୍ରସନ୍ନ ବେହେରା, ଅଶୋକ ପଟ୍ଟନାୟକ, ପଦ୍ମ ଚରଣ ପ୍ରଧାନ, ପବିତ୍ର ମୁଦୁଲି, ତପନ ବେହୁରା,ଗୋପାଳ ଆଗ୍ରୱାଲ, ପ୍ରଦୀପ୍ତ ଗୁଡିଆ,ଦୀପକ ପ୍ରଧାନ, ପୁରନ୍ଦର ସାହୁ, ଶ୍ରବଣ କୁମାର ସାହୁ, ମମତା ପଟ୍ଟନାୟକ, ମମତା ମହାପାତ୍ର ପ୍ରମୁଖ ବହୁ ଆଇନଜୀବୀ ପୂଜାରେ ସମବେତ ହୋଇ ସମସ୍ତେ ପୁଷ୍ପାଞ୍ଜଳି ଦେଇଥିଲେ । ଆଇନଜୀବୀ ଅଶୋକ ରଥ ବ୍ରାହ୍ମଣ ଭାବେ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ । ଶେଷରେ ଓକିଲ ସଂଘ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗାଁର ଜମି ଚୋରୀ ମାମଲାରେ ୮ ଗିରଫ

ନୂଆପଡ଼ା, ୧୬/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗାଁର ଜମି ଚୋରୀ ମାମଲାରେ ଆଉ ଜଣେ ଗିରଫ ହୋଇଛନ୍ତି । ଏହା ସହିତ ଏହି ମାମଲାରେ ସମୁଦାୟ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ସୂଚନା ଅନୁସାରେ, ଚାନ୍ଦୋପଲା ଗାଁର ସତ୍ୟ ପ୍ରଧାନୀଙ୍କ ୪ ଏକର ୪୦ ଡିସିମିଲ ଜମିକୁ ପ୍ରକୃତ ମାଲିକଙ୍କ ଅଜାଣତରେ ଜାଲିଆତି କରି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଜମି ଚୋରୀ ମାମଲାରେ ନକଲି ସାକ୍ଷୀ ଦେଇଥିବା ଅଭିଯୋଗରେ ପେଣ୍ଡରାବନ ଗାଁର ଜିହତରାମ ପରାଭୁଏଙ୍କୁ କୋମନା ପୋଲିସ ଗିରଫ କରିଛି । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ଏହି ମାମଲାରେ ନକଲି ସତ୍ୟ ପ୍ରଧାନୀ, ତାଙ୍କ ନକଲି ଭଉଣୀ ଏବଂ ଜଣେ ଜମି ଦଲାଲଙ୍କ ସମେତ ତିନି ଜଣଙ୍କୁ ପୋଲିସ ଗିରଫ କରିଥିଲା । ପରେ ଜମି ଦଲାଲ ଓ ତାଙ୍କ ସହଯୋଗୀଙ୍କ ସମେତ ଆଉ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଆଜି ଆଉ ଜଣେ ଗିରଫ ହେବା ପରେ ସମୁଦାୟ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏହି ଜମି ଚୋରୀ ମାମଲାରେ କିଛି ସରକାରୀ ଅଧିକାରୀ ମଧ୍ୟ କାର୍ଯ୍ୟାରୁ ନିଲମ୍ବିତ ହୋଇଥିବା ସୂଚନା ମିଳିଛି । ମାମଲାର ତଦନ୍ତ ଆଗକୁ ବଢ଼ୁଥିବା ବେଳେ ଏହାର ଚେର ଆହୁରି ଲମ୍ବା ଥିବା ଚର୍ଚ୍ଚା ହେଉଛି । ତଦନ୍ତ ଶେଷ ହେଲେ ଏହି ଜମି ଚୋରୀ ମାମଲାରେ ଆହୁରି କେଉଁ କେଉଁ ଲୋକଙ୍କ ସମ୍ପୃକ୍ତି ରହିଛି, ତାହା ସ୍ପଷ୍ଟ ହେବ । ଏବେ ସମସ୍ତଙ୍କ ନଜର କୋମନା ପୋଲିସର ପରବର୍ତ୍ତୀ ତଦନ୍ତ ଉପରେ ।

ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୧୭ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ରଥ, ହଜାର ହଜାର ଭକ୍ତଙ୍କ ଦିବ୍ୟ ଦର୍ଶନ

ବାସୁଦେବପୁର, ୧୬/୦୯ (ଆ.ପ୍ର) : ପ୍ରଶାନ୍ତି ନିଳୟମରୁ ବାହାରି ସର୍ବଭାରତୀୟ ସ୍ତରରେ ପରିକ୍ରମଣ କରୁଥିବା ଶ୍ରୀ ସତ୍ୟସାଇ ପ୍ରେମପ୍ରବାହିନୀ ଦିବ୍ୟ ପାଦୁକା ରଥ ପହଂଚିଛି ଭଦ୍ରକ ସାଇ ଜିଲ୍ଲା-୨ରେ । ପୀରାହାଟ ବଜାରଠାରେ ରଥକୁ ଭବ୍ୟ ସ୍ୱାଗତ ପରେ ତିନିଦିନ ଧରି ଚାଲିଥିଲା ବିଭିନ୍ନ ଆଧ୍ୟାତ୍ମିକ ଓ ସେବାମୂଳକ କାର୍ଯ୍ୟକ୍ରମ । ପାଦୁକା ଦର୍ଶନ ପାଇଁ ଏକାଠି ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ ।ଆଧ୍ୟାତ୍ମିକତାର ପରିବେଶ ଭକ୍ତିରେ ଭିଜିଲା ପରିବେଶ ଆଉ ଭକ୍ତଙ୍କ ମୁହଁରେ ଦେଖିବାକୁ ମିଳିଲା ଅପାର ଆନନ୍ଦପ୍ରଶାନ୍ତି ନିଳୟମରୁ ବାହାରି ସର୍ବଭାରତ ସ୍ତରରେ ପରିକ୍ରମଣ କରୁଥିବା ଶ୍ରୀ ସତ୍ୟସାଇ ପ୍ରେମପ୍ରବାହିନୀ ଦିବ୍ୟ ପାଦୁକା ରଥ ଭଦ୍ରକ ସାଇ ଜିଲ୍ଲା-୨ରେ ପହଂଚିବା ପରେ ପୀରାହାଟ ବଜାରଠାରେ ଦିଆଯାଇଥିଲା ଭବ୍ୟ ସ୍ୱାଗତ । ଏହାପରେ ଭଦ୍ରକ ଜିଲ୍ଲାର ବିଭିନ୍ନ ଶ୍ରୀ ସତ୍ୟସାଇ ସେବା ସମିତି ଓ ଭଜନ ମଣ୍ଡଳୀ ସହଯୋଗରେ ତିନିଦିନ ଧରି ଚାଲିଥିଲା ଦିବ୍ୟ ପାଦୁକା ଦର୍ଶନ କାର୍ଯ୍ୟକ୍ରମ ।ଚାନ୍ଦବାଲି, ଘଂଟେଶ୍ୱର, ସୁଗୋ, ଏରତାଳ, ବିନାୟକପୁର, ବାସୁଦେବପୁର, ଇରମ ଓ ବାରାପୁର ସମେତ ବିଭିନ୍ନ ସ୍ଥାନରୁ ଭକ୍ତ ଓ ସେବାକର୍ମୀମାନେ ଯୋଗଦେଇଥିଲେ । ହଜାର ହଜାର ଶ୍ରଦ୍ଧାଳୁ ପାଦୁକା ଦର୍ଶନ କରି ଆଧ୍ୟାତ୍ମିକ ଅନୁଭବ ଲାଭ କରିଥିଲେ । କେବଳ ପାଦୁକା ଦର୍ଶନ ନୁହେଁ । ସେବା ଓ ସଂସ୍କାରର ବାର୍ତ୍ତା ନେଇ ଆସିଥିଲା ଏହି ଦିବ୍ୟ ଆୟୋଜନ । ତିନିଦିନ ମଧ୍ୟରେ ବେଦପାଠ, ଭଜନ, ଗୋସେବା, ରକ୍ତଦାନ ଶିବିର, ତ୍ରୟୀ ରୁଦ୍ରମ, ସପେଭ କାର୍ଯ୍ୟକ୍ରମ, ଅଭିଭାବକ ସାକ୍ଷାତ, ବୃକ୍ଷରୋପଣ ଭଳି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିସହ ଆଧ୍ୟାତ୍ମିକତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଭକ୍ତଙ୍କ ମନ ମୋହିଥିଲା ।ଏହି ଦିବ୍ୟ କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ପୂଜ୍ୟ ସତ୍ୟସ୍ୱରୂପ ପଟ୍ଟନାୟକ, ଜିଲ୍ଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା, ବିଷ୍ଣୁ ମୋହନ ନାୟକ, ବିଷ୍ଣୁ ମୋହନ ଜେନାଙ୍କ ସମେତ ରାଜ୍ୟ କର୍ମକର୍ତ୍ତା ଓ ଜିଲ୍ଲା କୋର୍ ଟିମ୍‌ର ସଦସ୍ୟମାନେ ଯୋଗଦେଇଥିଲେ ।ସଞ୍ଜୟ କୁମାର ଦାସ, ରମାକାନ୍ତ ଦାସ, ବସନ୍ତ କୁମାର ଦାସ, ବିକାଶ ଚନ୍ଦ୍ର ଜାଠ, ବିଶ୍ୱରଞ୍ଜନ ପତି, ଉଦୟ ନାରାୟଣ ପଣ୍ଡା, ପ୍ରଦୀପ କୁମାର ବେହେରା, ସୁଧାଂଶୁ ଶେଖର ଜେନା, ସତ୍ୟସୁନ୍ଦର ପଣ୍ଡା, ଶୁଭାଶିଷ ସାହୁ, ଜଗଦାନନ୍ଦ ନାୟକ ଓ ଦେବକୀ ଦାଶଙ୍କ ସମେତ ସମସ୍ତ ସମିତି ଓ ଭଜନ ମଣ୍ଡଳୀର ଆହ୍ୱାନକର୍ତ୍ତା ଏବଂ ସକ୍ରିୟ ସେବାକର୍ମୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା ।ଭକ୍ତିରୁ ସେବା... ସେବାରୁ ସମାଜସେବା...ଦିବ୍ୟ ପାଦୁକା ରଥର ଆଗମନ ଭଦ୍ରକରେ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ଓ ସେବାମୟ ପରିବେଶ ।

ଖଣ୍ଡପଡ଼ା ସହରରେ ଫେଲ ମାରିଛି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

ଖଣ୍ଡପଡ଼ା, ୧୬/୦୯ (ଆ.ପ୍ର) : ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଖଣ୍ଡପଡ଼ା ସହରରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆସୁନଥିବା ପରିଲକ୍ଷିତ ହେଉଛି । ୧୩ ଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ସହରାଂଚଳର ଏକାଧିକ ୱାର୍ଡ ସନ୍ଧ୍ୟା ନଇଁଲେ ଅନ୍ଧାରରେ ରହୁଥିବାରୁ ସ୍ଥାନୀୟ ୱାର୍ଡ ବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି । ଖଣ୍ଡପଡ଼ା ସହରର ଉପକଣ୍ଠ ଶିଳ୍ପ ତାଲିମ କେନ୍ଦ୍ର ଠାରୁ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ତ୍ରିନାଥ ଛକକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଉଜ୍ଜଳ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି । ମାତ୍ର ଦିନ ଦିନ ଧରି ବିଦ୍ୟୁତ ଖୁଂଟରେ ଲାଗିଥିବା ଏଲଇଡି ବଲବ ଗୁଡିକ ଜଳୁନଥିବାରୁ ମୁଖ୍ୟ ରାସ୍ତାଟି ରାତି ତମାମ ଅନ୍ଧାରରେ ରହୁଥିବା ଜଣାପଡିଛି । ସେହିପରି ତ୍ରିନାଥ ଛକ, ରଥଗଡା ଓ ଡାକ୍ତରଖାନା ଛକ ଠାରୁ ଆରମ୍ଭ କରି ମୁଖ୍ୟ ବଜାରରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବା ଜଣାଯାଉଛି । ବିଦ୍ୟୁତ ଖୁଂଟ ଗୁଡିକରେ ନିମ୍ନମାନର ଏଲଇଡି ବଲ ଲଗା ଯାଉଥିବାରୁ ଅଳ୍ପ ଦିନ ମଧ୍ୟରେ ସେଗୁଡିକ ପୋଡି ନଷ୍ଟ ହୋଇ ଯାଉଥିବା ଅଭିଯୋଗ ହେଉଛି । ସେହିପରି ଗଳିକନ୍ଦି ରାସ୍ତାରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବା ବେଳେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏ ବାବଦରେ ମଞ୍ଜୁର କରିଥିବା ଅନୁଦାନ ଅର୍ଥ ପାଣିରେ ପଡିବା ସାର ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଦିର୍ଘ ବର୍ଷ ତଳେ ଖଣ୍ଡପଡ଼ା ସହରର ପୁରୁଣା ଡାକ୍ତରଖାନା ଛକ ଓ ରଥଗଡା ଛକସ୍ଥିତ ହାଇମାକ୍ସ ଲାଇଟ ପୋଷ୍ଟରେ ଲାଗିଥିବା ଏଲଇଡି ବଲବ ଗୁଡିକରୁ କେତୋଟି ବଲବ ପୋଡି ଯାଇଥିଲେ ହେଁ ସେଗୁଡିକୁ ବଦଳାଇବା ଦିଗରେ ଏନଏସି କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁନଥିବା ଅଭିଯୋଗ ହେଉଛି । ସହରାଂଚଳର ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି ।

ନୂଆଁଖାଇ ଅବସରରେ ଅସହାୟଙ୍କୁ ସହାୟତା ପ୍ରଦାନ : ବୃଦ୍ଧବୃଦ୍ଧା, ବିଧବାଙ୍କୁ ଛତା, ଶାଢ଼ୀ ଓ ଧୋତି ବଂଟନ

ଧର୍ମଗଡ଼, ୧୬/୦୯ (ଆ.ପ୍ର) : ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଆନନ୍ଦ, ଭାଇଚାରା ଓ ସାମାଜିକ ସମ୍ପ୍ରୀତିର ସହ ପାଳନ କରିବା ଉଦ୍ଦେଶ୍ୟରେ ଧର୍ମଗଡ ବ୍ଲକ ଟିକିଟିଲା ଠାରେ ଏକ ସମାଜସେବୀମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୁଇ ସମାଜସେବୀ ଢଗ ନାଏକ ଓ ମଧୁସୂଦନ ଜାଲଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅସହାୟ ୫୦ ଜଣ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ନୂଆଁଖାଇ ଉପଲକ୍ଷେ ଛତା, ଶାଢ଼ୀ ଓ ଧୋତି ବଂଟନ କରାଯାଇଥିଲା । ନୂଆଁଖାଇ କେବଳ ନୂଆ ଧାନ ଖାଇବାର ପର୍ବ ନୁହେଁ, ଏହା ଭାଇଚାରା, ପରସ୍ପର ସହଯୋଗ, ସ୍ନେହ ଓ ସାମାଜିକ ଦାୟିତ୍ୱର ଏକ ପ୍ରତୀକ । ଏହି ମହାନ ପରମ୍ପରାକୁ ଆଧାର କରି ଅସହାୟ ଲୋକଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ଏଭଳି ଉଦ୍ୟମ କରାଯାଇଥିବା ଆୟୋଜକମାନେ କହିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ବିଶ୍ୱନାଥ ମୁଣ୍ଡ, ଦେବରାଜ ଧଙ୍ଗଡାମାଝୀ, ଟିକେଶ୍ୱର ନାଏକ, ଜଗନ୍ନାଥ ଗୋପାଳ, ଗରିବ ଶବର, ପ୍ରଶାନ୍ତ ନାଏକ,ଜଗନ୍ନାଥ ନାଏକ,ଗଜିନ୍ଦ୍ର ନିଆଲ, ମୁକୁନ୍ଦ ଜାଲ, ଧର୍ମେନ୍ଦ୍ର ନାଏକ ଓ ରଘୁମଣୀ ସାଗର ପ୍ରମୁଖ ମଂଚାସୀନ ହୋଇଥିଲେ । ଅତିଥିମାନେ ନୂଆଁଖାଇର ମହତ୍ୱ ଓ ସାମାଜିକ ଏକତା ଉପରେ ଆଲୋକପାତ କରିବା ସହ ଅସହାୟ ଲୋକଙ୍କ ପାଇଁ ଏଭଳି ସେବାମୂଳକ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ । ସମାଜର ଅସହାୟ ଓ ଆବଶ୍ୟକତା ଥିବା ବର୍ଗଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତା ବୋଲି ସେମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାମାନେ ଆୟୋଜକ ଦୁଇ ସମାଜସେବୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ । ନୂଆଁଖାଇର ଖୁସି ସମସ୍ତଙ୍କ ଘରେ ପହଂଚାଇବାର ଏହି ପ୍ରୟାସ ଅଂଚଳରେ ଏକ ସକାରାତ୍ମକ ବାର୍ତ୍ତା ଦେଉଛି । କାର୍ଯ୍ୟକ୍ରମକୁ ଧର୍ମପଦ ସୁନାନୀ ସଂଚାଳନ କରିଥିଲେ ।

ପ୍ରକଳ୍ପ ଅଧିକାର ଦ୍ୱାରା -ଅଧିକାର ରଥ ପରିକ୍ରମା

ଦଶପଲ୍ଲା, ୧୬/୦୯ (ଆ.ପ୍ର) : ଭାରତ ଭଳି ଲୋକତାନ୍ତ୍ରିକ ଓ ଜନ ମଙ୍ଗଳ ରାଷ୍ଟ୍ରରେ ସାଧାରଣ ଜନତାଙ୍କ ମଙ୍ଗଳ ଓ ଉନ୍ନତି କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଗରିବ, ନିରାଶ୍ରା, ବଂଚିତ, ଦଳିତ, ଆଦିମ ଜନଜାତି, ଭିନ୍ନକ୍ଷମ, ଶିଶୁ, ମହିଳା ଓ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ବହୁ ପ୍ରକାର ସରକାରୀ ସମାଜ ମଙ୍ଗଳ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ସାଧାରଣ ଗରିବୀ ଓ ଅପହଂଚ ଦୂର ଦୁର୍ଗମ ଅଂଚଳରେ ବସବାସ କରୁଥିବା ହିତାଧିକାରୀଙ୍କ ନିକଟରେ ତାର ସୁଫଳ ସଠିକ ଢଙ୍ଗରେ ଓ ଆବଶ୍ୟକ ସମୟରେ ପହଂଚି ପାରୁ ନାହିଁ । ନିରାଶ୍ର ବଂଚିତ ହିତାଧିକାରୀ ମାନଙ୍କୁ ଏସବୁ ସରକାରୀ ଯୋଜନାର ଆବଶ୍ୟକତା, ଏହାର ଉପକାରିତା, ଆବେଦନ କରିବା ପ୍ରଣାଳୀ, ହିତାଧିକାରୀଙ୍କ ଯୋଗ୍ୟତା ଓ ଆବଶ୍ୟକ ଥିବା ପ୍ରମାଣ ପତ୍ର ଇତ୍ୟାଦି ବିଷୟରେ ସଚେତନ କରାଇବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଅଧିକାର ରଥଯାତ୍ରା ପର୍ଯ୍ୟାୟ କ୍ରମେ ଦଶପଲ୍ଲା ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତ ପରିକ୍ରମା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଡେଣ୍ଟାବାଡ଼ି ଗ୍ରାମ ପଂଚାୟତ ଅନ୍ତର୍ଗତ ପୋଇବାଡ଼ି ଓ ଖମାର ସାହି ଗ୍ରାମ ପଂଚାୟତ ଅଧିନସ୍ତ ପୁରୁଣା ଦଶପଲ୍ଲା ଇତ୍ୟାଦି ଗ୍ରାମରେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ, ଉର୍ମିଳା ଯାନୀ ଓ ପ୍ରତିମା ପ୍ରଧାନଙ୍କ ଆୟୋଜନ କ୍ରମେ ଏବଂ ଗ୍ରାମ ବାସୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି, ସହଯୋଗ ଓ ସହଭାଗିତାରେ ଆଜି ଅଧିକାର ରଥ ପରିକ୍ରମା କରିବା ସହିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଏହି ଅଧିକାର ରଥ ଗ୍ରାମ ପରିକ୍ରମା କରି ସହିତ ଗ୍ରାମ ଗୋଷ୍ଠୀଙ୍କ ସହିତ ସାଧାରଣ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏ ପ୍ରକାର ଜନ ହିତକର ସଚେତନତା କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ସ୍ୱାଗତ କରିଥିଲେ ।

ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର, ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ

ଭୁବନେଶ୍ୱର, ୧୬/୦୯ (ଆ.ପ୍ର) : ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର-୨୦୨୬' ହାସଲ କରିଛି । ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଫିଲ୍ମ ପ୍ରଯୋଜକ ସତ୍ୟସାଚୀ ମହାପାତ୍ର, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଏବଂ ଏନ୍ଆଇଏଫ୍ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ । ବିଜୟା ଲକ୍ଷ୍ମୀ ପରିଜା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ । ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ । ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ । ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆୟା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି । ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ । ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ । ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଂଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ ।

ଗୋନ୍ତିଆ ପରିବାର ୧୫୦ସଦସ୍ୟ ଏକାଠି ଖାଇଲେ ନବାନ୍ନ ସମାଜକୁ ଦେଲେ ଏକତା ଓ ଭାଇଚାରାର ବାର୍ତ୍ତା

ଧର୍ମଗଡ଼, ୧୬/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ପର୍ଲା ଗୋନ୍ତିଆ ସ୍ୱର୍ଗତ ପରମାନନ୍ଦ ଦାସଙ୍କ ୬ପୁଅ ଅନନ୍ତ ଦାସ, ଅକ୍ଷୟ ଦାସ, ବିରଂଚି ଦାସ, ବିକ୍ରମ ଦାସ, ଜଗଦୀଶ ଦାସ, ଦିଗାମ୍ବର ଦାସଙ୍କର ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ବାନ୍ଧବ ସହ ମୋଟ ୧୫୦ ଜଣ ଏକାଠି ମିଶି ନୂଆଖାଇ ପର୍ବ ପାଳନ କରିଥିଲେ । ମା ମାଟି ଓ ଇଷ୍ଟ ଦେବୀଙ୍କୁ ପୂଜା କରିବାର ପର୍ବ ହେଉଛି ନୂଆଖାଇ । ପ୍ରଥମ ଫସଲକୁ ଇଷ୍ଟ ଦେବୀଙ୍କ ପାଖରେ ଭୋଗ ଲାଗିବା ପରେ ସପରିବାରଙ୍କ ସହ ମିଶି ଏକାଠି ନୂଆ ଖାଇଥଲେ ଦାସ ପରିବାର । ଏହା ହେଉଛି ନୂଆଖାଇ ପର୍ବର ସ୍ୱତନ୍ତ୍ର ପରମ୍ପରା । ବନ୍ଧୁ ବାନ୍ଧବ ସମସ୍ତେ ରାଗ ରୋଷ, ମାନ ଅଭିମାନ ଭୁଲି ପରିବାର ସାରା ଏକାଠି ବସି ନବାନ୍ନ ସେବନ କରି ଅଂଚଳକୁ ଏକ ଭଲ ସନ୍ଦେଶ ଦେଇଥିଲେ । ବିଭିନ୍ନ ପ୍ରକାର ସୁସ୍ୱାଦ ବ୍ୟଞ୍ଜନ ପ୍ରସ୍ତୁତ କରି ଛଅ ତିଅଣ ନଉଜା ଓ ପିଠା ପଣା ପ୍ରସ୍ତୁତ କରାଯାଇ ଥିଲା । ଘରର ମହିଳାମାନେ ଏକାଠି ରୋଷେଇ କରି ଏକାଠି ବସି ନୂଆଖାଇ ଥିଲେ । ପରେ ଆରମ୍ଭ ହୋଇ ଥିଲା ଜୁହାର ଭେଟ୍ । ଘରର ଛୋଟ ମାନେ ବଡମାନଙ୍କୁ ମୁଣ୍ଡିଆ ମାରି ଆର୍ଶିବାଦ ଭିକ୍ଷା କରିଥିଲେ । ଦାସ ପରିବାର ସରୋଜ ଦାସ, ସୁଶାନ୍ତ କୁମାର ଦାସ, ପ୍ରବୀଣ ଦାସ ,ସମ୍ଭୁ ପ୍ରସାଦ ଦାସ, ମୁରଳି ଦାସ, ତାରିଣୀ ଦାସ, ସୁଜିତ ଦାସ, ବିଜନ ଦାସ, ଗୋବିନ୍ଦ ଦାସ, ବିନ୍ଦେ ପ୍ରସାଦ ଦାସ, ସାରଦା ପ୍ରସାଦ ଦାସ ,ବସନ୍ତ ଦାସ ଓ ପ୍ରକାଶ(ପପୁ) ଦାସ, ପ୍ରମୁଖ ଅଂଚଳବାସୀଙ୍କୁ ନୂଆଖାଇ ଶୁଭେଚ୍ଛା ଜଣାଇ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

୩୯ ବର୍ଷର ଶିକ୍ଷକତା ଯାତ୍ରାକୁ ଭାବବିହ୍ୱଳ ବିଦାୟ ସମସ୍ତଙ୍କ ଆଖିରେ ବହିଯାଉ ଥିଲା ଲୁହ

ବାସୁଦେବପୁର, ୧୬/୦୯ (ଆ.ପ୍ର) : ଲେଖୁ ଲେଖୁ କେବେ କାଗଜ ସରିଗଲାପରୁ ପଢୁ କେବେ ପୃଷ୍ଠା ସରିଗଲା । ଜାଣି ହେଲା ନାହିଁ ।ସେହିପରି ଶିକ୍ଷକତା ଜୀବନର ୩୯ ବର୍ଷ କେବେ ସରିଗଲା, ତାହା ବୋଧହୁଏ ଅନୁଭବ କରିପାରିଲେ ନାହିଁ ପ୍ରମୋଦ କୁମାର ପାଢ଼ୀ । ୩୯ ବର୍ଷ ଏହା କେବଳ ଏକ ଚାକିରିର ସମୟ ନୁହେଁ । ଏହା ହେଉଛି ହଜାର ହଜାର ସ୍ୱପ୍ନକୁ ଦିଗ ଦେବାର ସମୟ । ଏହା ହେଉଛି କୁନି କୁନି ପିଲାଙ୍କୁ ମଣିଷ କରି ଗଢ଼ି ତୋଳିବାର ଏକ ଦୀର୍ଘ ଯାତ୍ରା । ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ଭଳଡିହା ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟ ପରିସରରେ ଆଜି ଥିଲା ଏକ ଭିନ୍ନ ପରିବେଶ । ଆଖିରେ ଲୁହ ମନରେ ଅସରନ୍ତି ସ୍ମୃତି ଆଉ ହୃଦୟରେ ଗୁରୁଙ୍କ ପ୍ରତି ଅସୀମ ସମ୍ମାନ । ଦୀର୍ଘ ୩୯ ବର୍ଷ ଧରି ଶିକ୍ଷକତା ବୃତ୍ତିରେ ରହି ଅଗଣିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଢ଼ୀ । କେହି ଆଜି ଅଧିକାରୀ କେହି ଡାକ୍ତର କେହି ଇଞ୍ଜିନିୟର.ଆଉ କେହି ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ପରିଚୟ ତିଆରି କରିଛନ୍ତି । କିନ୍ତୁ ଏହି ସଫଳତା ପଛରେ ଥିବା ଗୁରୁଙ୍କୁ ଆଜି ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ ପୁରାତନ ଛାତ୍ରଛାତ୍ରୀ । ଆୟୋଜିତ ହୋଇଥିଲା ପ୍ରମୋଦ କୁମାର ପାଢ଼ୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଭଦ୍ରକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଜଗବନ୍ଧୁ ସାହୁ, ରାଇଭଙ୍ଗ ପୁର ର ପୂର୍ବତନଶିକ୍ଷାଧିକାରୀ ରତ୍ନାକର ମଲ୍ଲିକ, ସରୋଜ କୁମାର ପ୍ରଧାନ, ଅଭିମନ୍ୟୁ ବେହେରା, ଶାନ୍ତିଲତା ପଣ୍ଡା, ଭଦ୍ରକ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଏବଂ ଆଂଚଳିକ ସାଧନ କେନ୍ଦ୍ର ବାସୁଦେବପୁରର ସଂଯୋଜକ ଗୋଲାପ ସୁନ୍ଦର ନାୟକଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ । ମଂଚ ପରିଚାଳନା କରିଥିଲେ ନକୁଳ ବାରିକ । ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ପରିଚାଳନାରେ ରବୀନ୍ଦ୍ର କୁମାର ମହାକୁଡ଼ ସହଯୋଗ କରିଥିଲେ । ସ୍ୱର୍ଣ୍ଣଲତା ପଟ୍ଟନାୟକ, ଶ୍ୟାମସୁନ୍ଦର ମହାକୁଡ଼, ପ୍ରଶାନ୍ତ ମଲ୍ଲିକ, ସନତ୍ କୁମାର ସେଠୀ, ସନ୍ତୋଷ କୁମାର ସେଠୀଙ୍କ ସମେତ ବହୁ ସହକର୍ମୀ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଗୁରୁଙ୍କୁ ସମ୍ମାନ ଜଣାଇଥିଲେ ।ଚାକିରିରୁ ଅବସର ନେଲେ କିନ୍ତୁ ଶିକ୍ଷକ କେବେ ଅବସର ନିଅନ୍ତି ନାହିଁ ।କାରଣ ଶିକ୍ଷକଙ୍କ ହାତରେ ତିଆରି ହୋଇଥିବା ପ୍ରତ୍ୟେକ ମଣିଷ ତାଙ୍କ ଶିକ୍ଷାର ଜୀବନ୍ତ ପ୍ରତିଛବି । ୩୯ ବର୍ଷର ଏହି ଦୀର୍ଘ ଯାତ୍ରାରେ ପ୍ରମୋଦ କୁମାର ପାଢ଼ୀ କେବଳ ପାଠ ପଢ଼ାଇନାହାନ୍ତି, ବରଂ ଛାତ୍ରଛାତ୍ରୀଙ୍କୁ ଶିଖାଇଛନ୍ତି ଶୃଙ୍ଖଳା ସଂସ୍କାର ମାନବିକତା ଏବଂ ଜୀବନରେ ଆଗକୁ ବଢ଼ିବାର ସାହସ । ଆଜି ବିଦାୟର ମୁହୂର୍ତ୍ତ କ୍ଲାସରୁମ୍‌ରେ ଆଉ ଶୁଭିବ ନାହିଁ ଗୁରୁଙ୍କ ସେହି ସ୍ୱର । ଆଉ ଦେଖିବାକୁ ମିଳିବ ନାହିଁ ପ୍ରଧାନଶିକ୍ଷକଙ୍କ ସେହି ଚିରପରିଚିତ ଚେହେରା । ହେଲେ ଶିକ୍ଷକଙ୍କ ଦ୍ୱାରା ଗଢ଼ା ମଣିଷମାନେ ହିଁ କହିବେ ତାଙ୍କ ସଫଳତାର କାହାଣୀ । ୩୯ବର୍ଷର ଚାକିରି ଜୀବନ ସରିଗଲା ସତ କିନ୍ତୁ ହଜାର ହଜାର ଛାତ୍ରଛାତ୍ରୀଙ୍କ ହୃଦୟରେ ଜଣେ ଗୁରୁ ଭାବେ ପ୍ରମୋଦ କୁମାର ପାଢ଼ୀଙ୍କ ସ୍ଥାନସବୁଦିନ ପାଇଁ ଅମର ହୋଇ ରହିଗଲା ।

ଲକ୍ଷ୍ମଣ ପାତ୍ର ସ୍ମୃତିସଭାରେ 'ସେବା ସମାଜ' ସମ୍ପାଦିକାଙ୍କୁ ସମ୍ମାନ

ଗୁଣପୁର, ୧୬/୦୯ (ଆ.ପ୍ର) : ଭୂଦାନ ଆନ୍ଦୋଳନର ପୁରୋଧା ସନ୍ଥ ବିନୋବା ଭାବେଙ୍କ ୧୩୧ତମ ଜନ୍ମଜୟନ୍ତୀ ଓ ଭୂଦାନ କର୍ମୀ ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ତିରୋଧାନ ଦିବସ ଅବସରରେ ବ୍ରହ୍ମପୁରଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭୂଦାନ କର୍ମୀ ଲକ୍ଷ୍ମଣ ପାତ୍ର ସ୍ମୃତି ପରିଷଦ, ଅବିଭକ୍ତ ଗଞ୍ଜାମ ଜିଲ୍ଲା ପକ୍ଷରୁ ଆୟୋଜିତ ଏହି ସଭାରେ ଗୁଣପୁରର 'ସେବା ସମାଜ' ଶିଶୁ ସୁରକ୍ଷା ଅନୁଷ୍ଠାନର ସମ୍ପାଦିକା ରାଜେଶ୍ୱରୀ ଦଳେଇଙ୍କୁ ସମାଜସେବା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପୂର୍ବତନ କୁଳପତି ଡକ୍ଟର ମନ୍ମଥ ପାଢ଼ୀ, ପ୍ରଫେସର ବାମଦେବ ମାଝୀ, ସମାଜସେବୀ କୃଷ୍ଣା ମହାନ୍ତି, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ରବି ରଥ, ଡକ୍ଟର ବାୟାମନୁ ଚର୍ଚ୍ଚି, ଡକ୍ଟର ବିଶ୍ୱଜିତ, ସମ୍ପାଦକ ସଞ୍ଜୟ ରାଉତ, ସୁଧୀର ରାଉତ, ପ୍ରକାଶ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ରାଜେନ୍ଦ୍ର ପଣ୍ଡା, ଡକ୍ଟର ଲକ୍ଷ୍ମୀନାରାୟଣ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ପାତ୍ର, ଯୋଗୀ ବେହେରା, ଆଦିତ୍ୟ ନାରାୟଣ ରଥ, ପୀତବାସ ସାମଲ ଓ କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ସଭାରେ ବକ୍ତାମାନେ ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନର ଆଦର୍ଶ ଓ ଭୂଦାନ କର୍ମୀ ଲକ୍ଷ୍ମଣ ପାତ୍ରଙ୍କ ସମାଜସେବାମୂଳକ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଭୂଦାନ ଆନ୍ଦୋଳନ ମାଧ୍ୟମରେ ସମାଜରେ ଶାନ୍ତି, ସମତା ଓ ଭାଇଚାରା ପ୍ରତିଷ୍ଠା ପାଇଁ ହୋଇଥିବା ପ୍ରୟାସ ଉପରେ ଆଲୋଚନା କରାଯାଇଥିଲା । ଲକ୍ଷ୍ମଣ ପାତ୍ରଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଦୁର୍ବଳ ଓ ଅବହେଳିତ ବର୍ଗଙ୍କ ସେବା ପାଇଁ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସମାଜସେବା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ରାଜେଶ୍ୱରୀ ଦଳେଇଙ୍କ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଗୁଣପୁର ଅଂଚଳରେ 'ସେବା ସମାଜ' ଶିଶୁ ସୁରକ୍ଷା ଅନୁଷ୍ଠାନର ସମ୍ପାଦିକା ଭାବେ ତାଙ୍କର କାର୍ଯ୍ୟକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ ।

କଳିଙ୍ଗା ଘାଟିରେ ଭୂସ୍ଖଳନକୁ ପୁରିଲା ବର୍ଷେ - ନୂତନ ବ୍ରିଜ ନିର୍ମାଣ କଲେ ନାହିଁ ସରକାର

ଜି.ଉଦୟଗିରି, ୧୬/୦୯ (ଆ.ପ୍ର) : କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା କଳିଙ୍ଗା ଘାଟି କେବଳ ଦୁଇ ଜିଲ୍ଲାକୁ ଯାତାୟାତ ପଥ ନୁହେଁ ଏହା ହେଉଛି କନ୍ଧମାଳ ଜିଲ୍ଲା ବାସୀଙ୍କ ଜୀବନଜୀବିକା, ଚିକିତ୍ସା, ଶିକ୍ଷା ଓ ବ୍ୟବସାୟ ନିମନ୍ତେ ସାଧନ । ଏହା ବିଜୟୱାଡା-ରାଂଚି ୧୫୭ ନମ୍ବର ଜାତୀୟ ରାଜପଥ ଯାହା ଉପରେ କନ୍ଧମାଳ ସହ ୧୦ଟି ଜିଲ୍ଲା ନିର୍ଭରଶୀଳ । ଦୁର୍ଭାଗ୍ୟର ବିଷୟ ସରକାରଙ୍କ ଉଦାସୀନତା ଯୋଗୁଁ ବର୍ତ୍ତମାନ ମଧ୍ୟ କଳିଙ୍ଗା ଘାଟି ଦେଇ ବିପଦପୂର୍ଣ୍ଣ ଯାତାୟତ କରୁଛନ୍ତି ଲୋକେ । ୧୦ଟି ଜିଲ୍ଲା ସହ ଦୁଇଟି ରାଜ୍ୟକୁ ସଂଯୋଗ କରୁଥିବା ଏକମାତ୍ର ଜାତୀୟ ରାଜପଥ ଆଜି ଅବହେଳିତ ଓପ୍ରତିଦିନ ହଜାର ହଜାର ଯାତ୍ରୀ ବିପଦପୂର୍ଣ୍ଣ ଯାତାୟତ କରୁଛନ୍ତି । ଗତ ବର୍ଷ ସେପ୍ଟେମ୍ବର ୧୬ ତାରିଖ ଦିନ କଳିଙ୍ଗା ଘାଟିରେ ଘଟିଥିବା ଭୟଙ୍କର ଭୂସ୍ଖଳନ ପରେ ପ୍ରାୟ ୪୫ ଦିନ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଯେଉଁ ସ୍ଥାନରେ ଭୂସ୍ଖଳନ ହୋଇଥିଲା ସେହି ସ୍ଥାନରେ ଆଜି ପର୍ଯ୍ୟନ୍ତ ନୂତନ ବ୍ରିଜ ନିର୍ମାଣ ହୋଇପାରିଲା ନାହିଁ ସେହି ଅସ୍ଥାୟୀ ଅଣଓସାରିଆ ରାସ୍ତାରେ ବିପଦପୂର୍ଣ୍ଣ ଯାତାୟତ ଚାଲିଛି । ବର୍ତ୍ତମାନ ମଧ୍ୟ ପାହାଡ଼ରୁ ଖସିଥିବା ବିଶାଳ ପଥର ଅଧାରେ ଅଟକି ରହିଛି ଓ ଭୂସ୍ଖଳନ ହେବାର ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ଓ କେନ୍ଦ୍ର ସରକାର ସୁରକ୍ଷିତ ସ୍ଥାୟୀ ବ୍ରିଜ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନ ନେବା ସାଧାରଣ ଲୋକଙ୍କ ମନରେ ଗଭୀର ଆଘାତ ଦେଉଛି । ଲଗାଣ ବର୍ଷା ହେଲେ ପାହାଡ଼ରୁ ଯେକୌଣସି ସମୟରେ ପୁଣି ଭୂସ୍ଖଳନ ହେବାର ଆଶଙ୍କା ରହିଛି । ତଥାପି ଦୈନନ୍ଦିନ ହଜାର ହଜାର ଯାତ୍ରୀ, ରୋଗୀ, ଗର୍ଭବତୀ ମହିଳା,ଛାତ୍ରୀଛାତ୍ର,ଚାଷୀ ଓ ବ୍ୟବସାୟୀ ଏହି ଘାଟି ଦେଇ ଯାତାୟାତ କରୁଛନ୍ତି ।ଭୂସ୍ଖଳନ ଦିନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କଳିଙ୍ଗା ଘାଟି ପ୍ରତି ସରକାରଙ୍କ ଅବହେଳା ତଥା ଜିଲ୍ଲା ପ୍ରତି ଅଣଦେଖା କୁ ନେଇ ଅଂଚଳବାସି କ୍ଷୋଭ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜନସାଧାରଣଙ୍କ ଦୃଢ଼ ଦାବି କଳିଙ୍ଗା ଘାଟିର ସ୍ଥାୟୀ ସୁରକ୍ଷାଓ ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ । ଏବଂ ବିକଳ୍ପ ଭାବେ ବାଇପାସ୍ ସଡ଼କ ନିର୍ମାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉ । କଳିଙ୍ଗା ଘାଟି ପ୍ରତି ସରକାରଙ୍କ ଅବହେଳା ଓ ଅଣଦେଖାର ଅଂଚଳବାସୀଙ୍କ ଜାବାବ ଆସନ୍ତା ନିର୍ବାଚନରେ ଜନପ୍ରତିନିଧି ମାନେ ନିଶ୍ଚିତ ପାଇବେ ବୋଲି ସାଧାରଣରେ ଆଲୋଚନା ହେଉଛି । ତୁରନ୍ତ ସରକାର ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସ୍ଥାୟୀ ବ୍ରିଜ କରନ୍ତୁ ବୋଲି ସ୍ଥାନୀୟ ଅଂଚଳବାସୀ ଦୃଢ଼ ଦାବି କରିଛନ୍ତି ।

ସେଇଥିଓ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୭ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ବରୁଣ

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): ଆଫଗାନିସ୍ତାନ ବିପକ୍ଷ ଆଗୁଆ ସିରିଜ୍ ବିଜୟ ଭାରତ ପାଇଁ ପାଣିଚିଆ ହୋଇଛି । ଜାପାନରେ ଆରମ୍ଭ ହେବାକୁ ଥିବା ଏସିଆନ ଗେମ୍ସ ପୂର୍ବରୁ ଟିମ୍ ଇଣ୍ଡିଆକୁ ବଡ଼ ଝଟକା ଲାଗିଛି । ଏସୀୟ କ୍ରୀଡ଼ା ୨୦୨୬ ପାଇଁ ଟିମ୍ ଇଣ୍ଡିଆରେ ଏକ ବଡ଼ ପରିବର୍ତ୍ତନ ଆସିଛି । ମିଷ୍ଟ୍ରୀ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଛନ୍ତି । ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ବରୁଣ ଆହତ ହୋଇଥିଲେ ଏବଂ ବର୍ତ୍ତମାନ ସେ ସେହି ସିରିଜ୍ ତଥା ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଛନ୍ତି । ବଡ ଖବର ହେଉଛି ବରୁଣ ଚକ୍ରବର୍ତ୍ତୀଙ୍କ ବଦଳରେ ବିରାଜ ନିଗମଙ୍କୁ ଟିମ୍ ଇଣ୍ଡିଆରେ ସୁଯୋଗ ମିଳିଛି । ବିପରାଜ ନିଗମ ଜଣେ ଡାହାଣହାତୀ ଲିଷ୍ଟ ସ୍ପିନର ଏବଂ ଜଣେ ଭଲ ବ୍ୟାଟର । ଗୋଟିଏ ମ୍ୟାଚ୍ ପରେ ଆହତ ବରୁଣ- ଇଂଲଣ୍ଡ ଗସ୍ତରେ ଆହତ ହୋଇଥିବା ବରୁଣ ଚକ୍ରବର୍ତ୍ତୀ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜରୁ ମଧ୍ୟ ବାଦ୍ ପଡ଼ିଥିଲେ । ବରୁଣ ପ୍ରାୟ ୨ ମାସ ଏନସିଏରେ ବିତାଇଥିଲେ କିନ୍ତୁ ଫେରିବା ପରେ ସେ ତାଙ୍କର ପ୍ରଥମ ମ୍ୟାଚରେ ଆହତ ହୋଇଥିଲେ । ବରୁଣ ପ୍ରଥମ ଟି-ଟ୍ୱେଂଟି ମ୍ୟାଚରେ ୪ ଓଭର ବୋଲିଂ କରିଥିଲେ ଏବଂ ତାଙ୍କ ମାଂସପେଶୀରେ ସମସ୍ୟା ହୋଇଥିଲା । ଏହାପରେ ତାଙ୍କୁ ସେଂଟର ଅଫ୍ ଏକ୍ସିଲେନ୍ସକୁ ନିଆଗଲା, ସେଠାରୁ ଖବର ଆସୁଛି ଯେ, ବରୁଣ ଏସୀୟ କ୍ରୀଡ଼ାରେ ମଧ୍ୟ ଖେଳିବେ ନାହିଁ । ଯାହା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଛି । ବିପରାଜ ନିଗମଙ୍କୁ ଟିମ୍ ଇଣ୍ଡିଆରେ ସୁଯୋଗ ଦେବାର କାରଣ ହେଉଛି ତାଙ୍କର କ୍ରମାଗତ ପ୍ରଦର୍ଶନ । ନିକଟରେ ସେ ଭାରତ ଏ ଦଳରେ ମନୋନୀତ ହୋଇଥିଲେ ଏବଂ ଶ୍ରୀଲଙ୍କାରେ ଭଲ ପ୍ରଦର୍ଶନ କରିଥିଲେ । ଏହା ବ୍ୟତୀତ ୟୁପି ଟି-୨୦ ଲିଗ୍ ରେ ବିରାଜଙ୍କ ପ୍ରଦର୍ଶନ ମଧ୍ୟ ଦେଖିବାକୁ ମିଳିଛି । ଆଇପିଏଲ୍ ରେ ମଧ୍ୟ ସେ ନିଜ ବୋଲିଂ ଓ ବ୍ୟାଟିଂରେ ପ୍ରଭାବ ପକାଇଛନ୍ତି । ଏଭଳି ପରିସ୍ଥିତିରେ ବରୁଣ ଚକ୍ରବର୍ତ୍ତୀଙ୍କ ବଦଳରେ ତାଙ୍କୁ ଦଳରେ ସୁଯୋଗ ଦିଆଯାଇଛି । ଏମିତିରେ ଦଳରେ ସ୍ଥାନ ପାଇବା ପାଇଁ କୃନାଲ ପାଣ୍ଡ୍ୟାଙ୍କ ନାଁ ମଧ୍ୟ ଚାଲିଥିଲା, କିନ୍ତୁ ଏହି ଖେଳାଳିଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି । ଏସିଆନ୍ ଗେମ୍ସ ପାଇଁ ଭାରତୀୟ ଦଳ- ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିସନ, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବିପରାଜ ନିଗମ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଯଶ ଠାକୁର, ଅର୍ଶଦୀପ ସିଂହ ଓ ବୈଭବ ସୂର୍ଯ୍ୟବଂଶୀ ।

ପାକିସ୍ତାନର ସାହିବଜାଦା ଫରହାନଙ୍କୁ ପଛରେ ପକାଇଲେ ଅଭିଷେକ ଶର୍ମା

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): ଆଫଗାନିସ୍ତାନ ଟି-୨୦ ସିରିଜରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ । ଭାରତ ୩ଟିକିଆ ଟି-୨୦ ସିରିଜକୁ ମଙ୍ଗଳବାର ୨-୦ରେ ଆଗୁଆ କବଜା କରି ନେଇଛି । ପ୍ରଥମ ଓ ଦ୍ୱିତୀୟ ଟି-୨୦ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଆଇସିସି ରାଙ୍କିଙ୍ଗରେ ସେମାନଙ୍କୁ ଜବରଦସ୍ତ ଫାଇଦା ଦେଇଛି । ଆଇସିସି ଟି-୨୦ ବିଶ୍ୱକପ ବିଜେତା ପୂର୍ବଭଳି ଟି-୨୦ ଟିମ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ରହିଛି । ସେହିପରି ଚଳିତ ସପ୍ତାହରେ ପାକିସ୍ତାନର ଟି-୨୦ ଓପନର ସାହିବଜାଦା ଫରହାନଙ୍କୁ ପଛରେ ପକାଇ ଦେଇଛନ୍ତି ଭାରତର ଅଭିଷେକ ଶର୍ମା । ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ଅଭିଷେକ ୮୨ ରନ ଓ ଦ୍ୱିତୀୟ ଟି-୨୦ରେ ୩୯ ରନର ଇନିଂସ ଖେଳିଥିଲେ । ଏଥିପାଇଁ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ତାଙ୍କୁ ଫାଇଦା ମିଳିଛି । ସେ ଗୋଟିଏ ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୨ ନମ୍ବର ସ୍ଥାନରେ ପହଂଚି ଯାଇଛନ୍ତି । ପୂର୍ବରୁ ଫରହାନ ଏହି ସ୍ଥାନରେ ଥିଲେ । ଏବେ ଅଭିଷେକ ଦୁଇ ନମ୍ବରରେ ପହଂଚିଥିବା ବେଳେ ଭାରତର ଇଶାନ କିଶନ ୧ ନମ୍ବରରେ ଅଛନ୍ତି । ଅଭିଷେକଙ୍କ ତୁଳନାରେ ତାଙ୍କ ପଏଂଟ ସଂଖ୍ୟା ୫୧ ଅଧିକ । ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ରେ ସଞ୍ଜୁ ସାମସନ ୨୨ ବଲରେ ୫୭ ରନ କରିଥିଲେ । ଏହାପରେ ସେ ୪ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୩୦ତମ ସ୍ଥାନ ଦଖଲ କରିଛନ୍ତି । ଟି-୨୦ ବୋଲିଂ ରାଙ୍କିଙ୍ଗରେ ମଧ୍ୟ ଭାରତକୁ ଲାଭ କରିଛି । ବରୁଣ ଚକ୍ରବର୍ତ୍ତୀ ୨ଟି ସ୍ଥାନ ଉଠି ୫ମ, ଯଶପ୍ରୀତ ବୁମ୍ରା ୭ଟି ସ୍ଥାନ ଉଠି ୧୦ମ, ଅର୍ଶଦୀପ ସିଂହ ୧୧ଟି ସ୍ଥାନ ଉଠି ୧୪ ଓ ଅକ୍ଷର ପଟେଲ ୬ଟି ସ୍ଥାନ ଲମ୍ଫ ମାରି ରାଙ୍କିଙ୍ଗର ୨୭ତମ ସ୍ଥାନରେ ପହଂଚି ଯାଇଛନ୍ତି । ଆଫଗାନର ରାଶିଦ ଖାନ ପୂର୍ବଭଳି ଟି-୨୦ରେ ବିଶ୍ୱର ୧ ନମ୍ବର ବୋଲର ହୋଇ ରହିଛନ୍ତି । ଦ୍ୱିତୀୟରେ ପାକିସ୍ତାନର ଆବ୍ରାର ଅହମଦ, ତୃତୀୟରେ ଇଂଲଣ୍ଡର ଆଦିଲ ରଶିଦ ଓ ୪ର୍ଥରେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଅଛନ୍ତି । ପୂର୍ବରୁ ୫ମ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ନାଥନ ଏଲିସ ୬ଷ୍ଠକୁ ଖସିଥିବା ବେଳେ ୬ଷ୍ଠ ସ୍ଥାନରେ ଥିବା ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ୭ମକୁ ଖସି ଯାଇଛନ୍ତି । ୭ମରେ ଥିବା ବରୁଣ ୫ମକୁ ଉଠିଛନ୍ତି । ପାକିସ୍ତାନର ମହମ୍ମଦ ନୱାଜ ୮ମ ଓ ଶ୍ରୀଲଙ୍କାର ମହୀଶ ତିକସାନା ୯ମ ସ୍ଥାନରେ ଅଛନ୍ତି ।

୧୧ ଟଙ୍କିଆ ମେଡିକାଲ ଉପକରଣକୁ ୩୨୫ ଟଙ୍କାରେ କରାଯାଉଛି ବିକ୍ରି, ଗୁମର ଖୋଲିଲେ ତୁକାରାମ ମୁଣ୍ଡେ

ମୁମ୍ବାଇ, ୧୬/୯(ନ୍ୟୁ.ଏ): ମହାରାଷ୍ଟ୍ରରେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ରୋଗୀଙ୍କୁ ସାମାନ୍ୟ ସିରିଞ୍ଜ ଓ ଔଷଧ କିପରି ଚଢ଼ା ଦରରେ ବିକ୍ରି ହେଉଛି ସେ ଉପରେ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସରକାରଙ୍କୁ ମହାରାଷ୍ଟ୍ର ଏଫଡିଏ କମିଶନର ତୁକାରାମ ମୁଣ୍ଡେ କହିଛନ୍ତି । ବଜାରରେ ବିକ୍ରି ହେଉଥିବା ଚିକିତ୍ସା ଉପକରଣର ମୂଲ୍ୟ ନିର୍ଦ୍ଧାରଣ ପାଇଁ ରାଜ୍ୟ ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ଅଧୀନରେ ମହାରାଷ୍ଟ୍ର ରାଜ୍ୟ ମୂଲ୍ୟ ମନିଟରିଂ ରିସୋର୍ସ ୟୁନିଟ୍ ଦ୍ୱାରା କରାଯାଇଥିବା ଏକ ବ୍ୟାପକ ବଜାର ସର୍ଭେରୁ ଜଣାପଡ଼ିଛି ଯେ, ମାତ୍ର ୧୧ ଟଙ୍କା ପଡୁଥିବା ଆଇଭିକୁ ୩୨୫ ଟଙ୍କାରେ ବିକ୍ରି କରାଯାଇଥିବାବେଳେ ୬ଟା ୭୫ ପଇସା ପଡୁଥିବା ସିରିଞ୍ଜ ୫୭ ଟଙ୍କା ୨୦ ପଇସାରେ ବିକ୍ରି ହେଉଛି । ସେହିପରି ୪୦ଟଙ୍କାର ନେବୁଲାଇଜର ମାସ୍କର ମୂଲ୍ୟ ୭୧୫ ଟଙ୍କା ରହିଛି । ଏହି ନିଷ୍କର୍ଷଗୁଡ଼ିକ ଅନିୟନ୍ତ୍ରିତ ବାଣିଜ୍ୟ ସ୍ତରୀୟ ଲାଭଖୋର ବୋଲି ବର୍ଣ୍ଣନା କରୁଥିବା ବିଷୟକୁ ସୂଚିତ କରେ । ସର୍ଭେରେ ଇନପେସେଂଟ ବିଭାଗରେ ବ୍ୟବହୃତ ବିଭିନ୍ନ ବର୍ଗର ଚିକିତ୍ସା ଉପକରଣଗୁଡ଼ିକରେ କ୍ରୟ ଖର୍ଚ୍ଚ ଓ ମୁଦ୍ରିତ ସର୍ବାଧିକ ଖୁଚୁରା ମୂଲ୍ୟ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦେଖିବାକୁ ମିଳିଥିଲା । ମୂଲ୍ୟ ବୃଦ୍ଧିକୁ 'ଅଯୌକ୍ତିକ ଓ ଅନୁଚିତ' ବୋଲି ମୁଣ୍ଡେ ଦର୍ଶାଇ କେନ୍ଦ୍ରକୁ ସାଧାରଣତଃ ବ୍ୟବହୃତ ହସ୍ପିଟାଲ ନିତ୍ୟ ବ୍ୟବହୃତ ସାମଗ୍ରୀର ମୂଲ୍ୟ ସମୀକ୍ଷା କରିବାକୁ ଅନୁରୋଧ କରିଛନ୍ତି । ପ୍ରଶାସନିକ ଓ ନିୟାମକ ହସ୍ତକ୍ଷେପ ପାଇଁ ଅନୁରୋଧ କରି, ମୁଣ୍ଡେ ଆନ୍ତଃ-ଏଜେନ୍ସି ସମୀକ୍ଷା; ବାଣିଜ୍ୟ ମାର୍ଜିନକୁ ସୀମିତ କରିବା ଭଳି ପ୍ରଶାସନିକ, ଆଇନଗତ କିମ୍ବା ନୀତିଗତ ହସ୍ତକ୍ଷେପ, ତଦାରଖ ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ କହିଥିଲେ ।

କଂଗ୍ରେସକୁ ମୂରବୀ ଶୂନ୍ୟ କରିଥିବା ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଲା ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): ଦୀର୍ଘ ୧୩ ବର୍ଷରେ ଦେଶକୁ ଦୋହଲାଇ ଦେଇଥିବା ନକ୍ସଲ ଆଟାକରେ ଆସିଛି ରାୟ । ଛତିଶଗଡ଼କୁ ମୁରବୀ ଶୂନ୍ୟ କରି ଦେଇଥିବା ଝିରମ ଘାଟି ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଛି ଫାଶୀ ଦଣ୍ଡ । ୨୦୧୩ ନରସଂହାରରେ ଝିରମ ଘାଟିରେ ହୋଇଥିବା ମାଓବାଦୀ ଆକ୍ରମଣରେ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୨୯ ଜଣ ପ୍ରାଣ ହରାଇଥିଲେ । ଏବେ ଛତିଶଗଡ଼ର ବସ୍ତର ରିଜନର ସ୍ୱତନ୍ତ୍ର ଏନଆଇଏ କୋର୍ଟ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଲାଲ ହିଂସାର ଅନ୍ୟତମ ବଡ଼ ଘଟଣା ହେଉଛି ଝିରାମ ଘାଟି ଆଟାକ । ୨୦୧୩ ମସିହା ମେ' ୨୫ ତାରିଖରେ ମାଓବାଦୀମାନେ କଂଗ୍ରେସ କନଭୟକୁ ଜାତୀୟ ରାଜପଥରେ ଆଟାକ କରିଥିଲେ । ବସ୍ତର ଜିଲ୍ଲା ଅନ୍ତର୍ଗତ ଦର୍ଭା ପୁଲିସ ଷ୍ଟେସନ ଅଧୀନରେ ଥିବା ଝିରାମ ଘାଟିର ଗୋଟିଏ ଜାତୀୟ ରାଜପଥ ଅତିକ୍ରମ କରୁଥିଲା କଂଗ୍ରେସ ନେତାମାନଙ୍କ ଗାଡ଼ି । ଏହି ସମୟରେ ମାଓବାଦୀମାନେ ପୂରା ଅଂଚଳକୁ ଘେରାବନ୍ଦୀ କରି ଗୁଳି ବର୍ଷା କରିଥିଲେ । କଂଗ୍ରେସ ନେତା ଓ କର୍ମୀମାନେ ପରିବର୍ତ୍ତନ ଶୋଭାଯାତ୍ରାକୁ ଫେରୁଥିବା ବେଳେ ନକ୍ସଲ ଆମ୍ବୁସରେ ଫସି ଯାଇଥିଲେ । ଏହି ଆକ୍ରମଣରେ ଛତିଶଗଡ଼ର ତତ୍କାଳୀନ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦୀନେଶ, ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟା ଚରଣ ଶୁକ୍ଳା ଓ ପୂର୍ବତନ ବିଧାୟକଙ୍କ ଉଦୟ ମୁଦଲିୟାରଙ୍କ ସମେତ ଅନେକ ବରିଷ୍ଠ କଂଗ୍ରେସ ନେତାଙ୍କ ମୃତ୍ୟୁ ହୋଇଥିଲା । କିଛି ସାଧାରଣ ଲୋକ ଓ ସୁରକ୍ଷାକର୍ମୀ ମଧ୍ୟ ଏହି ନକ୍ସଲ ହମଲାରେ ପ୍ରାଣ ହରାଇଥିଲା । ଏହି ଘଟଣାର ୧୩ ବର୍ଷ ପରେ ଜଗଦଲପୁର ସ୍ଥିତ ଏନଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭୟ ସିଂହ ରାଜପୁତ ୧୦ ଦୋଷୀଙ୍କ ବିରୋଧରେ ଦଣ୍ଡାଦେଶ ଘୋଷଣା କରିଛନ୍ତି । ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି । ସେପ୍ଟେମ୍ବର ୫ରେ ପ୍ରଥମେ ଏମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ । ସେମାନଙ୍କ ବିରୋଧରେ ମୋଟ ୨୪ଟି ଚାର୍ଜ ଲାଗିଥିବା ବେଳେ ୭ଟି ଦଫାରେ ସମସ୍ତଙ୍କୁ ଦଣ୍ଡବିଧାନ କରାଯିବା ସହ ୮୦୦ ଟଙ୍କା ଲେଖାଏ ଜୋରିମାନା ଲାଗୁ କରାଯାଇଛି । ଏବେ ଏନଆଇଏ କୋର୍ଟ ସମସ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଉଚ୍ଚ କୋର୍ଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରାଯିବ । ଦୋଷୀମାନଙ୍କୁ ଉପର କୋର୍ଟରେ ଆବେଦନ କରିବାକୁ ୩୦ ଦିନର ସମୟ ମିଳିଛି ।

୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ ଡିଏମ୍‌କେ ନେତାଙ୍କ ଘରେ ଚଢ଼ାଉ

ଚେନ୍ନାଇ, ୧୬/୯(ନ୍ୟୁ.ଏ): ଘରୋଇ ସ୍କୁଲ ସମ୍ପର୍କିତ ୧୦୦ କୋଟି ଟଙ୍କା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ କ୍ରାଇମବ୍ରାଂଚ (ସିସିବି) ବୁଧବାର ସକାଳେ ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ଡିଏମ୍‌କେ ନେତା ଅନ୍‌ବିଲ୍ ମହେଶଙ୍କ ତିରୁଚିରାପାଲ୍ଲି ବାସଭବନରେ ଚଢ଼ାଉ କରିଛି । ଡିଏମ୍‌କେ ନେତାଙ୍କ ବାସଭବନରେ ତଲାସି ସିସିବିର ତଦନ୍ତର ଏକ ଅଂଶ । ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ପାଇବାର ପ୍ରତିଶ୍ରୁତି ଦେଇ ଘରୋଇ ସ୍କୁଲ ମ୍ୟାନେଜମେଂଟଠାରୁ ବିପୁଳ ପରିମାଣର ଟଙ୍କା ଆଦାୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଚଢ଼ାଉ ଚାଲିଥିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କ ବାସଭବନ ବାହାରେ ଅନେକ ଡିଏମ୍‌କେ କର୍ମୀ ରୁଣ୍ଡ ହୋଇଥିଲେ । ଗତ ଜୁନ୍ ମାସରେ ସିସିବି ଡିଏମ୍‌କେ ନେତା ବିଟି ଆରାସକୁମାରଙ୍କୁ ଗିରଫ କରିଥିଲା । ପୁଲିସ ଅଭିଯୋଗ କରିଛି ଯେ, ସରକାରୀ ଅନୁମୋଦନ ଓ କ୍ଲିୟରାନ୍ସ ନାଁରେ ଆରାସକୁମାର ଅନେକ ସ୍କୁଲ ମ୍ୟାନେଜମେଂଟଠାରୁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିଲେ । ଆରାସକୁମାର ତାମିଲନାଡୁ ପ୍ରାଇଭେଟ୍ ସ୍କୁଲ୍ ଆସୋସିଏସନ୍ ନାମକ ଏକ ଅଣପଞ୍ଜିକୃତ ସଂଗଠନ ପରିଚାଳନା କରୁଥିଲେ । ସେ ତାଙ୍କର ରାଜନୈତିକ ଓ ସରକାରୀ ସମ୍ପର୍କକୁ ବ୍ୟବହାର କରି ଘରୋଇ ସ୍କୁଲ୍ ପାଇଁ ସ୍ଥାୟୀ ସ୍ୱୀକୃତି, ଗ୍ରେଡ୍ ଅପଗ୍ରେଡ୍ ଓ ବିଭିନ୍ନ ସରକାରୀ ଏଜେନ୍ସିରୁ ଅନୁମୋଦନ ଆଣିପାରିବେ ବୋଲି ଦାବି କରୁଥିଲେ । ଡିସେମ୍ବର ୨୦୨୪ରେ ଆସୋସିଏସନ୍‌ର ଉଦ୍‌ଘାଟନବେଳେ ମନ୍ତ୍ରୀ ଅନବିଲ୍ ମହେଶ ଓ ସ୍କୁଲ ଶିକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିବା ଅଭିଯୋଗ ହୋଇଛି । ଘରୋଇ ସ୍କୁଲ ମ୍ୟାନେଜମେଂଟ ପକ୍ଷରୁ ଅନେକଗୁଡ଼ିଏ ଅଭିଯୋଗ ପାଇବା ପରେ ସିସିବି ଏହାର ତଦନ୍ତକୁ ବ୍ୟାପକ କରିଛି । ଆରାସକୁମାରଙ୍କ ଗିରଫଦାରୀ ପରେ ପୁଲିସ ତାଙ୍କ ବିରୋଧରେ ଗୁଣ୍ଡା ଆଇନ ଲଗାଇଛି । ବୁଧବାର ଡିଏମ୍‌କେ ନେତାଙ୍କ ବାସଭବନରେ ଚଢ଼ାଉ ଚାଲିଛି ।

ସୁଡାନରେ ବଡ଼ ଦୁର୍ଘଟଣା ; ସୁନା ଖଣି ଧସି ୬୦ ମୃତ

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): ସୁଡାନର ୱେଷ୍ଟ କର୍ଡୋଫାନ୍ ଅଂଚଳରେ ଏକ ବଡ଼ ସୁନା ଖଣି ଦୁର୍ଘଟଣା ଘଟିଛି । ଅଲ୍-ନୁହୁଦ ସହରର ଉତରରେ ଥିବା ଏକ ଖଣି ଧସିପଡ଼ିବାରୁ ଅତି କମ୍‌ରେ ୬୦ ଜଣଙ୍କ ମୃତ୍ୟୁ ହୋଇଛି । ଏବେ ମଧ୍ୟ ଅନେକ ଲୋକ ନିଖୋଜ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି । ଗତ ରବିବାର ଏହି ଖଣି ଧସିଥିବା ବେଳେ ବୁଧବାର ସୁଦ୍ଧା ୬୦ଟି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ତିନିଜଣ ସ୍ଥାନୀୟ ସୂତ୍ର ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଉଦ୍ଧାରକାର୍ଯ୍ୟ ଜାରି ରହିଥିବାରୁ ଖଣି ଭିତରେ ଆହୁରି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ସୁଡାନ ଆଫ୍ରିକାର ପ୍ରମୁଖ ସୁନା ଉତ୍ପାଦନକାରୀ ଦେଶ ମଧ୍ୟରୁ ଅନ୍ୟତମ । ଦେଶରେ ସୁନାର ଏକ ବଡ଼ ଅଂଶ ପାରମ୍ପରିକ ଓ ଅନିୟମିତ ଖଣି ମାଧ୍ୟମରେ ଉତୋଳନ କରାଯାଏ । ଅନେକ ଖଣିରେ ଆଧୁନିକ ସୁରକ୍ଷା ବ୍ୟବସ୍ଥା, ଉପକରଣ ଓ ଉଦ୍ଧାର ପ୍ରଣାଳୀର ଅଭାବ ଥିବାରୁ ଏଭଳି ଦୁର୍ଘଟଣାର ଆଶଙ୍କା ଅଧିକ ରହିଥାଏ । ସୁନାର ଏକ ଅଂଶ ଅବୈଧ ଭାବେ ବିକ୍ରି ଓ ଚୋରାଚାଲାଣ ହେଉଥିବା ନେଇ ମଧ୍ୟ ରିପୋର୍ଟ ରହିଛି । ୱେଷ୍ଟ କର୍ଡୋଫାନ୍‌ର ଅନେକ ସୁନା ଖଣି ଅର୍ଦ୍ଧସାମରିକ ବଳ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆରଏସଏଫ)ର ନିୟନ୍ତ୍ରଣରେ ଥିବା କୁହାଯାଏ । ଏହି ଅଂଚଳରେ ସୁନା ଖଣି ଆୟର ଏକ ପ୍ରମୁଖ ଉତ୍ସ ହୋଇଥିବାରୁ ଖଣି ଶ୍ରମିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ସୁଡାନରେ ଖଣି ଦୁର୍ଘଟଣା ନୂଆ ନୁହେଁ । ଜୁଲାଇ ୨୦୨୬ରେ ଉତର ସୁଡାନର ୱାଦି ହାଲଫାରେ ଏକ ସୁନା ଖଣି ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏପ୍ରିଲରେ ମଧ୍ୟ ଏକ ଖଣି ଦୁର୍ଘଟଣାରେ ୭ ଜଣ ଶ୍ରମିକ ପ୍ରାଣ ହରାଇଥିଲେ ଏବଂ ୬ ଜଣ ଆହତ ହୋଇଥିଲେ ।

ମକ୍କା ନିକଟରେ ହୁତୀ ଡ୍ରୋନ୍ ଆକ୍ରମଣ ଘଟଣା, ନିନ୍ଦା କଲା ଭାରତ

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): ଇସଲାମ ଧର୍ମର ସବୁଠୁ ପବିତ୍ର ସ୍ଥାନ ଭାବେ ପରିଚିତ ମକ୍କା ନିକଟରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଘଟଣାକୁ ନେଇ ଭାରତ ଚିନ୍ତା ପ୍ରକାଶ କରିଛି । ସାଉଦି ଆରବର ମକ୍କା ନିକଟରେ ଘଟିଥିବା ଏହି ଘଟଣାକୁ ଭାରତ ବୁଧବାର ନିନ୍ଦା କରିଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ମକ୍କା ବିଶ୍ୱର ମୁସଲିମ୍ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଧାର୍ମିକ ସ୍ଥାନ । ଏଭଳି ସ୍ଥାନ ନିକଟରେ ହିଂସାତ୍ମକ ଘଟଣା ଘଟିବା ଚିନ୍ତାଜନକ ବିଷୟ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ମକ୍କା ନିକଟରେ ଘଟିଥିବା ଘଟଣାକୁ ନେଇ ଭାରତ ଗଭୀର ଭାବେ ଚିନ୍ତିତ । ସାଉଦି ଆରବର ସାର୍ବଭୌମତ୍ୱ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରୁଛି । ସାଧାରଣ ଲୋକ ଏବଂ ଧାର୍ମିକ ପ୍ରତିଷ୍ଠାନକୁ ବିପଦରେ ପକାଇବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଭାରତ ଆଶା ପ୍ରକାଶ କରିଛି ଯେ, ଅଂଚଳରେ ଶୀଘ୍ର ଶାନ୍ତି ଫେରିବା ସହ ସ୍ଥିତିରେ ସୁଧାର ଆସିବ । ଅନ୍ୟପଟେ ସାଉଦି ଆରବ ପକ୍ଷରୁ କୁହାଯାଇଛି ଯେ, ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ହୁତୀଙ୍କ ଏକ ଡ୍ରୋନ୍‌କୁ ମକ୍କାର ଦକ୍ଷିଣ ଅଂଚଳରେ ଖସାଇ ଦେଇଛି । ତେବେ ଡ୍ରୋନ୍‌ଟି ମକ୍କା ସହର ଭିତରେ ପ୍ରବେଶ କରିଥିଲା ବୋଲି ନୁହେଁ, ବରଂ ମକ୍କା ନିକଟରେ ଏହାକୁ ଅଟକାଯାଇଥିବା ନେଇ ରିପୋର୍ଟ ରହିଛି ।

ଇପିଏଫ ଦରମା ସୀମା ୨୫ ହଜାରକୁ ବୃଦ୍ଧି

ନୂଆଦିଲ୍ଲୀ, ୧୬/୯(ନ୍ୟୁ.ଏ): କେନ୍ଦ୍ର କ୍ୟାବିନେଟର ବଡ଼ ଘୋଷଣା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟରେ କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ବା ଇପିଏଫଓ ସମ୍ପର୍କରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ବାଧ୍ୟତାମୂଳକ ଭାବେ ଇପିଏଫଓ ସୀମା ବୃଦ୍ଧି ପାଇଁ ଦେଇଥିବା ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି । କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ଓ କର୍ମଚାରୀ ପେନସନ ସ୍କିମ(ଇପିଏସ୍) ସୀମାକୁ ବାଧ୍ୟତାମୂଳକ ଭାବେ ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଇପିଏଫର ୧୫ ହଜାର ଦରମା ସୀମା ୨୦୨୪ ସେପ୍ଟେମ୍ବର ୧ରୁ ବଳବତର ରହିଥିଲା । ଏବେ ୧୨ ବର୍ଷ ପରେ କେନ୍ଦ୍ର ସରକାର ଏହାକୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏବେ ଯେଉଁ ସଂଗଠିତ କର୍ମଚାରୀଙ୍କ ଦରମା ୧୫ରୁ ୨୫ ହଜାର ଟଙ୍କା ମଧ୍ୟରେ ରହିଛି, ସେମାନେ ବାଧ୍ୟତାମୂଳକ ଭାବେ ଇପିଏଫ ଓ ଇପିଏସ୍ ଯୋଜନା ମଧ୍ୟରେ ରହିବେ । ବର୍ତ୍ତମାନ ମାସିକ ୧୫,୦୦୦ ଟଙ୍କାରୁ ଅଧିକ ବେତନରେ ନୂଆ ଚାକିରିରେ ଯୋଗ ଦେଉଥିବା କର୍ମଚାରୀ ଆପେଆପେ ଇପିଏଫ ବ୍ୟବସ୍ଥାରେ ସାମିଲ ହୁଅନ୍ତି ନାହିଁ । ଏଥିଯୋଗୁ ସେମାନେ ବାଧ୍ୟତାମୂଳକ ଭବିଷ୍ୟନିଧି, ପେନସନ୍ ଓ ଏହା ସହ ଜଡ଼ିତ ବୀମା ସୁବିଧାରୁ ବାହାରେ ରୁହନ୍ତି । ବେତନ ସୀମା ୨୫,୦୦୦ ଟଙ୍କାକୁ ବୃଦ୍ଧି ଯୋଗୁ ୧୫,୦୦୦ରୁ ୨୫,୦୦୦ ଟଙ୍କା ବେତନ ପାଉଥିବା କର୍ମଚାରୀ ବାଧ୍ୟତାମୂଳକ ଭାବେ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହୋଇପାରିବେ । କ୍ୟାବିନେଟ ନିଷ୍ପତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଧାର୍ଯ୍ୟ ଇପିଏଫଓ ବେତନ ବୃଦ୍ଧି ଯୋଗୁ ପ୍ରାୟ ୫୧ ଲକ୍ଷ କର୍ମଚାରୀ ଲାଭବାନ ହେବେ । ଦୀର୍ଘ ସମୟ ଧରି ବଢୁଥିବା ବେତନ, ଆୟ ବୃଦ୍ଧି ଏବଂ ସଂଗଠିତ ନିଯୁକ୍ତିର କ୍ରମାଗତ ବିସ୍ତାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । କ୍ୟାବିନେଟ ଅନୁମୋଦନ ଯୋଗୁ କର୍ମଚାରୀମାନେ ଭବିଷ୍ୟନିଧି ସଂଚୟ, କର୍ମଚାରୀ ପେନ୍‌ସନ୍ ଯୋଜନା ଅଧୀନରେ ପେନ୍‌ସନ୍ ସୁରକ୍ଷା ଓ ବୀମା ଯୋଜନା ଅଧୀନରେ ସୁରକ୍ଷା ପାଇପାରିବେ । ଏହି ନିଷ୍ପତି ସରକାରଙ୍କ ଉପରେ ରାଜସ୍ୱ ବୋଝ ୫ ବର୍ଷ ମଧ୍ୟରେ ୫୬,୬୯୬ କୋଟି ଟଙ୍କାକୁ ବୃଦ୍ଧି କରିବ । ବର୍ତ୍ତମାନ ସରକାର ପ୍ରତିବର୍ଷ ପ୍ରାୟ ୧୦,୨୫୦ କୋଟି ଟଙ୍କାର ବଜେଟ୍ ସହାୟତା ଦେଉଛନ୍ତି । ହେଲେ ଏବେ ଏହା ବାର୍ଷିକ ୧୧,୩୩୯ କୋଟିରେ ପହଂଚିବ । ବର୍ତ୍ତମାନର ନିୟମ ଅନୁସାରେ, ଇପିଏଫ ଯୋଗଦାନ ମୂଳ ଦରମାର ୧୨% ହିସାବରେ ଲାଗୁ ହେଉଛି । ଏହି ଯୋଗଦାନ ସଂପୂର୍ଣ୍ଣ ଭାବେ ବାଧ୍ୟତାମୂଳକ । ଏବେ ଇପିଏଫ ଯୋଗଦାନ ସୀମା ୨୫ ହଜାରକୁ ବୃଦ୍ଧି ପାଇଥିବାରୁ ଜଣେ କର୍ମଚାରୀଙ୍କ ମାସିକ ଯୋଗଦାନ ୧୨% ହିସାବରେ ୧୮୦୦ ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି ପାଇ ପାରିବ । ଏହାଦ୍ୱାରା ମାସିକ ହାତକୁ ଆସୁଥିବା ଦରମା ୧୨୦୦ ଟଙ୍କା ହ୍ରାସ ପାଇବ । କାରଣ ପୂର୍ବରୁ ୧୫ ହଜାର ସୀମା ଅନୁସାରେ ୧୨% ହିସାବରେ ୧୮୦୦ ଟଙ୍କା ଟେକ ହୋମ ସାଲାରୀରୁ କଟା ଯାଉଥିଲା । ତେବେ ଏହି ଯୋଗଦାନ ଦେଶର ଦରମାପ୍ରାପ୍ତ ଶ୍ରମିକଙ୍କୁ ଅଧିକ ସାମାଜିକ ସୁରକ୍ଷା ଦେବାରେ ସହାୟକ ହେବ ବୋଲି କୁହାଯାଇଛି । ତତ୍କାଳ ଭାବେ ଟେକ ହୋମ ଦରମା ହ୍ରାସ ପାଇଥିଲେ ହେଁ ଏହା ଦୀର୍ଘକାଳୀନ ଅବସର ଜମାରେ ଫାଇଦା ଦେବ ବୋଲି ସରକାର କହିଛନ୍ତି । ଯଦି ଇପିଏଫ୍ ଯୋଗଦାନ ବର୍ତ୍ତମାନ ଭଳି ନିର୍ଦ୍ଧାରିତ ସୀମା ମଧ୍ୟରେ ରହେ, ତେବେ ହାତକୁ ମିଳୁଥିବା ଦରମା ଉପରେ ତତ୍କାଳ ଭାବେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ବର୍ତ୍ତମାନ, ଇପିଏଫ୍ ଯୋଗଦାନ ଦୁଇଟି ଉପାୟରେ ହିସାବ କରାଯାଉଛି । କେତେକ ସଂସ୍ଥାରେ ୧୫,୦୦୦ ଟଙ୍କାର ବେତନ ସୀମାକୁ ଆଧାର କରି ଇପିଏଫ ହିସାବ କରାଯାଉଥିବା ବେଳେ, ଅନ୍ୟ କେତେକ ସଂସ୍ଥା କର୍ମଚାରୀଙ୍କ ପ୍ରକୃତ ବେସିକ୍ ପେ' ଆଧାରରେ ଇପିଏଫ ଯୋଗଦାନର ହିସାବ କରୁଛନ୍ତି । ଯେଉଁ କର୍ମଚାରୀଙ୍କ ଇପିଏଫ୍ ଯୋଗଦାନ ଏବେ ୧୫,୦୦୦ ଟଙ୍କାରେ ସୀମିତ ରହିଛି, ସେମାନଙ୍କ ପାଇଁ ବେତନ ସୀମା ବଢ଼ିଲେ ଇପିଏଫ୍ ଯୋଗଦାନ ବଢ଼ିପାରେ । ସେହିପରି ଯେଉଁ କର୍ମଚାରୀଙ୍କ ଇପିଏଫ୍ ଯୋଗଦାନ ୧୫,୦୦୦ ଟଙ୍କାରୁ ଅଧିକ ବେସିକ୍ ପେ' ଆଧାରରେ ହିସାବ କରାଯାଉଛି, ସେମାନଙ୍କ ଉପରେ ଏହାର କୌଣସି ବିଶେଷ ପ୍ରଭାବ ପଡ଼ିବ ନାହିଁ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das